
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI
♦VOLUME- 44 ♦ISSUE-34 ♦TUESDAY ♦28 JULY 2026 ♦PAGE-12 ♦₹ 7.00
♦ବର୍ଷ-୪୪ ♦ସଂଖ୍ୟା-୩୪ ♦ମଙ୍ଗଳବାର ♦୨୮ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ ୭.୦୦

### ସରିଲା ଶ୍ରୀଗୁଣ୍ଡିଚା ଯାତ୍ରା

# ରତ୍ନବେଦୀରେ ମହାବାହୁ



■ ପୁରୀ, ୨୭।୭ (ସମିସ): ଶେଷ ହୋଇଛି ଚଳିତବର୍ଷର ଶ୍ରୀଗୁଣ୍ଡିଚା ଯାତ୍ରା। ନବଦିନାତ୍ମକ ଯାତ୍ରା ଶେଷ କରି ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରିନାଥ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଅର୍ଥାତ୍ ୨୯ ଦିନ ଧରି ଶୂନ୍ୟ ପଡ଼ିଥିବା ରତ୍ନସିଂହାସନ ପୁଣି ପୂରିଉଠିଛି। ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଏଥିସହ ଚଳିତବର୍ଷର ରଥଯାତ୍ରା ପରିସମାପ୍ତି ଘଟିଛି। ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ପରେ ରତ୍ନବେଦୀକୁ ବିଜେ କରିଛନ୍ତି କାଳିଆ ସାଆନ୍ତ। ମଙ୍ଗଳବାରଠାରୁ ବଡ଼ଦେଉଳରେ ପୁଣି ଆରମ୍ଭ ହେବ ଦାରୁଦିଅଁଙ୍କ ଲୀଳାଖେଳା। ଚଳଚଞ୍ଚଳ ହୋଇଉଠିବ ରୋଷଶାଳା, ବାହାରିବ ନୀଳାଚଳ ଅବଢ଼ା। ଭକ୍ତ ପାଇବେ ମହାପ୍ରସାଦ, ଆଉ ଶ୍ରୀମନ୍ଦିରରେ ଲାଗିବ ଗହଳ ଚହଳ।

**ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କଲେ ଶ୍ରୀଜଗନ୍ନାଥ**

**ଆଜିଠୁ ମିଳିବ ନୀଳାଚଳ ଅବଢ଼ା, ଶ୍ରୀମନ୍ଦିରରେ ଲାଗିବ ଗହଳଚହଳ**

ଜୁଲାଇ ୧୬ରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ନବଦିନାତ୍ମକ ଯାତ୍ରା ଶେଷ କରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହାରି ସିଂହଦ୍ୱାରରେ ପହଞ୍ଚିଥିଲେ ଦାରୁବିଗ୍ରହ। ସୁନାବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ଏବେ ରତ୍ନସିଂହାସନକୁ ବିଜେ କରିଛନ୍ତି ମହାପ୍ରଭୁ। ସୋମବାର ନୀଳାଦ୍ରି ବିଜେ ପାଇଁ ସକାଳ ୮ଟା ସୁଦ୍ଧା ତିନିରଥରେ ମଙ୍ଗଳ ଆଳତି ହୋଇଥିଲା। ଅବକାଶ, ଗୋପାଳ ବଲ୍ଲଭ ଓ ସକାଳଧୂପ ପୂର୍ବାହ୍ଣ ୧୧ଟା ୪୫ରେ ବଢ଼ିଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ନୀତି ଚାଲିଥିଲା। ଅପରାହ୍ଣ ୨ଟା ୩୦ସୁଦ୍ଧା ମଧ୍ୟାହ୍ନ ଧୂପ ସରିଥିଲା। ନୀତି ତ୍ୱରାନ୍ୱିତ କରାଯାଇ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟା ଧୂପ ନୀତି ଅପରାହ୍ଣ ୫ଟା ୧୦ରେ ସରିଥିଲା। ଅପରାହ୍ଣ ୩ଟାରୁ ୩ଟା ୧୫ରେ ସନ୍ଧ୍ୟା ଆଳତି ▶ପୃଷ୍ଠା-୭

### ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ

# ଷଷ୍ଠ ଦିନ ପାଇଁ ମଧ୍ୟ ଚାଲିପାରିଲାନି ସଂସଦ

■ ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ଗତ ୨୦ ତାରିଖରେ କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି। ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ ମାଡ଼ କରିବା ଲାଗି କିଏ ଅନୁମତି ଦେଇଥିଲା? ବିରୋଧୀ ଦଳ ଆଜି ସଂସଦର ଉଭୟ ଗୃହରେ ଏହି ପ୍ରଶ୍ନ ଉଠାଇବା ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଉତ୍ତର ଦାବି କରିଥିଲେ। ହଟ୍ଟଗୋଳ ମଧ୍ୟରେ ସରକାର ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ୍ ଆଗତ କରିଥିଲେ ମଧ୍ୟ ଏହା ଉପରେ ଆଲୋଚନା ହୋଇପାରି ନାହିଁ।

**ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ୍ ଆଗତ, ଆଜି ହୋଇପାରେ ଆଲୋଚନା**




ଫଳରେ ଚଳିତ ମୌସୁମୀ ଅଧିବେଶନରେ କ୍ରମାଗତ ଷଷ୍ଠ ଦିନ ଧରି ସଂସଦ ଅଚଳ ରହିଛି। ତେବେ ଆସନ୍ତାକାଲି ଏହି ବିଲ ଉପରେ ଆଲୋଚନା ପାଇଁ ସମସ୍ତ ଦଳ ରାଜି ହୋଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଆଜି ସଂସଦ ଆରମ୍ଭ ହେବାମାତ୍ରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପ୍ରବଳ ହଟ୍ଟଗୋଳ କରିଥିଲେ। ରାଜ୍ୟସଭାରେ ହଟ୍ଟଗୋଳ ଚାଲିଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ପ୍ରଶ୍ନପତ୍ର ଲିକ୍ ବିଲ ଉପରେ ବିରୋଧୀ ଦଳ ଆଲୋଚନା କରିବାକୁ ଚାହୁ ନାହାନ୍ତି। ଏହି ସମୟରେ କଂଗ୍ରେସ ନେତା ମଲ୍ଲିକାର୍ଜ୍ଜୁନ ଖଡ଼ଗେ କହିଥିଲେ ଯେ ସେମାନେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କାହିଁକି ବିବୃତି ଦେଉ ନାହାନ୍ତି। ତାଙ୍କୁ ସମର୍ଥନ ଜଣାଇ ବିରୋଧୀ ଦଳ ହଙ୍ଗାମା କରିବାକୁ ଗୃହକୁ ମୁଲତବୀ ▶ପୃଷ୍ଠା-୭

# କେବଳ ଆନ୍ଦୋଳନ ପାଇଁ ଲାଠିମାଡ଼ କରାଯାଇପାରିବନି

■ ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ଦେଶସାରା ଚାଲିଥିବା ଛାତ୍ରଆନ୍ଦୋଳନ ସମୟରେ ପୁଲିସର ମାତ୍ରାଧିକ ବଳପ୍ରୟୋଗ ଓ ଲାଠିଚାଳନାକୁ ନେଇ ସୁପ୍ରିମ କୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି ଯେ କେବଳ ଆନ୍ଦୋଳନ କିମ୍ବା ପ୍ରତିବାଦ ହେଉଛି ବୋଲି ପୁଲିସ ଲାଠିଚାଳନା କରିପାରିବ ନାହିଁ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଦେଶର ବିଭିନ୍ନ ଭାଗରେ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଆଗତ ଆବେଦନଗୁଡ଼ିକର ଶୁଣାଣି ସମୟରେ ଏହି ଟିପ୍ପଣୀ ଦେଇଛନ୍ତି। ନୂଆଦିଲ୍ଲୀର ଯନ୍ତର ମନ୍ତରରେ ନିଟ୍ ପରୀକ୍ଷା ଅନିୟମିତତା ବିରୋଧରେ ହୋଇଥିବା ପ୍ରତିବାଦ ଏବଂ ବିହାରର ସିୱାନରେ ଏକେ-୪୭ ରାଇଫଲ ବ୍ୟବହାର ଭଳି ଅଭିଯୋଗକୁ ନେଇ କୋର୍ଟରେ ନୂଆ ପିଟିସନ ଦାଖଲ କରାଯାଇଥିଲା। ଶୁଣାଣି ସମୟରେ ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ ହେବା ▶ପୃଷ୍ଠା-୭



### ନିଟ୍ ପରେ ଏବେ ବହି ତ୍ରୁଟି

# ଦାନା ବାନ୍ଧିଲା ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା

■ ଭୁବନେଶ୍ୱର, ୨୭।୭ (ସମିସ): ରାଜ୍ୟର ସରକାରୀ ସ୍କୁଲ ପାଇଁ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକରେ ତ୍ରୁଟି ଧରାପଡ଼ିବା ଘଟଣାକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହୋଇଛି। ଏହି ପ୍ରସଙ୍ଗରେ ଏବେ ବିରୋଧୀ ଦଳଗୁଡ଼ିକ ସିଧାସଳଖ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ନିଶାଣ କରିଛନ୍ତି। ଛାତ୍ର ଓ ଯୁବବିଜେଡି ଏହି ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରୁଛି, ଅନୁରୂପ ଭାବରେ କଂଗ୍ରେସ ମଧ୍ୟ ପଢ଼ାବହିରେ ତ୍ରୁଟିକୁ ନେଇ ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଆସୁଛି। ନିଟ୍ ବିଭ୍ରାଟ ଓ କକ୍ରୋଚ୍ ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପରେ ଏବେ ଓଡ଼ିଶାରେ ପାଠ୍ୟପୁସ୍ତକ ବିଭ୍ରାଟ ପ୍ରସଙ୍ଗରେ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ପଦ ଛାଡ଼ିବାକୁ ବିରୋଧୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଆ ବହିରେ ଏହି ତ୍ରୁଟିକୁ ପ୍ରସଙ୍ଗ ଏବେ କେବଳ ରାଜ୍ୟମଧ୍ୟରେ ସୀମିତ ନାହିଁ। ପୂର୍ବରୁ ଜାତୀୟ ଗଣମାଧ୍ୟମରେ ଏହି ପ୍ରସଙ୍ଗରେ ଓଡ଼ିଶା ନିନ୍ଦିତ ହୋଇଥିବାବେଳେ ଆଜି ସଂସଦରେ ମଧ୍ୟ ଓଡ଼ିଶାରେ ପଢ଼ା ବହିରେ ତ୍ରୁଟି ପ୍ରସଙ୍ଗ ଉତ୍ଥାପିତ ହୋଇଛି।

**ଓଡ଼ିଶାରେ ୫-୫ଟି ପାଠ୍ୟ ପୁସ୍ତକରେ ଚିହ୍ନଟ ହୋଇଛି ତ୍ରୁଟି: କେନ୍ଦ୍ର ସରକାର**

ଲୋକସଭାରେ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା ଏ ସଂକ୍ରାନ୍ତରେ ପ୍ରକାଶ କରିଥିବା ଉଦ୍‌ବେଗକୁ ଲକ୍ଷ୍ୟ କରି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ତଥ୍ୟ ଅନୁସାରେ ଏନ୍‌ସିଇଆରଟି ଢାଞ୍ଚାରେ ପ୍ରସ୍ତୁତ ୫-୫ଟି ପାଠ୍ୟପୁସ୍ତକ ମଧ୍ୟରେ ତ୍ରୁଟି ଚିହ୍ନଟ ହେବା ପରେ ଏସ୍‌ସିଇଆରଟି ପକ୍ଷରୁ କରିଜେଣ୍ଡମ୍ ▶ପୃଷ୍ଠା-୭

# ବିଶ୍ୱାସ ଭାଙ୍ଗିଛି ଶିକ୍ଷା ବିଭାଗ: ନବୀନ

■ ଭୁବନେଶ୍ୱର, ୨୭।୭ (ସମିସ): ରାଜ୍ୟରେ ପ୍ରଥମରୁ ଅଷ୍ଟମ ସ୍କୁଲ ପାଠ୍ୟପୁସ୍ତକରେ ୧୭୬୭ ମୁଦ୍ରଣ ଜନିତ ତ୍ରୁଟି ନେଇ ବିଜେଡି ପକ୍ଷରୁ ଲଗାତାର ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇ ଆସୁଛି। ଏହିକ୍ରମରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ପ୍ରଦାନ କରିବା ଉଚିତ୍ ବୋଲି ଟିପ୍ପଣୀ ଦେବା ପରେ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫାକୁ ନେଇ ଦାବି ତୀବ୍ରତର ହୋଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି, ଶିକ୍ଷା ବ୍ୟବସ୍ଥା ପ୍ରତି ବିଶ୍ୱାସ ଭାଙ୍ଗି ଦେଇଛି। ତେଣୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦେଇ ଦେବା ଉଚିତ। ▶ପୃଷ୍ଠା-୭



**ତୁରନ୍ତ ଇସ୍ତଫା ଦିଅନ୍ତୁ ଗଣଶିକ୍ଷାମନ୍ତ୍ରୀ**

# ସିଜେପିର ପୁଣି ଆନ୍ଦୋଳନ ଧମକ

**କେନ୍ଦ୍ରକୁ ୨୪ ଘଣ୍ଟାର ମହଲତ**

**ପ୍ରତିଶ୍ରୁତି ସତ୍ତ୍ୱେ ବିହାର, ଆସାମ, ପଶ୍ଚିମବଙ୍ଗରେ ଦମନଲୀଳା ଜାରି**

■ ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ହୋଇଥିବା ଆନ୍ଦୋଳନରେ ସାମିଲ କୌଣସି ଆନ୍ଦୋଳନକାରୀ କିମ୍ବା ସଂଗଠକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବନାହିଁ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ ସମ୍ମାନ ଜଣାଉ ନାହାନ୍ତି ବୋଲି ଅଭିଯୋଗ କରିଛି କକ୍ରୋଚ୍ ଜନତା ପାର୍ଟି(ସିଜେପି)। କେନ୍ଦ୍ରର ପ୍ରତିଶ୍ରୁତି ସତ୍ତ୍ୱେ ବିହାର, ପଶ୍ଚିମ ବଙ୍ଗ ଏବଂ ଆସାମ ସମେତ ଅନେକ ବିଜେପି ଶାସିତ ରାଜ୍ୟରେ ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଶହଶହ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଉଛି ଏବଂ ସେମାନଙ୍କ ବିରୋଧରେ କଠୋର ଦଫା ମଧ୍ୟ ଲଗାଯାଉଛି। ଦିଲ୍ଲୀରେ ମଧ୍ୟ ଆନ୍ଦୋଳନକାରୀଙ୍କୁ ହଇରାଣ କରାଯାଉଛି। ଏହାକୁ ନେଇ କକ୍ରୋଚ୍ ଜନତା ପାର୍ଟି ବିରକ୍ତି ▶ପୃଷ୍ଠା-୭

**ଧମକ ପରେ ନରମିଲେ ବିହାର ସରକାର**








# ପରଲୋକରେ ସୁଶାନ୍ତ ସିଂହ

■ ଭୁବନେଶ୍ୱର, ୨୭।୭ (ସମିସ): ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କର ରବିବାର ରାତିରେ ପରଲୋକ ଘଟିଛି। କିଛିଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ସୋମବାର ସକାଳୁ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତ ଶ୍ରୀ ସୁଶାନ୍ତ ସିଂହଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଶଙ୍ଖ ଭବନରେ ତାଙ୍କ ପାର୍ଥିବ ଶରୀରକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ଅବସରରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁଶାନ୍ତ ସିଂହଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୁଶାନ୍ତଙ୍କ ପରଲୋକ ▶ପୃଷ୍ଠା-୭

**ସମଗ୍ର ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି: ନବୀନ**

### ଗଭୀର ଅବପାତ

# ଆଜି ୧୬ ଜିଲ୍ଲାରେ ଛେଚିବ

■ ଭୁବନେଶ୍ୱର, ୨୭।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଅବପାତ ସୋମବାର ସକାଳେ ଗଭୀର ଅବପାତରେ ପରିଣତ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ଗଭୀର ଅବପାତଟି ଘଣ୍ଟାପ୍ରତି ୩ କିଲୋମିଟର ବେଗରେ ଧୀରେ ଧୀରେ ଉତ୍ତର ଦିଗ ଆଡ଼କୁ ହୋଇଛି। ଏହାର ପ୍ରଭାବରେ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରିଛି ପାଣିପାଗ କେନ୍ଦ୍ର।

ସୂଚନା ଅନୁଯାୟୀ ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ସହିତ ଏହି ଜିଲ୍ଲାଗୁଡ଼ିକରେ ବିଜୁଳି, ଘଡଘଡି ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ,



ନୂଆପଡ଼ା ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ଆଶଙ୍କାରେ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାମାନଙ୍କରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଓ ଘଡଘଡିର ଆଶଙ୍କା ରହିଥିବା କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ୨୯ ତାରିଖ ସକାଳୁ ବର୍ଷାର ପରିମାଣ ଧୀରେ ଧୀରେ କମିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ୪ଟି ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ୧୪ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ▶ପୃଷ୍ଠା-୭

## ଦୁବାଇ-ମୁମ୍ବାଇ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ରାଜକୋଟ, ୨୭ ।୭(ଏଜେନ୍ସି): ଦୁବାଇରୁ ମୁମ୍ବାଇ ଆସୁଥିବା ଇଣ୍ଡିଗୋର ଏକ ଯାତ୍ରୀବାହୀ ବିମାନରେ ହଠାତ୍ ଧୂଆଁ ଦେଖାଯିବା ପରେ ସୋମବାର ରାଜକୋଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ (ଇମର୍ଜେନ୍ସି ଲ୍ୟାଣ୍ଡିଂ) କରାଯାଇଛି । ଉଡ଼ାଣ ସମୟରେ ବିମାନର ପାଇଲଟ୍



ଧୂଆଁ ଦେଖିବାକୁ ପାଇଥିଲେ ଏବଂ ତୁରନ୍ତ ରାଜକୋଟ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ସମ୍ପର୍କ କରି ଜରୁରୀକାଳୀନ ଅବତରଣ ପାଇଁ ଅନୁମତି ମାଗିଥିଲେ । ସୂଚନା ପାଇବା ମାତ୍ରେ ସୁରକ୍ଷା ଦୃଷ୍ଟିରୁ ବିମାନବନ୍ଦରରେ ପୁଲିସ, ନିଆଁଲିଭା ବାହିନୀ ଏବଂ ଆମ୍ବୁଲାନ୍ସକୁ ସଜାଗ ରଖାଯାଇଥିଲା । ବିମାନଟି ସୁରକ୍ଷିତ ଭାବେ ଅବତରଣ କରିବା ପରେ ସମସ୍ତ ଯାତ୍ରୀଙ୍କୁ କୌଣସି କ୍ଷତି ନପହଞ୍ଚାଇ ନିରାପଦରେ ବାହାରକୁ ବାହାର କରାଯାଇଛି । ରାଜକୋଟ ପୁଲିସ କମିଶନରଙ୍କ ସୂଚନା ଅନୁସାରେ, ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ଭୟଭୀତ ହେବାର କୌଣସି କାରଣ ନାହିଁ । ଗତ କିଛି ମାସ ମଧ୍ୟରେ ଇଣ୍ଡିଗୋ ବିମାନରେ ଏହା ଦ୍ୱିତୀୟ ଜରୁରୀକାଳୀନ ଘଟଣା । ଏହାପୂର୍ବରୁ ମେ' ମାସରେ ହାଇଦ୍ରାବାଦରୁ ଚଣ୍ଡୀଗଡ଼ ଯାଉଥିବା ଏକ ବିମାନରେ ଯାତ୍ରୀଙ୍କ ପାୱାର ବ୍ୟାଙ୍କ ଫାଟିଯିବାରୁ ଧୂଆଁ ବ୍ୟାପିଯାଇଥିଲା ଏବଂ ଜରୁରୀକାଳୀନ ସ୍ଥିତିରେ ଯାତ୍ରୀଙ୍କୁ ଓହ୍ଲାଯାଇଥିଲା ।

## ଭାରତୀୟ ନାବିକଙ୍କ ଜାହାଜ ଉପରେ ଆକ୍ରମଣ: ୟୁକ୍ରେନ ରାଷ୍ଟ୍ରଦୂତଙ୍କୁ ସମନ

ନୂଆଦିଲ୍ଲୀ, ୨୭ ।୭(ଏଜେନ୍ସି): ୟୁକ୍ରେନର ଓଡେସା ବନ୍ଦର ନିକଟରେ ଚାରିଜଣ ଭାରତୀୟ ନାବିକ ଥିବା ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଘଟଣାକୁ ନେଇ ଭାରତ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି । ଘଟଣା ପରେ ବିଦେଶ ମନ୍ତ୍ରଣାଳୟ ୟୁକ୍ରେନର ରାଷ୍ଟ୍ରଦୂତଙ୍କୁ ତଲବ କରିଛି । କୃଷ୍ଣସାଗର ଅଞ୍ଚଳରେ ବଢୁଥିବା ସୁରକ୍ଷା ସଙ୍କଟ ମଧ୍ୟରେ ଓଡେସା ବନ୍ଦର ନିକଟରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହୋଇଥିଲା । ଜାହାଜରେ ଥିବା ଚାରିଜଣ ଭାରତୀୟଙ୍କ ମଧ୍ୟରୁ ଦୁଇଜଣ ସୁରକ୍ଷିତ ଥିବାବେଳେ ଅନ୍ୟ ଦୁଇଜଣଙ୍କ ସମ୍ପର୍କରେ ସୂଚନାକୁ ଅପେକ୍ଷା କରାଯାଉଛି । ଏହା ପୂର୍ବରୁ ଏହି ମାସରେ ଘଟିଥିବା ଆଉ ଏକ ଆକ୍ରମଣରେ ଚାରିଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିଲା ଏବଂ ଜଣେ ଗୁରୁତର ଆହତ ହୋଇଥିଲେ । ଏହି ପ୍ରସଙ୍ଗରେ ୟୁକ୍ରେନର ବିଦେଶମନ୍ତ୍ରୀ ଭାରତର ବିଦେଶମନ୍ତ୍ରୀଙ୍କୁ ଶୋକବାର୍ତ୍ତା ପଠାଇବା ସହ ନିହତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । କୃଷ୍ଣସାଗର ଅଞ୍ଚଳର ବିଗଡୁଥିବା ସୁରକ୍ଷା ପରିସ୍ଥିତିକୁ ନେଇ ଉଭୟ ଦେଶର ବିଦେଶମନ୍ତ୍ରୀଙ୍କ ମଧ୍ୟରେ ଶୀଘ୍ର ଆଲୋଚନା ହେବାର ସମ୍ଭାବନା ରହିଛି । ବିଦେଶରେ ଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ଭାରତ ସର୍ବାଧିକ ପ୍ରାଥମିକତା ଦେଉଥିବା କଥା ପୁଣିଥରେ ସ୍ପଷ୍ଟ ହୋଇଛି ।

## ନିଟ୍ ପରୀକ୍ଷାରେ ବିଫଳ ଛାତ୍ରୀଙ୍କ ଆତ୍ମହତ୍ୟା

ଅହଲ୍ୟାନଗର, ୨୭ ।୭(ଏଜେନ୍ସି): ମହାରାଷ୍ଟ୍ରର ଅହଲ୍ୟାନଗର ଜିଲ୍ଲାର ଜଣେ ୧୯ ବର୍ଷୀୟା ନିଟ୍ ପରୀକ୍ଷାର୍ଥୀ ପୁନଃପରୀକ୍ଷାରେ ଆଶାନୁରୂପ ଫଳ ନ ପାଇ ମାନସିକ ଅବସାଦରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପରିବାର ସୂଚନା ଅନୁଯାୟୀ, ଛାତ୍ରୀଙ୍କ ସ୍ୱପ୍ନ ଥିଲା ଡାକ୍ତର ହେବା । ପ୍ରଥମ ପରୀକ୍ଷାରେ ଭଲ ନମ୍ବର ପାଇଥିଲେ ମଧ୍ୟ ପୁନଃପରୀକ୍ଷାରେ ସେ କେବଳ ୧୬୬ ନମ୍ବର ପାଇଥିଲେ ଏବଂ ଯୋଗ୍ୟତା ନମ୍ବରଠାରୁ ଏଗାର ନମ୍ବର କମ୍ ରହିଯାଇଥିଲେ । ଏହା ପରେ ସେ ଗଭୀର ମାନସିକ ଚାପରେ ଥିଲେ । ଘଟଣାସ୍ଥଳରୁ ଏକ ଚିଠି ମିଳିଥିବାବେଳେ ସେଥିରେ ପରିବାରକୁ ନିଜ ମୃତ୍ୟୁ ପାଇଁ ଦାୟୀ ନ କରିବାକୁ ଅନୁରୋଧ କରିଥିବା ସହ ନିଜ ସ୍ୱପ୍ନ ପୂରଣ କରିପାରିନଥିବାର ଦୁଃଖ ପ୍ରକାଶ କରିଥିଲେ । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ପୁଣିଥରେ ପ୍ରତିଯୋଗିତାମୂଳକ ପରୀକ୍ଷାକୁ କେନ୍ଦ୍ର କରି ଛାତ୍ରଛାତ୍ରୀଙ୍କ ମାନସିକ ଚାପ ଏବଂ ସେମାନଙ୍କୁ ସମୟୋପଯୋଗୀ ମାନସିକ ସହାୟତାର ଆବଶ୍ୟକତାକୁ ସାମ୍ନାକୁ ଆଣିଛି ।

## ହସ୍ପିଟାଲରୁ ବାହାରିଲେ ୱାଙ୍ଗଚୁକ୍



ନୂଆଦିଲ୍ଲୀ, ୨୭ ।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ ଆମରଣ ଅନଶନରେ ବସିଥିବା ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍ ସୁସ୍ଥ ହୋଇ ଗୁରୁଗ୍ରାମର ମେଦାନ୍ତା ଡାକ୍ତରଖାନାରୁ ଫେରିଛନ୍ତି । ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ସେ ପ୍ରଥମେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ଏବଂ ଏହାପରେ ନିଜ ନିବାସ ଲଦାଖକୁ ଫେରିଯିବେ ବୋଲି ଜଣାଇଛନ୍ତି । ଗତ ଜୁନ୍ ୨୮ ତାରିଖରୁ ଯନ୍ତର ମନ୍ତରଠାରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ସହ ମିଶି ଅନଶନ ଆରମ୍ଭ କରିଥିବା ୫୯ ବର୍ଷୀୟ ୱାଙ୍ଗଚୁକ୍ ଦୀର୍ଘ ୨୬ ଦିନ ପରେ ଜୁଲାଇ ୨୩ ତାରିଖରେ ନିଜର ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ । ସରକାର ଆନ୍ଦୋଳନକାରୀ ଛାତ୍ରମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏବଂ ପ୍ରାଣ ହରାଇଥିବା ଛାତ୍ରଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଅଶ୍ୱାସନା ଦେବା ପରେ ସେ ଅନଶନ ଭାଙ୍ଗିଥିଲେ । ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ । ୱାଙ୍ଗଚୁକ୍ ଏହି ଇସ୍ତଫାକୁ 'ଶାନ୍ତି, ଧୈର୍ଯ୍ୟ ଓ ନିଷ୍ଠାର ବିଜୟ' ବୋଲି ଆଖ୍ୟା ଦେଇଛନ୍ତି । ସେ ଦେଶବ୍ୟାପୀ ସମର୍ଥନ ଦେଇଥିବା ସମସ୍ତ ନାଗରିକ ଏବଂ ଚିକିତ୍ସା କରିଥିବା ଡାକ୍ତରୀ ଟିମ୍‌କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

## ଆମେରିକା, ଇସ୍ରାଏଲ୍ ବିରୋଧରେ 'ଜିହାଦ୍' ଆହ୍ୱାନ ଦେଲେ ମୋଜତାବା

ତେହରାନ, ୨୭ ।୭(ଏଜେନ୍ସି): ଆମେରିକା ଏବଂ ଇସ୍ରାଏଲ୍ ବିରୋଧରେ ଲଢେଇ ପାଇଁ 'ଜିହାଦ୍ ଏବଂ ପ୍ରତିରୋଧ' ବ୍ୟତୀତ ଅନ୍ୟ କୌଣସି ରାସ୍ତା ନାହିଁ ବୋଲି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତାବା ଖାମେନେଇ ଘୋଷଣା କରିଛନ୍ତି । ହିଜବୁଲ୍ଲାକୁ ପୂର୍ଣ୍ଣ ସମର୍ଥନ ଜଣାଇ ସେ ଏହି ଆହ୍ୱାନ ଦେଇଛନ୍ତି । ହିଜବୁଲ୍ଲା ସେକ୍ରେଟାରୀ ଜେନେରାଲ ଶେଖ ନଇମ୍ କାସେମ୍‌ଙ୍କୁ ପଠାଇଥିବା ଏକ ବାର୍ତ୍ତାରେ ୫୬ ବର୍ଷୀୟ ଇରାନୀୟ ଧର୍ମଗୁରୁ କହିଛନ୍ତି ଯେ, ହିଜବୁଲ୍ଲା ଯୋଦ୍ଧାଙ୍କ ସୁରକ୍ଷା କରିବା ଇରାନର ଏକ 'ରଣନୈତିକ କର୍ତ୍ତବ୍ୟ' । ଲେବାନନ ଉପରେ ଇସ୍ରାଏଲର ସମସ୍ତ ସାମରିକ ଆକ୍ରମଣ ବିନା ସର୍ତ୍ତରେ ସମ୍ପୂର୍ଣ୍ଣ ବନ୍ଦ ନ ହେବା ପର୍ଯ୍ୟନ୍ତ ଆମେରିକା ସହ କୌଣସି ଶାନ୍ତି ଚୁକ୍ତି ସମ୍ଭବ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏକ ପୋଷ୍ଟ କରି ସେ କହିଛନ୍ତି ଯେ, ସାରା ବିଶ୍ୱ ଆମେରିକା ଓ ଇସ୍ରାଏଲର ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଛି । ହିଜବୁଲ୍ଲାର ପୂର୍ବତନ ମୁଖ୍ୟ ସୟଦ ହାସାନ ନସରଲ୍ଲାଙ୍କ ସମେତ ଅନ୍ୟ ଶହୀଦ ସୈନିକଙ୍କ ବଳିଦାନକୁ ମନେ ପକାଇ ଦେଇଛନ୍ତି ।

## ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ପାଲଟୁଛି ଭାରତ

### ବିଦେଶୀ ରୋଗୀ ସଂଖ୍ୟା ସାଢ଼େ ୪ ଗୁଣା ବୃଦ୍ଧି



ନୂଆଦିଲ୍ଲୀ, ୨୭ ।୭ (ଏଜେନ୍ସି): ସୁଲଭ, ଉନ୍ନତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ଯୋଗୁଁ ଭାରତ ବିଶ୍ୱର ଏକ ପ୍ରମୁଖ ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହେଉଛି । ଗତ ଷୋହଳ ବର୍ଷରେ ବିଦେଶୀ ରୋଗୀଙ୍କ ସଂଖ୍ୟା ପ୍ରାୟ ସାଢେ ଚାରିଗୁଣ ବୃଦ୍ଧି ପାଇଥିବାବେଳେ ଆସନ୍ତା ପାଞ୍ଚ ବର୍ଷରେ ଏହି କ୍ଷେତ୍ରର ବଜାର ମୂଲ୍ୟ ପ୍ରାୟ ୧.୫୬ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଦୁଇ ହଜାର ନଅରେ ପ୍ରାୟ ଏକ ଲକ୍ଷ ବାର ହଜାର ବିଦେଶୀ ରୋଗୀ ଭାରତକୁ ଚିକିତ୍ସା ପାଇଁ ଆସିଥିବାବେଳେ ଦୁଇ ହଜାର ପଚିଶରେ ଏହି ସଂଖ୍ୟା ପାଞ୍ଚ ଲକ୍ଷ ସାତ ହଜାରରେ ପହଞ୍ଚିଛି । ବାଂଲାଦେଶ, ଇରାକ, ଉଜବେକିସ୍ତାନ, ସୋମାଲିଆ, ଓମାନ ଓ କେନିଆରୁ ସର୍ବାଧିକ ରୋଗୀ ଭାରତକୁ ଆସୁଛନ୍ତି । ଶୀଘ୍ର ବିଶେଷଜ୍ଞ ଚିକିତ୍ସକଙ୍କ ପରାମର୍ଶ, ଦ୍ରୁତ ପରୀକ୍ଷା ରିପୋର୍ଟ, ସ୍ୱଚ୍ଛ ଚିକିତ୍ସା ଖର୍ଚ୍ଚ ଏବଂ ଉନ୍ନତ ଘରୋଇ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଏହି ବୃଦ୍ଧିର ପ୍ରମୁଖ କାରଣ । ଦେଶରେ ପ୍ରାୟ ଉଣସତ୍ତର ହଜାରରୁ ଅଧିକ ହସ୍ପିଟାଲ, ବାର ଲକ୍ଷରୁ ଅଧିକ ପଞ୍ଜିକୃତ ଡାକ୍ତର ଏବଂ ଏକ ହଜାର ଦୁଇଶହରୁ ଅଧିକ ସ୍ୱୀକୃତିପ୍ରାପ୍ତ ହସ୍ପିଟାଲ ରହିଛି । ବିଦେଶୀ ରୋଗୀଙ୍କ ସୁବିଧା ପାଇଁ ଏକଶହ ବାହାତ୍ତର ଦେଶର ନାଗରିକଙ୍କୁ ବୈଦ୍ୟୁତିକ ଚିକିତ୍ସା ଭିସା ସହ ଆୟୁର୍ବେଦ, ଯୋଗ, ୟୁନାନୀ ଓ ହୋମିଓପାଥି ଚିକିତ୍ସା ପାଇଁ ସ୍ୱତନ୍ତ୍ର ଭିସା ବ୍ୟବସ୍ଥା ମଧ୍ୟ କରାଯାଇଛି । ଉନ୍ନତ ଚିକିତ୍ସା ସେବା, କମ୍ ଖର୍ଚ୍ଚ, ଆଧୁନିକ ଭିତ୍ତିଭୂମି ଏବଂ ସହଜ ଭିସା ବ୍ୟବସ୍ଥା ଯୋଗୁଁ ବିଶ୍ୱ ଚିକିତ୍ସା ପର୍ଯ୍ୟଟନ କ୍ଷେତ୍ରରେ ଭାରତର ସ୍ଥିତି ଆହୁରି ସୁଦୃଢ଼ ହେଉଛି । ଆଗାମୀ ବର୍ଷଗୁଡ଼ିକରେ ଏହି କ୍ଷେତ୍ର ଦେଶର ଅର୍ଥନୀତି ଓ ସ୍ୱାସ୍ଥ୍ୟସେବା ବିକାଶରେ ବଡ଼ ଅବଦାନ ରଖିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

# ଆନ୍ଦୋଳନକାରୀ ଛାତ୍ରଙ୍କୁ ଏକେ-୪୭ ରୁ ଗୁଳି



ନୂଆଦିଲ୍ଲୀ, ୨୭ ।୭(ଏଜେନ୍ସି): ବିହାରରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତା ବିରୋଧରେ ଚାଲିଥିବା ବିକ୍ଷୋଭ ସମୟରେ ଆନ୍ଦୋଳନରତ ଛାତ୍ରମାନଙ୍କ ଉପରକୁ ଏକେ-୪୭ ରାଇଫଲରୁ ଗୁଳି ଚଳାଇଥିବା ପୁଲିସ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି । ଏହି ଆକ୍ରମଣର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପୁଲିସ ପ୍ରଶାସନ ପକ୍ଷରୁ ଏ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଥିସହିତ ଏହି ସମ୍ବେଦନଶୀଳ

### ପୁଲିସ କର୍ମଚାରୀ ନିଲମ୍ବିତ, ସୁପ୍ରିମ୍‌କୋର୍ଟରେ ମାମଲା

ଘଟଣାକୁ ନେଇ ରାଜ୍ୟସଭା ସାଂସଦ ମନୋଜ କୁମାର ଝା ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଛନ୍ତି । ଜୁଲାଇ ୨୫ ତାରିଖରେ ନିଟ୍ ପରୀକ୍ଷା ଅନିୟମିତତା ପ୍ରତିବାଦରେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ 'ବିହାର ବନ୍ଦ' ଡାକରା ଦିଆଯାଇଥିଲା । ଏହି ସମୟରେ ଜିଲ୍ଲା ଗୋଇନ୍ଦା ଶାଖାରେ କାର୍ଯ୍ୟରତ କନଷ୍ଟେବଲ ଅଭିଷେକ ପଟେଲ ନୀଳ ରଙ୍ଗର ହେଲମେଟ୍ ଓ ବୁଲେଟପ୍ରୁଫ୍ ଜ୍ୟାକେଟ୍ ପିନ୍ଧି ଛାତ୍ରଙ୍କ ଆଡ଼କୁ ଦୌଡ଼ି ଯାଇ ଏକେ-୪୭ ରାଇଫଲରୁ ଗୁଳି ଚଳାଉଥିବାର ଭିଡିଓରେ ସ୍ପଷ୍ଟ ଦେଖାଯାଇଛି । ଭିଡିଓରେ ଗୋଟିଏ ଶବ୍ଦ ଶୁଣାଯାଉଥିଲେ ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ମତରେ ପ୍ରାୟ ୪ ରୁ ୫ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା । ସିୱାନ ଜିଲ୍ଲାରେ ଗୁଳିମାଡ଼ ଯୋଗୁଁ ୩ ଜଣ ପ୍ରଦର୍ଶନକାରୀ ଆହତ ହୋଇଥିବା ଖବର ମିଳିଛି । ସେମାନଙ୍କ ମଧ୍ୟରେ ୧୫ ବର୍ଷୀୟ ମହମ୍ମଦ ଆରିଫ୍ ଅଛନ୍ତି, ଯାହାଙ୍କ ବେକରେ ଗୁଳି ବାଜିଥିଲା । ପାଟଣାର ମେଦାନ୍ତ ହସ୍ପିଟାଲରେ ତାଙ୍କର ସଫଳ ଅସ୍ତ୍ରୋପଚାର କରାଯାଇ ଗୁଳି ବାହାର କରାଯାଇଛି ଓ ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଛି । ତେବେ ସିୱାନ ପୁଲିସ ଅଧୀକ୍ଷକ ପୂରଣ କୁମାର ଝା ସମ୍ପୃକ୍ତ କନଷ୍ଟେବଲଙ୍କୁ ନିଲମ୍ବିତ କରିଥିବା ସ୍ୱୀକାର କରିଛନ୍ତି, ମାତ୍ର ଗୁଳିମାଡ଼ରେ କେହି ଆହତ ହୋଇନଥିବା ଦାବି କରିଛନ୍ତି । ସେ କହିଛନ୍ତି ଯେ ପ୍ରଦର୍ଶନ ସମୟରେ ଗୁଳି ନ ଚଳାଇବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିଲା, ତେଣୁ ଏହି ବିଚ୍ୟୁତିର ପୂର୍ଣ୍ଣାଙ୍ଗ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି । ବିହାରର ବିରୋଧୀ ଦଳ ନେତା ଏହି ଘଟଣାର ଭିଡିଓ ପୋଷ୍ଟ କରି ଦୋଷୀ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଲୋକସଭା ବିରୋଧୀ ଦଳ ନେତା କହିଛନ୍ତି ଯେ ଦିଲ୍ଲୀରେ ଛାତ୍ରଙ୍କ ଉପରେ ପେଲେଟ୍ ଗନ୍ ଓ ବିହାରରେ ଏକେ-୪୭ ବ୍ୟବହାର କରାଯିବା ନିନ୍ଦନୀୟ । ରାଜ୍ୟସଭା ସାଂସଦ ସୁପ୍ରିମ୍ କୋର୍ଟରେ ପିଆଇଏଲ୍ ଦାଖଲ କରି ନିରପେକ୍ଷ ତଦନ୍ତ ପାଇଁ ନିବେଦନ କରିଛନ୍ତି । ଶାନ୍ତିପୂର୍ଣ୍ଣ ଅନ୍ଦୋଳନ ସମୟରେ ପୁଲିସ ବଳର ଏପରି ଅତ୍ୟାଧୁନିକ ମାରାତ୍ମକ ଅସ୍ତ୍ର ବ୍ୟବହାର ପ୍ରଶାସନିକ ସୁରକ୍ଷା ନିୟମାବଳୀ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁଲିସ ବିଭାଗ ପକ୍ଷରୁ ଚାଲିଥିବା ବିଭାଗୀୟ ତଦନ୍ତ ରିପୋର୍ଟ ଆସିବା ପରେ ସମ୍ପୃକ୍ତ କନଷ୍ଟେବଲଙ୍କ ବିରୋଧରେ ଆଗାମୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଛାତ୍ର ଆନ୍ଦୋଳନରେ ଆରଏଏଫ୍ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିବ ସିଆରପିଏଫ୍

ନୂଆଦିଲ୍ଲୀ, ୨୭ ।୭(ଏଜେନ୍ସି): ଛାତ୍ର ଆନ୍ଦୋଳନ ସମୟରେ ରାପିଡ୍ ଆକ୍ସନ୍ ଫୋର୍ସ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଏକ ବୃତ୍ତିଗତ ସମୀକ୍ଷା କରାଯିବ ବୋଲି କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ମହାନିର୍ଦ୍ଦେଶକ ଜ୍ଞାନେନ୍ଦ୍ର ପ୍ରତାପ ସିଂହ ସୂଚନା ଦେଇଛନ୍ତି । ସିଆରପିଏଫ୍ ମହାନିର୍ଦ୍ଦେଶକଙ୍କ କହିବା ଅନୁସାରେ, ଆନ୍ଦୋଳନ ଶେଷ ହେବା ଏବଂ ବିକ୍ଷୋଭକାରୀମାନେ ଛତ୍ରଭଙ୍ଗ ଦେବା ପରେ, ପ୍ରତ୍ୟେକ ବଡ଼ ଅପରେସନ୍ ଭଳି ଏହାର ମଧ୍ୟ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯିବ । ଏହି ସମୀକ୍ଷା ପରେ ବଳର ମୁଖ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯିବ । ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ ଚାଲିଥିବା ଛାତ୍ର ଆନ୍ଦୋଳନରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ସମେତ ଅନ୍ୟ ବିରୋଧୀ ସାଂସଦମାନେ ଏହାକୁ ବିରୋଧ କରିବା ସହ ଗୃହମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ସୋନମ ୱାଙ୍ଗଚୁକ୍‌ଙ୍କ ଭଳି ପ୍ରମୁଖ ବ୍ୟକ୍ତିଙ୍କ ସମର୍ଥନରେ ଚାଲିଥିବା ଏହି ଆନ୍ଦୋଳନ ସମୟରେ 'ସଂସଦ ଚାଲୋ' ଅଭିଯାନ ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହି ବିବାଦ ବୃଦ୍ଧି ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ ଏବଂ ପ୍ରହ୍ଲାଦ ଯୋଶୀ ଏହି ବିଭାଗର ଦାୟିତ୍ୱ ଗ୍ରହଣ କରିଛନ୍ତି ।

## କକ୍ରୋଚ୍ ଆନ୍ଦୋଳନ ଉପରେ କଙ୍ଗନାଙ୍କ ବିବାଦୀୟ ମନ୍ତବ୍ୟ



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାନାୱତ ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ହେଉଥିବା ପ୍ରତିବାଦକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ବିଶେଷ କରି ସେ କକ୍ରୋଚ୍ ପାର୍ଟି ନେତୃତ୍ୱରେ ଆନ୍ଦୋଳନର କିଛି ଭାଇରାଲ୍ ଭିଡିଓ ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି । କଙ୍ଗନା ନିଜ ଇନଷ୍ଟାଗ୍ରାମ ପୋଷ୍ଟରେ ପ୍ରତିବାଦର ଭିଡିଓଗୁଡ଼ିକୁ 'ଅସୁନ୍ଦର' ଏବଂ 'ଅଶୋଭନୀୟ' ବୋଲି କହିଛନ୍ତି । ଜୀବନରେ କେବେ ହେଲେ ଗୋଟିଏ ସ୍ଥାନରେ ଏତେ ମାତ୍ରାରେ କଦର୍ଯ୍ୟ ଦୃଶ୍ୟ ସେ ଦେଖିନାହାଁନ୍ତି ବୋଲି କହିବା ସହ ପ୍ରତିବାଦକାରୀଙ୍କ ଭାଷା ଏବଂ ବ୍ୟବହାରକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ସେ ସିଜେପି ସଦସ୍ୟମାନେ ବାସ୍ତବରେ ଅସରପା ଭଳି ବ୍ୟବହାର କରୁଥିବା ସେ କହିଛନ୍ତି । ଏହି ଭିଡିଓଗୁଡ଼ିକର ଖରାପ ପ୍ରଭାବରେ ସେ 'ଡିଜିଟାଲ୍ ଡିଟକ୍ସ'ର ଆବଶ୍ୟକତା ଥିବା ପ୍ରକାଶ କରିଛନ୍ତି । ସଂସଦରେ ପ୍ରଶ୍ନପତ୍ର ଲିକ୍ ବିଲ୍ ଆଗତ ହେବା ସମୟରେ ବିରୋଧୀଙ୍କ ହଟ୍ଟଗୋଳକୁ ମଧ୍ୟ କଙ୍ଗନା ସମାଲୋଚନା କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳ ଜାଣିଶୁଣି ଶିକ୍ଷା ସଂସ୍କାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଥିଲେ ଯେ, 'ଯେପର୍ଯ୍ୟନ୍ତ ବିରୋଧୀଙ୍କୁ କ୍ଷମତା ମିଳିନାହିଁ, ସେପର୍ଯ୍ୟନ୍ତ ସେମାନେ ସଂସଦ ଚଳାଇବାକୁ ଦେବେ ନାହିଁ ବୋଲି ସ୍ଥିର କରିଛନ୍ତି' । ସେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ, ବିରୋଧୀଙ୍କ ଉଦ୍ଦେଶ୍ୟ ହେଉଛି ଦେଶରେ କୌଣସି କାମ ନହେଉ, କାରଣ ସେମାନଙ୍କୁ ନିର୍ବାଚନରେ ଜନମତ ମିଳିନାହିଁ ।

## ସଂସଦରେ ଧର୍ମେନ୍ଦ୍ରଙ୍କୁ ଏନ୍‌ଡିଏର ସମ୍ବର୍ଦ୍ଧନା

ନୂଆଦିଲ୍ଲୀ, ୨୭ ।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ ଏବଂ ବ୍ୟାପକ ଛାତ୍ର ଆନ୍ଦୋଳନ ମଧ୍ୟରେ ଦୁଇ ଦିନ ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର ପ୍ରଧାନ ସୋମବାର ସଂସଦ ପରିସରରେ ପହଞ୍ଚିବା ପରେ ତାଙ୍କୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତାମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ସଂସଦର ମକର ଦ୍ୱାର ନିକଟରେ ଶାସକ ଦଳର ସାଂସଦମାନେ ଏକାଠି ହୋଇ ତାଙ୍କୁ ପାଛୋଟି ନେବା ସହ ଏକ ପାରମ୍ପରିକ ଟୋପି ପିନ୍ଧାଇ ସମ୍ମାନିତ କରିଥିଲେ । ଗୋଟିଏ ପଟେ ଏନ୍‌ଡିଏ ନେତାମାନେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରୁଥିବା ବେଳେ, ଅନ୍ୟପଟେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ନେତୃତ୍ୱରେ ବିରୋଧୀ ଦଳର ନେତାମାନେ ପୁଲିସର ଅତ୍ୟଧିକ ବଳପ୍ରୟୋଗ ବିରୋଧରେ ପ୍ରତିବାଦ କରିଥିଲେ । ଧର୍ମେନ୍ଦ୍ରଙ୍କୁ ସମ୍ବର୍ଧନା ନେଇ କଂଗ୍ରେସ ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହାକୁ ସେମାନେ ଭୁଲ ପରମ୍ପରା ବୋଲି କହିଛନ୍ତି ।



### 'ମୁଁ ଜଣେ ଷ୍ଟ୍ରିଟ୍ ଫାଇଟର'

ସଂସଦ ଭବନରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏନ୍‌ଡିଏ ସାଂସଦମାନେ ବିପୁଳ ସମ୍ବର୍ଦ୍ଧନା ଦେଇଛନ୍ତି । ଏହି ସମୟେର କଂଗ୍ରେସ ସାଂସଦ ଜୟରାମ ରମେଶ ଧର୍ମେନ୍ଦ୍ରଙ୍କ ପାଖକୁ ଯାଇ 'ଏପରି ଘଟେ' ବୋଲି କହିଥିଲେ । ଏହାର ଜବାବ ଜବାବ ଦେଇ ଧର୍ମେନ୍ଦ୍ର କହିଥିଲେ , 'କିଛି ଘଟିନାହିଁ, ମୁଁ ଜଣେ ଷ୍ଟ୍ରିଟ୍ ଫାଇଟର, ଏସି ରୁମ୍‌ରେ ବସି କାମ କରୁଥିବା କର୍ମୀ ନୁହେଁ ।'

## ୪୪ କୋଟି ନେବାପରେ ଛାଡ଼ିଲେ ଅପହର୍ତ୍ତା

### ମାଲିରେ ଅପହୃତ ଭାରତୀୟ ହୀରା ବ୍ୟବସାୟୀ ମୁକ୍ତ



ସୁରଟ, ୨୭ ।୭(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଅପହୃତ ହୋଇଥିବା ୭୫ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ହୀରା ଓ ସୁନା ବ୍ୟବସାୟୀ ଧୀରୁ ରମାଣୀ ଶେଷରେ ମୁକ୍ତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକଙ୍କୁ ୪ ନିୟୁତ ୟୁରୋ (ପ୍ରାୟ ୪୪ କୋଟି ଟଙ୍କା) ମୁକ୍ତିପଣ (ରାନସମ୍) ଦେବାକୁ ପଡ଼ିଛି । ଗୁଜରାଟର ଅମ୍‌ରେଲି ଜିଲ୍ଲାର ମୂଳ ବାସିନ୍ଦା ତଥା ସୁରଟର ହୀରା ବ୍ୟବସାୟ ସହ ଜଡ଼ିତ ରମାଣୀ ଗତ ଏପ୍ରିଲ୍ ମାସରେ ମାଲିରୁ ଅପହୃତ ହୋଇଥିଲେ । ସେଠାରେ ସେ ଏକ ସୁନା ଖାଦାନ କିଣିବା ସହ କିଛି ଦିନ ହେବ ରହୁଥିଲେ । ଅପହରଣକାରୀମାନେ ପ୍ରଥମେ ୧୦୦ କୋଟି ଟଙ୍କା ଦାବି କରିଥିଲେ ହେଁ ଆମେରିକାରେ ରହୁଥିବା ତାଙ୍କ ପରିବାର ଲୋକ ଆଲୋଚନା ମାଧ୍ୟମରେ ଏହି ଅର୍ଥରାଶିକୁ ୪୪ କୋଟି ଟଙ୍କାରେ ସୀମିତ ରଖିଥିଲେ । ଗତ ସପ୍ତାହରେ ମୁକ୍ତିପଣ ଦିଆଯିବା ପରେ ରମାଣୀଙ୍କୁ ଅପହରଣକାରୀମାନେ ଛାଡ଼ିଦେଇଛନ୍ତି । ତେବେ ସେ ବର୍ତ୍ତମାନ ସୁଦ୍ଧା ମାଲିରେ ଅଛନ୍ତି ଏବଂ ସ୍ଥାନୀୟ ପୁଲିସ ଅପହରଣ ଓ ମୁକ୍ତିର ସମ୍ପୂର୍ଣ୍ଣ ଘଟଣାବଳୀ ନେଇ ତାଙ୍କୁ ପଚରାଉଚୁରା କରୁଛି । ଏହି ଆଲୋଚନା ପ୍ରକ୍ରିୟାରେ ଭାରତ ସରକାରଙ୍କ କୌଣସି ଏଜେନ୍ସି ସାମିଲ ନଥିଲେ ଏବଂ ପରିବାର ନିଜ ସ୍ତରରେ ଏହାକୁ ସମାଧାନ କରିଛନ୍ତି । ଏପ୍ରିଲ ମାସରେ ସୁରକ୍ଷା ପରିସ୍ଥିତି ବିଗିଡ଼ିବା ପରେ ମାଲିସ୍ଥିତ ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରିଥିଲେ ।

## ଶିକ୍ଷୟିତ୍ରୀଙ୍କ ନୃଶଂସତା: ପ୍ୟାଣ୍ଟରେ ପରିସ୍ରା କରିଦେବାରୁ ଶିଶୁର ଗୁପ୍ତାଙ୍ଗ ପୋଡ଼ିଦେଲେ

ବାରାଣସୀ, ୨୭ ।୭(ଏଜେନ୍ସି): ଉତ୍ତର ପ୍ରଦେଶର ବାରାଣସୀସ୍ଥିତ ଏକ ପ୍ଲେ-ସ୍କୁଲ୍‌ରେ ଜଣେ ୫ ବର୍ଷର ଶିଶୁ ପ୍ୟାଣ୍ଟରେ ପରିସ୍ରା କରିଦେବାରୁ ଶିକ୍ଷୟିତ୍ରୀ ଜଣଙ୍କ ନିଆଁରେ ଗରମ ଛୁରି ସାହାଯ୍ୟରେ ତାଙ୍କ ଗୁପ୍ତାଙ୍ଗକୁ ପୋଡ଼ି ଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ପୁଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ଗତ ୨୪ରେ 'ସିରିନ୍ ସୋନି ପ୍ଲେ ସ୍କୁଲ୍'ର ଏହି ଛାତ୍ରଜଣକ ଶୌଚାଳୟ ଯିବା ପାଇଁ ଶିକ୍ଷୟିତ୍ରୀଙ୍କୁ ଅନୁମତି ମାଗିଥିଲେ । ମାତ୍ର ଶିକ୍ଷୟିତ୍ରୀ ଅନୁମତି ନଦେବାରୁ ଶିଶୁଟି ନିୟନ୍ତ୍ରଣ ହରାଇ ପ୍ୟାଣ୍ଟରେ ପରିସ୍ରା କରିଦେଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଶିକ୍ଷୟିତ୍ରୀ ଜଣକ ଶିଶୁଟିକୁ ଅନ୍ୟ ଏକ କୋଠରୀକୁ ନେଇ ଗ୍ୟାସ୍ ଷ୍ଟୋଭ୍‌ରେ ଛୁରି ଗରମ କରି ତାଙ୍କ ଗୁପ୍ତାଙ୍ଗକୁ ପୋଡ଼ି ଦେଇଥିଲେ । ଏହାସହ ଏ ବିଷୟରେ କାହାକୁ ନ ଜଣାଇବା ପାଇଁ ଧମକ ମଧ୍ୟ ଦେଇଥିଲେ । ଶିଶୁଟି ଘରକୁ ଫେରି କାନ୍ଦି କାନ୍ଦି ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲା । ଏହାପରେ ଶିଶୁର ବାପା-ମା' ସ୍କୁଲ ପ୍ରଶାସନ ଓ ଅଧ୍ୟକ୍ଷାଙ୍କ ସହ ସମ୍ପର୍କ କରିଥିଲେ ମଧ୍ୟ ସେମାନେ ସହଯୋଗ କରିବା ପରିବର୍ତ୍ତ ଓଲଟି ଧମକ ଦେଇଥିବା ଅଭିଯୋଗ ହୋଇଛି । ଶିଶୁଟିର ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଅଧିକାରୀ ଅତୁଲ ସିଂହ ସୂଚନା ଦେଇଛନ୍ତି ।

## ଦଶନ୍ଧିରେ ସର୍ବାଧିକ: ଭାରତରେ ୫ ହଜାରରୁ ଅଧିକ ଶିଶୁ ପୋଷ୍ୟ ସନ୍ତାନ ଗ୍ରହଣ

ନୂଆଦିଲ୍ଲୀ, ୨୭ ।୭(ଏଜେନ୍ସି): ଭାରତରେ ଗତ ଆର୍ଥିକ ବର୍ଷରେ (ଏପ୍ରିଲ୍ ୨୦୨୫ ରୁ ମାର୍ଚ୍ଚ ୨୦୨୬) ୫, ୦୨୨ ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି । ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଏହା ସର୍ବାଧିକ ବୋଲି କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ପଦ ପ୍ରାଧିକରଣ (ସିଏଆର୍‌ଏ ବା କାରା) ପକ୍ଷରୁ ସୂଚନା ଦିଆଯାଇଛି । ମୋଟ ୫, ୦୨୨ ଶିଶୁଙ୍କ ମଧ୍ୟରୁ ୪, ୬୦୩ ଜଣଙ୍କୁ ଦେଶ ଭିତରେ ଏବଂ ୪୧୯ ଜଣଙ୍କୁ ବିଦେଶୀ ନାଗରିକଙ୍କ ଦ୍ୱାରା ଆଇନଗତ ଭାବେ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯାଇଛି । ୨୦୨୪-୨୫ ବର୍ଷରେ ଏହି ସଂଖ୍ୟା ୪,୫୧୫ ଥିଲା । ମୋଟ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଥିବା ଶିଶୁଙ୍କ ମଧ୍ୟରେ ୨,୭୫୬ ଜଣ ଝିଅ, ୨, ୨୬୩ ଜଣ ପୁଅ ଏବଂ ୩ ଜଣ ଅନ୍ୟ ବର୍ଗର ଅଟନ୍ତି । ଝିଅମାନଙ୍କୁ ଆପଣାଇବା ହାରରେ ୮ ପ୍ରତିଶତ ବୃଦ୍ଧି ଘଟିଛି । ଏହାସହ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା (ଦିବ୍ୟାଙ୍ଗ) ୩୯୨ ଜଣ ଶିଶୁଙ୍କୁ ମଧ୍ୟ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ । ସେହିପରି ଆତ୍ମୀୟଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଗ୍ରହଣ ସଂଖ୍ୟାରେ ୫୦ ପ୍ରତିଶତ ବୃଦ୍ଧି ଘଟିଛି । କାରାସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବନା ସାକ୍ସେନାଙ୍କ ଅନୁସାରେ, ନିୟମିତ ତଦାରଖ, ଶିଶୁ ମଙ୍ଗଳ ସମିତିର ସକ୍ରିୟତା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଯୋଗୁଁ ଏହି ସଫଳତା ମିଳିପାରିଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୬ ହଜାର ପରିବାର ଶିଶୁ ଦତ୍ତକ ଗ୍ରହଣ ପାଇଁ ଆବେଦନ କରି ଅପେକ୍ଷା କରିଛନ୍ତି । ଶିଶୁମାନଙ୍କୁ ଶୀଘ୍ର ଆଇନଗତ ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ପରିବାର ଯୋଗାଇଦେବା ପାଇଁ ଅଧିକ ସଂଖ୍ୟକ ନୂତନ ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ଏବଂ ଶିଶୁ ମଙ୍ଗଳ ସମିତି ଗଠନ କରାଯାଇଛି । ଏହି ସଫଳତା ସମାଜର ମାନସିକତାରେ ଆସୁଥିବା ସକାରାତ୍ମକ ପରିବର୍ତ୍ତନକୁ ଦର୍ଶାଉଛି ।








### ସମ୍ଭାବ୍ୟ ବର୍ଷାର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

# ସତର୍କତା ଓ ତ୍ୱରିତ ରିଲିଫ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୭।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଲୋକସେବା ଭବନସ୍ଥିତ ରାଜସ୍ୱ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସେ ଜିଲ୍ଲାଭିତ୍ତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ୨୪ ଘଣ୍ଟିଆ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରନ୍ଧା ଖାଦ୍ୟ, ଶୁଖିଲା ରାସନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ରିଲିଫ ସାମଗ୍ରୀର ଯଥେଷ୍ଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ଜରୁରୀକାଳୀନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତ୍ୱରିତ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କର ଜିଲ୍ଲାପାଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗଦେଇ ନିଜ ନିଜ ଅଞ୍ଚଳର ପ୍ରସ୍ତୁତି ଓ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରି ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳରେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଗଭୀର ଅବପାତ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଜୁଲାଇ ୨୭ ତାରିଖ ଅପରାହ୍ନରେ ଓଡ଼ିଶାର ବାଲେଶ୍ୱର ଓ ପଶ୍ଚିମବଙ୍ଗର କ୍ୟାନିଂ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ବିପଦ ସ୍ତରରୁ ତଳେ ପ୍ରବାହିତ ହେଉଛି ଏବଂ ଏପର୍ଯ୍ୟନ୍ତ କୌଣସି ଜିଲ୍ଲାରୁ ବଡ଼ ଧରଣର ବର୍ଷାଜନିତ କ୍ଷୟକ୍ଷତିର ସୂଚନା ମିଳିନାହିଁ। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳକୁ ମାଛ ଧରିବା ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା, ଯୁଗ୍ମ ସ୍ୱତନ୍ତ୍ର ରିଲିଫ କମିଶନର ସ୍ନିଗ୍ଧା ଚମ୍ପତିରାୟ, ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

# ୧୨ ରୋଗୀଙ୍କୁ ୬.୧୫ ଲକ୍ଷ ମଞ୍ଜୁର

ଭୁବନେଶ୍ୱର, ୨୭।୭(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳିରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ତାଙ୍କ ସହ ୬ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଅଭିଯୋଗ ଶୁଣିଛନ୍ତି। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୨ ଜଣଙ୍କୁ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ସାଧାରଣ ଲୋକଙ୍କ ସମସ୍ୟାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ପ୍ରତିଟି ଅଭିଯୋଗର ସ୍ଥିତି ପରଖି ସମାଧାନ କରାଯାଉଛି। ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣିର ତଦାରଖ କରାଯାଉଥିବାରୁ ସମାଧାନ ହାର ବୃଦ୍ଧି ପାଉଛି। ଯାହା ସାଧାରଣ ଲୋକଙ୍କ ଭରସା ଜିତିବାରେ ସକ୍ଷମ କରିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ



ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ୭୦୦ରୁ ଅଧିକ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଅନୁଷ୍ଠିତ ୧୮ ପାଳିରେ ଗ୍ରହଣ ହୋଇଥିବା ୧୪,୯୪୧ ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ନିୟମିତ ଅଭିଯୋଗ ଶୁଣାଣି ହେଉଛି। ଜିଲ୍ଲାସ୍ତରରେ ଜୁନ୍ ଶେଷ ସୁଦ୍ଧା ୨,୫୯,୨୧୩ ଅଭିଯୋଗ ଶୁଣାଣି ହୋଇ ୮୯ ପ୍ରତିଶତ ସମାଧାନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମହାଦେବଙ୍କଠାରେ ଜଳାଭିଷେକ ପାଇଁ ପାଣି ଉଠାଉଥିଲେ

# ନଦୀରେ ଭାସିଯାଇ ନାବାଳିକା ମୃତ

ବାଲେଶ୍ୱର,୨୭।୭(ସମିସ): ଶ୍ରାବଣ ମାସ ସୋମବାରରେ ଘଟିଛି ଅଘଟଣ। ଜଣେ ନାବାଳିକା ମହାଦେବଙ୍କଠାରେ ଜଳାଭିଷେକ କରିବା ପାଇଁ ପରିବାର ସହ ନଦୀରୁ ପାଣି ଆଣୁଥିବା ବେଳେ ଭାସିଯାଇ ପ୍ରାଣ ହରାଇଛନ୍ତି। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ନିକଟସ୍ଥ ଏକ ବୁଦା ନିକଟରୁ ଛାତ୍ରୀଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଖବରପାଇ ଚାନ୍ଦିପୁର ପୁଲିସ ଘଟଣା ସ୍ଥଳରେ ପହଁଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ଛାତ୍ରୀ ଜଣକ ହେଉଛନ୍ତି ଚାନ୍ଦିପୁର ଥାନା ଅର୍ନ୍ତଗତ ବାଙ୍କେଶ୍ୱର ଗ୍ରାମର ଦାମ ବାରିକଙ୍କ ଝିଅ ମାନସୀ ବାରିକ(୧୩)।

ମାନସୀ ଓ ତାଙ୍କ ମା' ଅନ୍ୟ କିଛି ଲୋକମାନଙ୍କ ସହ ଆଜି ଭୋର ୪ଟାରେ କାଉଡିଆ ସାଜି ମଣିନାଗେଶ୍ୱର ମନ୍ଦିରରେ ମହାଦେବଙ୍କ ଉପରେ ପାଣି ଅର୍ପଣ କରିବା ପାଇଁ ବାହାରିଥିଲେ। ସେମାନେ ବଡକିଆ ସ୍ଥିତ ପାଗନଇ ଘାଟରୁ ପାଣି ନେବା ପାଇଁ ପହଁଚିଥିଲେ। ସେହି ସମୟରେ ମାନସୀଙ୍କ ମା' ଘାଟ ନିକଟରେ ଠିଆ ହୋଇଥିବା ବେଳେ ମାନସୀ ନଦୀ ମଧ୍ୟକୁ ପାଣି ଆଣିବାକୁ ଯାଇ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ମାନସୀ ଭାସିଯିବା ଦେଖି ତାଙ୍କ ମା' ଉଦ୍ଧାର କରିବା ପାଇଁ ଚିତ୍କାର କରିଥିଲେ। ଦୀର୍ଘ ସମୟ ଧରି କିଛି ଲୋକ ଖୋଜାଖୋଜି କରିବା ପରେ ସେମାନେ ନ ପାଇବାରୁ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ମାନସୀ ଘାଟ ଠାରୁ କିଛି ଦୂରରେ ଥିବା ଏକ ବୁଦାଳିଆ ସ୍ଥାନରେ ଲାଖିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଦମକଳ ବାହିନୀ ସେଠାରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣା ଅଞ୍ଚଳରେ ଶୋକ ଖେଳାଇ ଦେଇଛି। ମାନସୀ ସ୍ଥାନୀୟ ବଡକିଆ ବୃନ୍ଦାବତୀ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ।


# ହାତୀପଲଙ୍କ ଉତ୍ପାତ; ଭାଙ୍ଗିଲେ ଘର

ତୁରୁମୁଙ୍ଗା,୨୭।୭(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ବିଟ୍ ଅଞ୍ଚଳରେ ୨୬ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ବିଳମ୍ବିତ ରାତିରେ ହାତୀପଲ ଖୁଣ୍ଟାପଡ଼ା ନିଉଣ୍ଡି ଆଙ୍କୁଡ଼ି ଅଞ୍ଚଳରେ ବ୍ୟାପକ ଧାନ ଫସଲ ଦଳିଚକଟି ନଷ୍ଟ କରିବା ସହ ଆଙ୍କୁଡ଼ି ଗ୍ରାମରେ ୬ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଗ୍ରାମର ସୁରେଶ ନାଏକ, ରଷିନାଥ ନାଏକ, ବିଦ୍ୟାଧର ନାଏକ, ଅନ୍ତର୍ଯ୍ୟାମୀ ନାଏକ, ପାରେଶ୍ୱର ନାଏକ ଓ ମିନିକି ନାଏକଙ୍କ ଘର ଭାଙ୍ଗିଥିବା ବେଳେ ଘର ଭିତରେ ଶୋଇଥିବା ଅବସ୍ଥାରେ ହାତୀ ଘର ଭାଙ୍ଗିଦେଇଥିବାରୁ ଘରର କାନ୍ଥ ସାବୀ ନାଏକଙ୍କ ଉପରେ ପଡ଼ି ଯାଇଥିଲା। ସୌଭାଗ୍ୟବଶତଃ ସେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ହାତୀପଲଙ୍କ ଗତିବିଧି ସହ ଘଉଡ଼ାଇବା ପାଇଁ ବନ ବିଭାଗ ଚେଷ୍ଟା ଜାରି ରଖିଛି। କେନ୍ଦୁଝର ମୋବାଇଲ ସ୍କ୍ୱାର୍ଡ ସମେତ ଗଜସାଥୀ, ବନପାଳ ପାରା ଷ୍ଟାଫ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା

ରାଜନଗର,୨୭।୭(ସମିସ): ପ୍ରକୃତିର ଗନ୍ତାଘର ଭିତରକନିକା ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ପାଇଁ ୩ ମାସ ଧରି ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଥିଲା। ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅଗଷ୍ଟ ୧ରୁ ପର୍ଯ୍ୟଟକ, ଗବେଷକ, ପ୍ରକୃତିକୁ ଭଲ ପାଉଥିବା ଲୋକେ ମିନି-ଆମାଜନ୍ ଭିତରକନିକାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ। ଭିତରକନିକାରେ ବଉଳା କୁମ୍ଭୀର, ୫ ପ୍ରଜାତିର ଡଲଫିନ, ଅଲିଭ୍‌ରିଡ୍‌ଲେ କଇଁଛ, ସଂଖ୍ୟାଧିକ ହରିଣ, ବାର୍‌ହା, ସମ୍ବର, ଫିସିଂ କ୍ୟାଟ, ହାଏନା, ଝିଙ୍କ ସହିତ ଅଜଗର, ଅହିରାଜ ଆଦି ସରୀସୃପ ଦେଖିବାକୁ ମିଳେ।

ସେହିପରି ହେନ୍ତାଳ ବଣ ସହ ୭୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ଏବେ ବର୍ଷାଋତୁରେ ହଜାର ହଜାର ସଂଖ୍ୟାରେ ଦେଶୀୟ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି। ଅପରପକ୍ଷେ ରାଜନଗର ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ପ୍ରକୃତିର ବୈଭବ, ରଙ୍ଗବେରଙ୍ଗର ପକ୍ଷୀଙ୍କ କାକଳି ସହ ଜୀବନଜନ୍ତୁଙ୍କୁ ନିଆରା ଢଙ୍ଗରେ ଦେଖିବା ପାଇଁ ସ୍କାଏୱାକ୍ ବ୍ରିଜ ନିର୍ମାଣ କରାଯାଇଥିଲା। ୬୦୦ ମିଟର ଲମ୍ବ ଯାଏ ଏହି ସ୍କାଏୱାକ୍ ବ୍ରିଜ ନିର୍ମାଣ ହୋଇଛି। ସ୍କାଏୱାକ୍‌ଟି ମଝିରେ ମଝିରେ ଉଠାଣି ଗଡ଼ାଣି ଭଳି ନିର୍ମାଣ ହୋଇଛି। କେଉଁଠି ସ୍କାଏ ୱାକର ଉଚ୍ଚତା ୧୫ ଫୁଟ୍ ତ ଆଉ କେଉଁଠି ୧୨ ଫୁଟ୍ ରହିଛି। ଏଥିରେ ପର୍ଯ୍ୟଟକ ଟିକେ ଉପରୁ ଯାଇ ଜଙ୍ଗଲର ପ୍ରାକୃତିକ ଶୋଭାରାଜିକୁ ମନଭରି ଉପଭୋଗ କରିପାରିବେ।





MCL | AM/NS INDIA | TATA STEEL #WeAlsoMakeTomorrow | JINDAL STEEL | vedanta transforming for good | नालको NALCO | TPWODL | JSW JFE JSW JFE Steel Limited | Paradeep Phosphates

# ବର୍ଷାରେ ଧୋଇଗଲା ସଂଯୋଗକାରୀ ରାସ୍ତା

ଆନନ୍ଦପୁର,୨୭।୭(ସମିସ)



କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ଆନନ୍ଦପୁର ବ୍ଲକ୍ ଅଧୀନ ବାଉଁଶଗଡ଼ ବଡ଼ନାଳ ସାହି ସ୍କୁଲ ଛକରୁ ମୟୂରଭଞ୍ଜ ଜିଲ୍ଲା ଶାଳତୁଆ ପଞ୍ଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତା ଗତକାଲିର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ରାସ୍ତାର ଏକାଧିକ ସ୍ଥାନ ଧସିଯାଇଥିବା ସହ କାଦୁଅ ଓ ପାଣି ଜମି ରହିଥିବାରୁ ଗ୍ରାମବାସୀଙ୍କ ଦୈନନ୍ଦିନ

## ଛାତ୍ରଛାତ୍ରୀ ଓ ଗ୍ରାମବାସୀ ହୀନସ୍ତା

ଜୀବନ ପ୍ରଭାବିତ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ଆନନ୍ଦପୁର, ଶାଳତୁଆ ଓ ନିକଟସ୍ଥ ଅଞ୍ଚଳକୁ ଯାତାୟାତ କରିଥାନ୍ତି। ବର୍ତ୍ତମାନ ରାସ୍ତା ଭାଙ୍ଗିଯାଇଥିବାରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟକୁ ଯିବା କଷ୍ଟକର ହୋଇପଡ଼ିଛି। ଏପରିକି ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟରେ ପହଞ୍ଚିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏହି ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ଅବସ୍ଥାରେ ରହିଥିଲା। ବର୍ଷା ହେଲେ ରାସ୍ତା କାଦୁଅରେ ପରିଣତ ହେଉଥିବା ସହ ବଡ଼ ବଡ଼ ଖାଲଖମା ସୃଷ୍ଟି ହେଉଛି। ଫଳରେ ଦୁଇଚକିଆ ଯାନ ଚଳାଚଳ ବିପଦପୂର୍ଣ୍ଣ ହୋଇପଡ଼ିଛି। ରାତିରେ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ସ୍ଥାନୀୟ ସମାଜସେବୀ ଓ ଯୁବକମାନେ ପୂର୍ବରୁ ଏହି ସମସ୍ୟା ନେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲରେ ମଧ୍ୟ ଅଭିଯୋଗ ଦାଖଲ ହୋଇଥିଲା। ତେବେ ପୋର୍ଟାଲରେ 'ଅଭିଯୋଗର ସମାଧାନ କରାଯାଇଛି' ବୋଲି ଦର୍ଶାଯାଇଥିଲେ ମଧ୍ୟ ବାସ୍ତବରେ କୌଣସି ସ୍ଥାୟୀ ମରାମତି କାମ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସେମାନଙ୍କ ଅଭିଯୋଗ, କେବଳ କାଗଜପତ୍ରରେ କାମ ସରିଥିବା ଦର୍ଶାଯାଇଛି। କିନ୍ତୁ ପ୍ରକୃତ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏହି ରାସ୍ତା କେବଳ ଦୈନନ୍ଦିନ ଯାତାୟାତ ପାଇଁ ନୁହେଁ, ବରଂ ଆମ୍ବୁଲାନ୍ସ, ସରକାରୀ ସେବା ଓ ଜରୁରୀକାଳୀନ ଚିକିତ୍ସା ପାଇଁ ମଧ୍ୟ ମୁଖ୍ୟ ସଂଯୋଗ ପଥ ହୋଇଥିବାରୁ ରାସ୍ତାର ଏଭଳି ଅବସ୍ଥା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଗର୍ଭବତୀ ମହିଳା, ବୃଦ୍ଧ ଓ ରୋଗୀମାନଙ୍କୁ ଡାକ୍ତରଖାନାକୁ ନେବାରେ ମଧ୍ୟ ଗୁରୁତର ସମସ୍ୟା ଉପୁଜୁଛି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଓ ପଞ୍ଚାୟତିରାଜ ବିଭାଗଙ୍କୁ ଅବିଳମ୍ବ ରାସ୍ତାର ସ୍ଥାୟୀ ମରାମତି ଓ ଉନ୍ନତୀକରଣ କାମ ଆରମ୍ଭ କରିବାକୁ ଦାବି କରିଛନ୍ତି। ଶୀଘ୍ର ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନ କରିବେ ବୋଲି ଗ୍ରାମର ପିଣ୍ଟୁ ହେମ୍ବ୍ରମ ଓ ଅନ୍ୟାନ୍ୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଶୁଦ୍ଧିକ୍ରିୟାରେ ସହାୟତା ଦେଲେ ସହପାଠୀଗଣ



ଆନନ୍ଦପୁର,୨୭।୭(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଟୋଲଙ୍କପଡ଼ା ଗ୍ରାମର ଅଶୋକ ସାହୁ କର୍କଟ ରୋଗରେ ପୀଡ଼ିତହୋଇ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ଶୁଦ୍ଧିକ୍ରିୟାରେ ସହପାଠୀମାନେ ସହାୟତା କରିଛନ୍ତି। ପରିବାର ଲୋକେ ପ୍ରଥମେ କଟକ ବଡ଼ ମେଡିକାଲ ଓ ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସା କରିଥିଲେ। କିନ୍ତୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ପରିବର୍ତ୍ତନ ଆସି ନଥିଲା। ଧୀରେ ଧୀରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଗତ କିଛି ଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ସତ୍ତ୍ୱେ ପରିବାର ଲୋକ ଅନେକ ଲୋକଙ୍କ ଠାରୁ ଧାରକରଜ କରି ତାଙ୍କର ଚିକିତ୍ସା ଜାରି ରଖି ସର୍ବସ୍ୱାନ୍ତ ହୋଇଯାଇଥିଲେ। କିନ୍ତୁ ଏଭଳି ଖବର ପାଇବା ପରେ ବେଲବାହାଳୀ କୁଣ୍ଡୁଳାଇ ସରକାରୀ ବିଦ୍ୟାଳୟର ୧୯୯୭ ବ୍ୟାଚର ତାଙ୍କର ସହପାଠୀମାନେ ସହାୟତା ଯୋଗାଇବା ପାଇଁ ଅଣ୍ଟା ଭିଡ଼ିଥିଲେ। ସେମାନେ ନିଜ ନିଜ ଉଦ୍ୟମରେ ବନ୍ଧୁଙ୍କ ପରିବାରକୁ ୭୨ହଜାର ୧୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ତାଙ୍କ ପରିବାରବର୍ଗ ଆଜି ସମସ୍ତ ବନ୍ଧୁଙ୍କୁ ଧନ୍ୟବାଦ ଜଣାଇବା ସହ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି।

## ଯୁବକଙ୍କ ମୃତ୍ୟୁ, ସାପ କାମୁଡ଼ିଥିବା ସନ୍ଦେହ

ଡୁରୁମୁଙ୍ଗା,୨୭।୭(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ବାଲିପୋଷି ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ତାଙ୍କୁ ସାପ କାମୁଡ଼ିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ବାଲିପୋଷି ଗ୍ରାମର ଦୀନବନ୍ଧୁ ବେହେରାଙ୍କ ପୁଅ ଲଳିତ କୁମାର ବେହେରା (୨୨)। ସୂଚନା ଅନୁଯାୟୀ, ସୋମବାର ଭୋର ୩ଟା ସମୟରେ ଘରେ ଶୋଇଥିବା ବେଳେ ସେ ଅସୁସ୍ଥ ହୋଇଥିଲେ। ସାପ କାମୁଡ଼ିଥିବା ସନ୍ଦେହ କରି ପରିବାର ଲୋକେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝରସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଲଳିତଙ୍କୁ ମୃତ ଘୋଷଣା କରିଥିଲେ। ଏଏସ୍ଆଇ ସୟଦ ସଲିମ ହୁସେନ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଛନ୍ତି। ପୁଲିସ ସୂଚନା ଅନୁସାରେ ସାପ କାମୁଡ଼ା ସନ୍ଦେହ ଆଧାରରେ ଘଟଣାର ତଦନ୍ତ ଚାଲିଛି। ପୋଷ୍ଟମର୍ଟମରିପୋର୍ଟଆସିବାପରେମୃତ୍ୟୁରପ୍ରକୃତକାରଣଜଣାପଡ଼ିବବୋଲିକୁହାଯାଇଛି।

## ଆନନ୍ଦପୁରରେ କାର୍ଗିଲ ବିଜୟ ଦିବସ



ଆନନ୍ଦପୁର,୨୭।୭(ସମିସ): ଆନନ୍ଦପୁର ପୂର୍ବତନ ସୈନିକ ସଂଘ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ସଙ୍ଘର ସଭାପତି ତ୍ରିଲୋଚନ ଦାଶଙ୍କ ସଂଯୋଜନାରେ ଅବସରପ୍ରାପ୍ତ ସୈନିକମାନେ ବୀରଗତି ହୋଇଥିବା ସେନା ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ। ସେହିପରି ଘସିପୁରା ବ୍ଲକ୍ ସାଇଁକୁଳ ଗ୍ରାମ ପାଟଣା ସାହିସ୍ଥିତ ବଜରଙ୍ଗବାଲି ମନ୍ଦିର ପରିସରରେ ଅବସରପ୍ରାପ୍ତ ସୁବାଦାର ସନ୍ତୋଷ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସହିଦ୍ ଯବାନଙ୍କ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ସମୂହ ଦୀପଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ମୁରବୀ ଅନନ୍ତ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସୁଶାନ୍ତ କୁମାର ସ୍ୱାଇଁ, ଭିକି ସ୍ୱାଇଁ, ଜଗୁନ ପରିଡ଼ା, ଲିପାଞ୍ଜଳି ଜେନା, ସୁନିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର,୨୭।୭(ସମିସ): ସ୍ଥାନୀୟ ମରେଇଗାଁ ପଞ୍ଚାୟତ ଖପରାଖାଇ ଗ୍ରାମର ସ୍ୱର୍ଗତଃ ଭାଗବତ ନାୟକଙ୍କ ପତ୍ନୀ ଡାଳିମ୍ବ ନାୟକ(୮୩)ଙ୍କ ଦେହାନ୍ତ ହୋଇଛି। ସେ ଜଣେ ଅତ୍ୟନ୍ତ ସାହସୀ, ଧାର୍ମିକ, ପରୋପକାରୀ, ସରଳ ଏବଂ ଦୟାଳୁ ମହିଳା ଥିଲେ। ତାଙ୍କ ଶେଷ ସମୟରେ ଝିଅ କମଳା, ପୁଅ ଆନନ୍ଦ, ବିନୋଦ ଓ ମନୋଜଙ୍କ ସହ ବୋହୂ ସୁକାନ୍ତି, ଆରତୀ ଏବଂ ରବି, ଅମର, ଦୁଃଖନ, ଭ୍ରମର, ଅରୁ, ମଣ୍ଟୁ, ଦୀପା, ସୁମୁନା ଓ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ। ହରିନାମ ସଂକୀର୍ତ୍ତନ ସହ ହରିବୋଲ ହୁଳହୁଳି ଧ୍ୱନୀରେ ଗାଁ ସାହି, ପରିବାର ଓ ବନ୍ଧୁପ୍ରିୟଜନଙ୍କ ଗହଣରେ ଡାଳିମ୍ବଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଡୁରୁମୁଙ୍ଗାର ୨ ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧନା



ଡୁରୁମୁଙ୍ଗା,୨୭।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡୁରୁମୁଙ୍ଗା ଗ୍ରାମର ୮୪ ବର୍ଷୀୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ସାହୁ ଓ କୁଳମଣି ସାହୁଙ୍କୁ ସାମାଜିକ, ଶିକ୍ଷା ଏବଂ ସମାଜସେବା କ୍ଷେତ୍ରରେ ଅଞ୍ଚଳ ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦୁଝର ଜିଲ୍ଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସମାଜର ବର୍ତ୍ତମାନ ଓ ପୂର୍ବତନ କର୍ମକର୍ତ୍ତା ବଳରାମ ପୃଷ୍ଟି, ବସନ୍ତ କୁମାର ପୃଷ୍ଟି, ପ୍ରଫୁଲ୍ଲ କୁମାର ସାହୁ, ଡା. ଜଗଦୀଶ ସାହୁ, ହରିହର ସାହୁ, ବସନ୍ତ କୁମାର ସାହୁ, ପ୍ରଭାକର ବେହେରା, ମାୟାଧର ସାହୁ ଓ ଶଙ୍କର୍ଷଣ ବେହେରା ପ୍ରମୁଖ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଉଭୟଙ୍କୁ ସମ୍ମାନିତ କରିଥିଲେ। ଦୁହେଁ ୧୯୬୨ ମସିହାରେ ଦଧିବାମନ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ଶିକ୍ଷକତା ପେସାରେ ଯୋଗଦେଇ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଆଦର୍ଶ ଶିକ୍ଷକ ଭାବେ ସେମାନେ ବ୍ଲକ୍ ଓ ଜିଲ୍ଲାସ୍ତରରେ ସମ୍ମାନିତ ହୋଇଥିବାବେଳେ ଡୁରୁମୁଙ୍ଗାର ବିଭିନ୍ନ ଶିକ୍ଷା କ୍ଷେତ୍ର ସହିତ ଗଜଲକ୍ଷ୍ମୀ ପୂଜା, ଦଧିବାମନ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଗିରିଜାଶଙ୍କର ମନ୍ଦିର ଆଦି ସାମାଜିକ ଓ ଧାର୍ମିକ ଅନୁଷ୍ଠାନର ଗଠନ ଓ ପରିଚାଳନାରେ ମଧ୍ୟ ସେମାନଙ୍କର ଅବଦାନ ଉଲ୍ଲେଖନୀୟ। ବର୍ତ୍ତମାନ ସେମାନେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତସଙ୍ଗ ସହ ଜଡ଼ିତ ରହି ନାମସଂକୀର୍ତ୍ତନ ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରି ବିଭିନ୍ନ ସାମାଜିକ, ଶିକ୍ଷାନୁଷ୍ଠାନ ଓ ଧାର୍ମିକ କାର୍ଯ୍ୟକ୍ରମରେ ଦୀର୍ଘଦିନ ଧରି ସକ୍ରିୟ ଭୂମିକା ନିଭାଇ ଆସୁଛନ୍ତି। ବୟସର ଅପରାହ୍ଣରେ ମଧ୍ୟ ଉଭୟଙ୍କ ସେବାଭାବ, ସମାଜ ପ୍ରତି ନିଷ୍ଠା ଓ ଅତୁଟ ବନ୍ଧୁତା ସମସ୍ତଙ୍କ ପାଇଁ ପ୍ରେରଣାର ଉଦାହରଣ ପାଲଟିଛି।

## କାର୍ଗିଲ ବିଜୟ ଦିବସରେ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଚମ୍ପୁଆ,୨୭।୭(ସମିସ): କାର୍ଗିଲ ଯୁଦ୍ଧରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ସହୀଦମାନଙ୍କୁ ସ୍ମରଣ କରି ଚମ୍ପୁଆରେ ୨୭ତମ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ସଂଗଠନ, ଚମ୍ପୁଆ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶପ୍ରେମ ଓ ବୀର ଯବାନଙ୍କ ପ୍ରତି ସମ୍ମାନର ବାର୍ତ୍ତା ଦିଆଯାଇଥିଲା। ଚମ୍ପୁଆ ନଗର ଭବନରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ଗାନ୍ଧୀଛକ, ଜେଲଛକ ଓ ବସ୍‌ଷ୍ଟାଣ୍ଡ ଦେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚିଥିଲା। ଏଥିରେ ସରସ୍ୱତୀ ବିଦ୍ୟାମନ୍ଦିର ଓ ମହତାବ ଉଚ୍ଚ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ, ଅବସରପ୍ରାପ୍ତ ସୈନିକ, ଘୋଷଦଳ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ସାଧାରଣ ଲୋକ ଯୋଗଦେଇଥିଲେ। ପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବୌଦ୍ଧିକ ମଣ୍ଡପରେ ଆୟୋଜିତ ସଭାରେ ସ୍ଥାନୀୟ ସହକାରୀ ଉପଜିଲାପାଳ ସୌମେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଗିଲ ବୀର ସହୀଦମାନଙ୍କ ବଳିଦାନକୁ ସ୍ମରଣ କରିଥିଲେ। ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, ରମାକାନ୍ତ ପ୍ରଧାନ, ଗଙ୍ଗାଧର କର, ଅବସରପ୍ରାପ୍ତ ସୈନିକ ସଂଗଠନର ସଭାପତି ଚକ୍ରଧର ମହାନ୍ତ ଓ ସମ୍ପାଦକ ଅସିତ କୁମାର ଗିରିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧରଣୀଧର ଦାସ, ଏନ୍‌ସିସି ଅଧିକାରୀ ଗିରିଶ ଚନ୍ଦ୍ର ପ୍ରଧାନ, ବସନ୍ତ କୁମାର ମହାନ୍ତ, ଶରତ ଚନ୍ଦ୍ର ପ୍ରଧାନ, ପବନ କୁମାର ସାହୁ, ପୁଲିସ ବାହିନୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ଶ୍ରୀଦଧିବାମନଜିଉଙ୍କ ଅଧରପଣା ଓ ନୀଳାଦ୍ରି ବିଜେ



ଆନନ୍ଦପୁର,୨୭।୭(ସମିସ): ଘଷିପୁରା ବ୍ଲକ୍ କେଶଦୁରାପାଳ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଦଧିବାମନଜିଉଙ୍କ ଅଧରପଣା ନୀତି ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଠାରୁ ଆଜ୍ଞା ମାଳ ଯାଇ ଗ୍ରାମର କୁରାଳ ସାହିରୁ ଅଧରପଣା ହାଣ୍ଡିକୁ ଶଙ୍ଖ, ଘଣ୍ଟ ଓ ସଂକୀର୍ତ୍ତନ କରି ରଥ ନିକଟକୁ ଅଣା ଯାଇଥିଲା। ପରେ ଦଇତାପତି ସେବକମାନେ କୂଅରୁ ପିତଳ ଗରାରେ ପାଣି ଆଣିଥିଲେ। ପୂଜକମାନେ ମହାପ୍ରଭୁଙ୍କ ଅଧରପଣା ପ୍ରସ୍ତୁତ କରିବା ପରେ ଲାଗି କରାଯାଇ ଅଧର ପଣା ହାଣ୍ଡି ଭଙ୍ଗା ଯାଇଥିଲା। ଜନ ମଙ୍ଗଳ ଉଚ୍ଚ ବିଦ୍ୟାଳୟର ୧୯୯୮ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସାଦ ବଣ୍ଟନ ଓ ୨୦୧୨ ମସିହା ଦଶମ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୀଳ ମାଧବ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡ଼ଦାଣ୍ଡରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏହି ରଥ ମହୋତ୍ସବକୁ ସହଯୋଗ କରିଛନ୍ତି କେଶଦୁରାପାଳ ଗ୍ରାମର ଗୋପୀନାଥପୁର ଶାସନର ଦଇତାପତି ସେବାୟତ ଓ ଜନ ମଙ୍ଗଳ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ। ଗ୍ରାମବାସୀ, ମନ୍ଦିର କମିଟି ସହଯୋଗ କରିଥିଲେ।

## ସ୍ୱତନ୍ତ୍ର ସଘନ ପୁନଃନିରୀକ୍ଷଣ ପାଇଁ ପିସିସି ପର୍ଯ୍ୟବେକ୍ଷକ ନିଯୁକ୍ତ

କେନ୍ଦୁଝର,୨୭।୭(ସମିସ): ଭୋଟର ସଂଶୋଧନ ପ୍ରକ୍ରିୟା ସ୍ୱତନ୍ତ୍ର ସଘନ ପୁନଃପରୀକ୍ଷଣ ପାଇଁ ପିସିସି ପକ୍ଷରୁ ସମସ୍ତ ବିଧାନସଭା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅନୁମୋଦନକ୍ରମେ ପିସିସିର ଏସ୍ଆଇଆର ଷ୍ଟିଅରିଂ କମିଟିର ଅଧକ୍ଷ ସନ୍ତୋଷ ସିଂ ସାଲୁଜା ନାମ ଘୋଷଣା କରିଛନ୍ତି। ଏହି ତାଲିକାରେ ପୂର୍ବତନ ମନ୍ତ୍ରୀ, ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ ପ୍ରାର୍ଥୀ, ପିସିସି କର୍ମକର୍ତ୍ତା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି, ପୂର୍ବତନ ପିସିସି କର୍ମକର୍ତ୍ତା, ପିସିସି ଛାମୁଆ ସଂଗଠନର ସଭାପତିମାନେ ଅଛନ୍ତି। କେନ୍ଦୁଝର ଜିଲ୍ଲାରୁ ୫ ଜଣଙ୍କୁ ପିସିସି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସଙ୍କୁ ଚମ୍ପୁଆ ବିଧାନସଭା, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରିଙ୍କୁ ଦେବଗଡ଼ ବିଧାନସଭା, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରିଙ୍କୁ କରଞ୍ଜିଆ ବିଧାନସଭା, ପୂର୍ବତନ ସାଂସଦ ପ୍ରାର୍ଥୀ ଙ୍କ ବିନୋଦ ବିହାରୀ ନାଏକଙ୍କୁ ପାଲଲହଡ଼ା ବିଧାନସଭା ଓ ଘସିପୁରା ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ରଙ୍କୁ ସାରସକଣା ବିଧାନସଭା ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ସେହିପରି କେନ୍ଦୁଝର ବିଧାନସଭା ପାଇଁ ଭଦ୍ରକ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ, ଘସିପୁରା ବିଧାନସଭା ପାଇଁ ପୂର୍ବତନ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ଆନନ୍ଦପୁର ବିଧାନସଭା ପାଇଁ ପ୍ରଭାକର ମହାପାତ୍ର, ତେଲକୋଇ ବିଧାନସଭା ପାଇଁ ପ୍ରମୋଦ ହେମ୍ବ୍ରମ ଏବଂ ପାଟଣା ବିଧାନସଭା ପାଇଁ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀଙ୍କୁ ପିସିସି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

## ଚମ୍ପୁଆ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଚମ୍ପୁଆ,୨୭।୭(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁ ଯୋଗଦେଇ ଭାରତୀୟ ବୈଜ୍ଞାନିକ ମାନଙ୍କର ବିଜ୍ଞାନ କ୍ଷେତ୍ରରେ ଅବଦାନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ଗିରି ପ୍ରମୁଖ ଯୋଗଦେଇ ବିଜ୍ଞାନ କିପରି ମାନବ ଜୀବନକୁ ଉନ୍ନତ ଓ ସରସ ସୁନ୍ଦର କରିପାରିଛି ସେ ବିଷୟରେ ସଚେତନ କରିବା ସହିତ ନୂତନ ଉଦ୍ଭାବନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇ ବିଜ୍ଞାନ ବିନା ଆଜି ମଣିଷ ତିଳେହେଲେ ବଞ୍ଚିବା ଅସମ୍ଭବ ବୋଲି କହିଥିଲେ। ପରିଚାଳନା ସମିତିର ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଜ୍ଞାନ ବିଜ୍ଞାନ ମେଳାର ଆଭିମୁଖ୍ୟ କଥନ କରିବା ସହିତ ସୂଚନା ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନମଞ୍ଚ, ସଂସ୍କୃତ ଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରକଳ୍ପ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ପତ୍ରବାଚନ, କଥା କଥନ, ମୂର୍ତ୍ତି କଳା ଆଦି ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ମୋଟ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ବିଭିନ୍ନ ବିଷୟରେ ମୋଟ ୨୪୮ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଜ୍ଞାନ ଆଚାର୍ଯ୍ୟ କୀର୍ତ୍ତିଚନ୍ଦ୍ର ମହାପାତ୍ର ଜ୍ଞାନ ବିଜ୍ଞାନ ମେଳାର ବିବରଣୀ ପାଠ କରିଥିଲେ। ନିର୍ମଳ ଚନ୍ଦ୍ର ମହାନ୍ତ, ରବୀନ୍ଦ୍ର କୁମାର ପଣ୍ଡା, ପ୍ରିୟଦର୍ଶିନୀ ଗିରି, ପଲ୍ଲିଶ୍ରୀ ଭାର୍ଗବୀ ପ୍ରଧାନ, ସରଳା ପ୍ରଧାନ, ଓମପ୍ରଭା ପ୍ରଧାନ, ସୁଶାନ୍ତ କୁମାର ଗିରି, ଚିତ୍ତରଞ୍ଜନ ମହାନ୍ତ, ସତ୍ୟଜିତ ପ୍ରଧାନ, ବସନ୍ତ କୁମାର ମହାନ୍ତ, ତ୍ରିବେଣୀ ପାତ୍ର, ସରୋଜ କୁମାର ପାତ୍ରଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ନାହିଁ ନାହିଁରେ ଚାଲିଛି ଜିଲ୍ଲାର ସ୍ୱାସ୍ଥ୍ୟ ସେବା

# ବିଭିନ୍ନ ବିଭାଗରେ ଖାଲିପଡ଼ିଛି ୧୨୭୬ ପଦବୀ

କେନ୍ଦୁଝର,୨୭।୭(ସମିସ)

କେନ୍ଦୁଝର ଏବେ ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା ହୋଇଥିବାବେଳେ ଜିଲ୍ଲାର ମୌଳିକ ସୁବିଧା ପୂର୍ବପେକ୍ଷା ସୁଧୁରିବ ବୋଲି ସାଧାରଣ ଜନତାଙ୍କ ଯେଉଁ ଭରସା ଥିଲା, ତାହା କ୍ରମେ ନିରାଶାରେ ପରିଣତ ହେଉଥିବା ଜଣାପଡ଼ିଛି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବା ବଦଳରେ ଏହାକୁ ଅଣଦେଖା କରାଯାଉଛି। ଫଳରେ ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପରିତାପର ବିଷୟ ହେଲା ଜୁଲାଇ ୮ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ୩୬୯ ଡାକ୍ତର, ୭୫ ଫାର୍ମାସୀ ଅଫିସର, ୩୫୫ ନର୍ସିଂ ଅଧୀକ୍ଷକ ସମେତ ମୋଟ ୧୨୭୬ ଟି ବିଭିନ୍ନ ପଦବୀ ଶୂନ୍ୟ ପଡ଼ିଛି। ତେଣୁ ସ୍ୱାସ୍ଥ୍ୟ ସେବା କିପରି ପରିଚାଳିତ ହେଉଛି ତାହା ସହଜେ ଅନୁମେୟ। ଏପରିକି ରେଡିଓଗ୍ରାଫର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମଧ୍ୟରୁ ୭ଟି ପଦବୀ ଖାଲି ପଡ଼ିବା ଜିଲ୍ଲାର ସ୍ୱାସ୍ଥ୍ୟ ସେବା ପ୍ରତି ପ୍ରଶାସନର ଅବହେଳାକୁ ଦର୍ଶାଉଛି। କେନ୍ଦୁଝର ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ କେବଳ ଜିଲ୍ଲା ଲୋକ ନିର୍ଭରଶୀଳ ନୁହଁନ୍ତି, ଏଠାରେ କେନ୍ଦୁଝର ସମେତ ପଡ଼ୋଶୀ ଅନୁଗୋଳ ଜିଲ୍ଲାର କେତେକ ଅଞ୍ଚଳ, ମୟୂରଭଞ୍ଜ ଜିଲ୍ଲାର ଲୋକେ ଏବଂ ଝାରଖଣ୍ଡ ରାଜ୍ୟର କେତେକ ଲୋକ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏଭଳି ପରିସ୍ଥିତିରେ ଡାକ୍ତର ଭଳି ଅତି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଯୋଗୁଁ ସ୍ୱାସ୍ଥ୍ୟ ସେବା ଗୁରୁତର ପ୍ରଭାବିତ ହେଉଛି। ଛୋଟ ଛୋଟ ସମସ୍ୟା ପାଇଁ ଜିଲ୍ଲାର ଲୋକଙ୍କୁ କଟକ ବଡ଼ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି।

### ତାଲିକାରେ ୩୬୯ ଡାକ୍ତର, ୭୫ ଫାର୍ମାସୀ ଅଫିସର, ୩୫୫ ନର୍ସିଂ ଅଧୀକ୍ଷକ ପଦ ଫାଙ୍କା

ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬୭୨ ଡାକ୍ତର ପଦବୀ ମଧ୍ୟରୁ ୩୬୯ ଜଣ ଡାକ୍ତର ପଦବୀ ଖାଲି ପଡ଼ିଛି। ଜିଲ୍ଲାରେ ୪୫ ସିନିଅର ଫାର୍ମାସୀ ଅଫିସର ପଦବୀ ମଧ୍ୟରୁ ୭ ପଦବୀ ଖାଲି ରହିଥିବାବେଳେ ୧୧୩ ଜୁନିଅର ଫାର୍ମାସୀ ଅଫିସର ପଦବୀ ମଧ୍ୟରୁ ୬୮ ପଦବୀରେ କେହି ନାହାନ୍ତି। ସହକାରୀ ନର୍ସିଂ ଅଧୀକ୍ଷକ ୫ ଜଣଙ୍କ ମଧ୍ୟରୁ ୪ପଦବୀ ଖାଲି ଅଛି। ସେହିଭଳି ୫୮୭ ଜଣ ନର୍ସିଂ ଅଧୀକ୍ଷକଙ୍କ ମଧ୍ୟରୁ ୩୫୫ ପଦବୀ ଖାଲିପଡ଼ିଛି। ସେହିଭଳି ୨୮୫ ସିଏଚଓ ପଦବୀରୁ ୨୫ ପଦବୀରେ ଶୂନ୍ୟସ୍ଥାନ ରହିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ମଧ୍ୟରେ ଏଲ୍‌ଟି ପଦବୀ ମଧ୍ୟ ଖାଲି ପଡ଼ିଛି। ଜିଲ୍ଲାରେ ଥିବା ୧୯ଟି ସିନିଅର ଏଲ୍‌ଟି ପଦବୀ ମଧ୍ୟରୁ ୧୦ ପଦବୀ ଖାଲିପଡ଼ିଥିବାବେଳେ ୩୯ଟି ଜୁନିଅର ଏଲ୍‌ଟି ମଧ୍ୟରୁ ୯ ପଦବୀ ଶୂନ୍ୟସ୍ଥାନ ରହିଛି। ସ୍ୱାସ୍ଥ୍ୟ ସେବାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହେଲା ରେଡ଼ିଓଗ୍ରାଫର। କିନ୍ତୁ ଜିଲ୍ଲାରେ ୨୦ ଜୁନିଅର ରେଡିଓଗ୍ରାଫର୍‌ରୁ ୧ ପଦବୀ ଏବଂ ୮ ଗୋଟି ସିନିଅର ରେଡିଓଗ୍ରାଫର ମଧ୍ୟରୁ ୬ ପଦବୀ ଖାଲିରହିଛି। ଅନ୍ୟପକ୍ଷରେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଥିବା ୪୪ ଟି ଡ୍ରାଇଭର ପଦବୀରୁ ୨୦ ଟି ପଦବୀ ଖାଲି ପଡ଼ିଛି। ସେହିପରି ୧୩ ଜଣ ଏସ୍ଏ ପଦବୀରୁ ଗୋଟିଏ ପଦବୀ ଖାଲି, ୫୨୬ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ୯୧ ପଦବୀ ଖାଲି, ୨୪୫ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀରୁ ୧୫ ପଦବୀ ଖାଲି, ୬୭ ପୁରୁଷ ସୁପରଭାଇଜର ପଦବୀରୁ ୩୦ ପଦବୀ ଖାଲି ରହିଥିବାବେଳେ ୬୨ଟି ମହିଳା ସୁପରଭାଇଜର ପଦବୀ ମଧ୍ୟରୁ ୩୬ ଗୋଟି ପଦବୀ ଏବେ ବି ଶୂନ୍ୟ ରହିଛି। ଏତଦ୍‌ଭିନ୍ନ ୧୯ ଡିଏସ୍ କ୍ଲର୍କ ପଦବୀରୁ ୧୦ଟି ପଦବୀ ଖାଲି, ୧୭ଟି ପିଏମଡବ୍ଲୁ ପଦବୀରୁ ୮ ଟି ଖାଲି, ୧୦ ଆପଥାଲମିକ ଆସିଷ୍ଟାଣ୍ଟ ପଦବୀରୁ ୭ ପଦବୀ ଖାଲି ଏବଂ ଜିଲ୍ଲାର ୧୩ ଟିପିଏଚ୍‌ଇଓ ପଦବୀ ମଧ୍ୟରୁ ୪ଟି ପଦବୀ ଖାଲି ରହିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଚତୁର୍ଥଶ୍ରେଣୀ କର୍ମଚାରୀ ପଦବୀରେ ମଧ୍ୟ ଶୂନ୍ୟସ୍ଥାନ ପଡ଼ିଛି। ମୋଟ ୪୪୬ ଗୋଟି ମଞ୍ଜୁରୀପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀରୁ ୨୦୦ ଟି ପଦବୀ ଖାଲି ପଡ଼ିଥିବା ଜଣାପଡିଛି. ଏଭଳି କର୍ମଚାରୀ ମରୁଡି ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ଆଗକୁ ନେବାରେ ପ୍ରମୁଖ ବାଧକ ସାଜୁଥିବାବେଳେ ସରକାର ଏଥିପ୍ରତି ଧ୍ୟାନଦେଇ ଖାଲି ପଡ଼ିଥିବା ପଦବୀଗୁଡିକୁ ପୂର୍ଣ୍ଣ କରିବାକୁ ଦାବି ହେଉଛି।

## ସହକାରୀ ଶିକ୍ଷକଙ୍କ ବଦଳିକୁ ନେଇ ତୀବ୍ର ଅସନ୍ତୋଷ

# ବିଦ୍ୟାଳୟ ସମ୍ମୁଖରେ ଛାତ୍ର-ଅଭିଭାବକଙ୍କ ଧାରଣା

୨ ଦିନ ମଧ୍ୟରେ ସମାଧାନ ନ ହେଲେ ଫାଟକରେ ତାଲା ପକାଇବାକୁ ଚେତାବନୀ

**ଚନ୍ଦନେଶ୍ୱର, ୨୭।୭ (ସମିସ)**



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ କଖଡ଼ା ଓ ବାଜିତପୁର ଗ୍ରାମପଞ୍ଚାୟତର ମିଳନସ୍ଥଳୀରେ ଅବସ୍ଥିତ ଚଣ୍ଡୀପୁର ମୁଣ୍ଡାବଣିଆ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଇଂରାଜୀ ଶିକ୍ଷକ ସୁଶାନ୍ତ କୁମାର ଦାସଙ୍କ ଅନ୍ୟତ୍ର ବଦଳିକୁ କେନ୍ଦ୍ର କରି ସୋମବାର ବିଦ୍ୟାଳୟ ପରିସରରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶତାଧିକ ଛାତ୍ରଛାତ୍ରୀଙ୍କ ଅଭିଭାବକ ପ୍ରବଳ ବର୍ଷାକୁ ଖାତିର ନ କରି ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସି ବଦଳି ଆଦେଶ ପ୍ରତ୍ୟାହାର ଦାବି କରିଥିଲେ।

ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସରକାରୀ ନିୟମ ଅନୁସାରେ ଏଠାରେ ୭ ଜଣ ଶିକ୍ଷକ ରହିବା କଥା ଥିବାବେଳେ ବର୍ତ୍ତମାନ ମାତ୍ର ୬ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଏହା ସହ ଦୀର୍ଘ ୪ ବର୍ଷ ଧରି ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ନ ହେବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ସୁବଳ ଚନ୍ଦ୍ର ସାହୁ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏପରି ସ୍ଥିତିରେ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ସୁଶାନ୍ତ କୁମାର ଦାସଙ୍କୁ ଅନ୍ୟତ୍ର ବଦଳି କରାଯିବା ଫଳରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଶେଷକରି ଇଂରାଜୀ ପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଦକ୍ଷ ଶିକ୍ଷକଙ୍କ ବଦଳି ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାହତ ହେବା ସହ ବିଦ୍ୟାଳୟର ଶୈକ୍ଷିକ ପରିବେଶ କ୍ଷତିଗ୍ରସ୍ତ ହେବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହି ବଦଳିକୁ ବାତିଲ କରିବା ଦାବିରେ ଛାତ୍ରଅଭିଭାବକମାନେ ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବାଲେଶ୍ୱର ସାଂସଦ, ଭୋଗରାଇ ବିଧାୟକ ଏବଂ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇ ନ ଥିବାରୁ ସୋମବାର ସକାଳେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଧାରଣାରେ ସାମିଲ ଅଭିଭାବକମାନଙ୍କ କହିବା ଅନୁଯାୟୀ, ବିଦ୍ୟାଳୟରେ ଆଗରୁ ଶିକ୍ଷକ ଅଭାବ ରହିଥିବା ବେଳେ ପୁଣି ଜଣେ ଅଭିଜ୍ଞ ଶିକ୍ଷକଙ୍କ ବଦଳି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ସଦୃଶ। ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ କରି ଶିକ୍ଷକଙ୍କ ବଦଳି ବାତିଲ କରିବା ସହ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ସେମାନେ ଦାବି କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ ସାମଲ, ଉପସଭାପତି ଚାମେଲୀ ବିବିଙ୍କ ସମେତ ଦୀପକ ବାରିକ, ପଙ୍କଜ ସେନାପତି, ସୂର୍ଯ୍ୟକାନ୍ତ ସେନାପତି, ଅନନ୍ତ କୁମାର ସେନାପତି, ଆରତୀ ସେନାପତି, ଜୟନ୍ତୀ ସେନାପତି, ଜୟଦେବ ସେଠୀ, ଭାରତୀ ସେଠୀ ପ୍ରମୁଖ ଧାରଣାରେ ସାମିଲ ହୋଇ ପ୍ରଶାସନକୁ ୨ ଦିନର ଚରମ ସମୟସୀମା ଦେଇଛନ୍ତି। ଏହି ସମୟ ମଧ୍ୟରେ ଶିକ୍ଷକଙ୍କ ବଦଳି ସମସ୍ୟାର ସମାଧାନ ନ ହେଲେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଛାତ୍ରଛାତ୍ରୀଙ୍କ ଶିକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ଶୀଘ୍ର ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

## ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ଜେଲଗଲେ ତତ୍କାଳୀନ ଡିଏଫ୍ଓ ସଂଗ୍ରାମ କେଶରୀ ବେହେରା

**ପାରଳାଖେମୁଣ୍ଡି/ବାଲେଶ୍ୱର, ୨୭।୭ (ସମିସ):** ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଆଇନର ଫାସରେ ଛନ୍ଦି ହୋଇଛନ୍ତି ତତ୍କାଳୀନ ଗଜପତି ଡିଏଫ୍ଓ ସଂଗ୍ରାମ କେଶରୀ ବେହେରା । ସୋମବାର ସେ ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତରେ ଆତ୍ମସମର୍ପଣ କରିବା ପରେ ଦାଖଲ କରିଥିବା ଜାମିନ ଆବେଦନକୁ ଅଦାଲତ ଖାରଜ କରିଦେଇଛନ୍ତି । ଫଳରେ ତାଙ୍କୁ ନ୍ୟାୟିକ ହାଜତକୁ ପଠାଇ ଦିଆଯାଇଛି। ଏନେଇ ମୃତ ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପାଇଁ ଲଢୁଥିବା ଓକିଲ ରଜତ କୁମାର ପାତ୍ର କହିଛନ୍ତି ଯେ ଆଜି ମାନ୍ୟବର ହାଇକୋର୍ଟର ନିର୍ଦ୍ଦେଶ ପ୍ରକାରେ ସଂଗ୍ରାମ କେଶରୀ ବେହେରା ଆତ୍ମସମର୍ପଣ ପାଇଁ ଆସିଥିଲେ । ପ୍ରଥମ ପର୍ଯ୍ୟାୟରେ ସେ ପାରଳାଖେମୁଣ୍ଡି ଏସଡିଜେଏମ୍ କୋର୍ଟରେ ହାଜର ହୋଇ ଜାମିନ ଆବେଦନ ପାଇଁ ଦାଖଲ କରିଥିଲେ । ହେଲେ ଏସଡିଜେମ୍ କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ଫଳରେ ସେ ଦ୍ୱିତୀୟ ପର୍ଯ୍ୟାୟରେ ସେସନ୍ କୋର୍ଟରେ ଜାମିନ ଆବେଦନ କରିଥିଲେ । ତେବେ ସେସନ କୋର୍ଟ ମଧ୍ୟ ଜାମିନ ଆବେଦନ ଖାରଜ କରିଦେଇଛନ୍ତି । ସେହିପରି ଜିଲ୍ଲା କୋର୍ଟର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର କହିଛନ୍ତି ଯେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲାରେ ଗଲାବର୍ଷ ପାରଳାଖେମୁଣ୍ଡି ଏସଡିଜେଏମ୍ କୋର୍ଟ ତରଫରୁ ଅଦାଲତର ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିବା ଯୋଗୁଁ ଜାମିନ ବିହୀନ ଗିରଫ ପରୱାନା ଜାରୀ ହୋଇଥିଲା । ତାକୁ ମାନିବା ପରିବର୍ତ୍ତ? ସଂଗ୍ରାମ କେଶରୀ ବେହେରା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ବେଲ ପିଟିସନ୍ ଦାଖଲ କରିଥିଲେ । ହେଲେ ଉଚ୍ଚ ନ୍ୟାୟାଳୟ ପାରଳାଖେମୁଣ୍ଡି ଏସଡିଜେଏମ୍ କୋର୍ଟରେ ହାଜର ହେବା ପାଇଁ ସମୟ ଦେଇଥିଲେ। ଏପରି ଭାବେ ସେ ବାରମ୍ବାର ଅବମାନା କରିଚାଲିଥିଲେ ମଧ୍ୟ ଶେଷରେ ଆଜି ହାଜର ହୋଇଥିଲେ । ସଂଗ୍ରାମଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଓକିଲ ମିଳନ କାନୁନଗୋ ମାମଲା ପରିଚାଳନା କରିଥିଲେ।

## ଶିକ୍ଷା ସୁରକ୍ଷା ମଞ୍ଚର ବୈଠକ

**ବାଲେଶ୍ୱର,୨୭।୭ (ସମିସ):** ସ୍ଥାନୀୟ ସିଦ୍ଧି ବିନାୟକ-୨ କଲ୍ୟାଣ ମଣ୍ଡପରେ ଶିକ୍ଷା ସୁରକ୍ଷା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଂଯୋଜକ ରଘୁନାଥ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚର ଆଗାମୀ କାର୍ଯ୍ୟକ୍ରମ ଓ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପରବର୍ତ୍ତୀ ପଦକ୍ଷେପ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସୋନମ୍ ୱାଙ୍ଗଚୁକଙ୍କ ସମର୍ଥନରେ ଅନୁଷ୍ଠିତ ପ୍ରତୀକାତ୍ମକ ଅନଶନରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଦିଆଯାଇଥିଲା। ସେହିପରି ଜେନ୍-ଜିଙ୍କ ଦ୍ୱାରା ସଂଗଠିତ ଆନ୍ଦୋଳନରେ ଗଣତନ୍ତ୍ର ବିଜୟକୁ ସ୍ୱାଗତ କରାଯାଇଥିଲା। ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ମଞ୍ଚର କାର୍ଯ୍ୟକ୍ରମକୁ ପ୍ରଶଂସା କରି ଭାରତବର୍ଷରେ ସଂଗଠିତ ଜନ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜେଡିର ବରିଷ୍ଠ ନେତା ବରୋଦା ପଟ୍ଟନାୟକ କହିଥିଲେ ଯେ, ଜେନ୍-ଜି'ର ଦାବି ଆଗରେ ସ୍ୱେଚ୍ଛାଚାରୀ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇବା ଭାରତର ଇତିହାସ ପାଇଁ ଏକ ସ୍ମରଣୀୟ ଦିନ। ସିପିଆଇର ବରିଷ୍ଠ ନେତା ଭାଗବତ ପ୍ରତିହାରୀ ବିଭିନ୍ନ ଉଦାହରଣ ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଛାତ୍ରମାନଙ୍କର ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ବଳପୂର୍ବକ ଦମନ କରିବାକୁ ସମାଲୋଚନା କରିଥିଲେ। ବୈଠକରେ ଅନେକ ବୁଦ୍ଧିଜୀବୀ ଯୋଗ ଦେଇ ନିଜର ବକ୍ତବ୍ୟ ରଖି ଗଣତନ୍ତ୍ରର ବିଜୟକୁ ସ୍ୱାଗତ କରିଥିଲେ। ଏଥିରେ ମନୋଜ ନାୟକ, ଦୁକୁଲ ଘଡ଼ାଇ, ସଲିମ ରାଜା, ଅଜଗର ଅଲ୍ଲୀ, ଜ୍ୟୋତ୍ସ୍ନା ସେନାପତି, ଇକବାଲ ଖାଁ, କାନ୍ତିଲାଲ ନାୟକ, ଜ୍ୟୋତି ବାରିକ, ମହମ୍ମଦ ଇସଲାମ, ସ୍ୱସ୍ତିକ ଦେ, ସହେବା ଅକ୍ଷତର, ରୋଜି ପଟ୍ଟନାୟକ, ଉତ୍ପଳ ମହାନ୍ତି, ପ୍ରେମ ପାତ୍ର, ସଞ୍ଜୟ ଶତପଥି, ଧିରେନ ନାୟକ, ବୀରେନ୍ଦ୍ର ସେନାପତି, ଇନତେଖାବ ଅଲ୍ଲୀ ଖାଁ, ମଦନ ଜେନା, ଯଦୁନାଥ ସେଠୀ, ଶଙ୍ଖ ମାରାଣ୍ଡି, ସୌମେନ୍ଦ୍ର ଦାସ, ଶ୍ରୀକୃଷ୍ଣ ନାୟକ, ସେକ ନିଆଯୁଦ୍ଦିନ, ସେକ ହୁସେନ, ଅବଦୁଲ ଖାଲିଦ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚର ଅନ୍ୟତମ ସଂଯୋଜକ ପ୍ରତିମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ନୀଳଗିରି, ୨୭।୭ (ସମିସ):** ଲଘୁଚାପଜନିତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ରବିବାର ଅପରାହ୍ନରେ ବଜ୍ରପାତ ଯୋଗୁଁ ଜଣେ ଚାଷୀର ଜୀବନ ଯାଇଛି। ବରହମପୁର ଥାନା ଛତ୍ରପୁର ପଞ୍ଚାୟତ ଚତୁରିପଡା ଗ୍ରାମର କହ୍ନେଇ କିସ୍କୁଙ୍କ ପୁଅ ବୁଦ୍ଧିଆ କିସ୍କୁ(୫୫) ଚାଷକାମ ପାଇଁ ବିଲକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪.୩୦ମିନିଟ ସମୟରେ ପ୍ରଚୁର ବର୍ଷା ଓ ଘଡଘଡି ହେବାରୁ ଘରକୁ ଫେରିଆସିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ସେହି ବିଲରେ ଟଳି ପଡ଼ିଥିଲେ। କିଛି ଦୂରରେ ଚାଷ କାମରେ ଥିବା ଅନ୍ୟ ଚାଷୀମାନେ ଏହାଦେଖି ତାଙ୍କ ଘରଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ତୁରନ୍ତ ବରହମପୁର ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରହମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

## ଧଉଳି ସୁପର ଫାଷ୍ଟ ଟ୍ରେନରେ ନିଆଁ

**ସିମୁଳିଆ, ୨୭।୭ (ସମିସ):** ହାୱଡ଼ା-ପୁରୀ ସୁପର ଫାଷ୍ଟ ଧଉଳି ଏକ୍ସପ୍ରେସ ପୁରୀରୁ ହାୱଡ଼ାକୁ ଫେରୁଥିବା ବେଳେ ମାର୍କୋଣା ଷ୍ଟେସନଠାରେ ଟ୍ରେନରେ ନିଆଁ ଲାଗିଯାଇଥିଲା। ଗତକାଲି ରାତିରେ ମାର୍କୋଣା ଷ୍ଟେସନରେ ୧୦.୦୧ ମିନିଟରେ ଉକ୍ତ ଟ୍ରେନ୍ ପହଂଚିଥିଲା। ସେଠାରେ ଧଉଳି ଏକ୍ସପ୍ରେସରେ ଇଞ୍ଜିନ ବ୍ରେକ ସୋ ଘସିହୋଇ ନିଆଁ ଲାଗିଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଷ୍ଟେସନ ମାଷ୍ଟର ଏହା ଦେଖି ତୁରନ୍ତ ନିଆଁକୁ ଆୟତ କରି ଖଡ଼ଗପୁର ଜୋନକୁ ଫୋନ କରିଥିଲେ। ଖଡ଼ଗପୁରରୁ ଆଉ ଗୋଟିଏ ଇଞ୍ଜିନ ଆସିବା ପରେ ୧୧.୫୨ ମିନିଟରେ ଧଉଳି ଏକ୍ସପ୍ରେସ ମାର୍କୋଣାରୁ ଛାଡିଥିଲା।

## ୨୫ ଲକ୍ଷର ବ୍ରାଉନ ସୁଗର ଜବତ, ୩ ଗିରଫ

**ଜଳେଶ୍ୱର, ୨୭।୭ (ସମିସ):** ଜଳେଶ୍ୱର ପୁଲିସର ବ୍ରାଉନ ସୁଗାର ବେପାରୀଙ୍କ ଘରେ ଚଢଉ। ଏଥିରେ ୩ ଗିରଫ ସହିତ ୨୫୦ଗ୍ରାମର ବ୍ରାଉନ ସୁଗାର ଜବତ ହୋଇଛି। ଗୁପ୍ତ ସୂଚନା ଆଧାରରେ ଜଳେଶ୍ୱର ଥାନା ଅଧିକାରୀ ଅଶୋକ କୁମାର ବାରିକଙ୍କ ନେତୃତ୍ୱରେ ପୁଲିସ ଟିମ ସୁବର୍ଣ୍ଣରେଖା ନଦୀ ଟିଂ ରୋଡର ଫତୁଘଣ୍ଟା ନିକଟରେ ପୂର୍ବରୁ ଛକି ବସିଥିଲେ। ଧଳା ଜହର ବେପାରୀ ପାଖକୁ ଗରାଖ ଆସିବା ପରେ କାରବାର ଆରମ୍ଭ ହେବା ମାତ୍ରେ ପୁଲିସ ଚଢ଼ଉ କରି ୩ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ପୋଲିସ ସୂଚନାନୁଯାୟୀ ପଶ୍ଚିମବଙ୍ଗର ମୋହନପୁର ଅଂଚଳର ଜନୈକ ଯୁବକ ପ୍ରାୟ ୨୫୦ ଗ୍ରାମର ବ୍ରାଉନ ସୁଗାର ନେଇ ଜଳେଶ୍ୱର ଅଂଚଳକୁ ଆସିଥିଲେ। ସୁବର୍ଣ୍ଣରେଖା ନଦୀ କୂଳ ଟିଂ ରୋଡ ନିକଟରେ ଏହି ନିଶାଦ୍ରବ୍ୟ ବିକ୍ରି ପାଇଁ ଡିଲ ଚାଲିଥିବା ବେଳେ ପୂର୍ବରୁ ଯୋଜନାବଦ୍ଧ ଭାବେ ଛକି ବସିଥିବା ପୁଲିସ ଟିମ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୨୦୫ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୨୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଏହି କାରବାର ପଛରେ ଅନ୍ୟ କେଉଁମାନେ ସମ୍ପୃକ୍ତ ରହିଛନ୍ତି ଓ କେତେଦିନ ଧରି ଏହି କାରବାର ଚାଲିଛି ସେନେଇ ପୋଲିସ ତଦନ୍ତ ଜାରି ରଖିଛି।

## ଭୁଶୁଡ଼ିଲା ମାଟି କାନ୍ଥ

**ସିମୁଳିଆ, ୨୭।୭ (ସମିସ):** ସିମୁଳିଆ ବ୍ଲକ ଅନ୍ତର୍ଗତ କହ୍ନେଇବିନ୍ଧା ପଞ୍ଚାୟତର ବାଡୁଳି ଗ୍ରାମର ଦୁଇ ନଂ ୱାର୍ଡର ପ୍ରଭାକର ଜେନାଙ୍କ ଘର କାନ୍ଥ ଭାଙ୍ଗି ଯାଇଛି । ରବିବାର ସନ୍ଧ୍ୟା ସମୟରେ ଲଗାଣ ବର୍ଷା ଯୋଗୁଁ ତାଙ୍କ ଘର ନିକଟରେ ଥିବା ନିରାକାର ଜେନାଙ୍କ ମାଟି ଘର କାନ୍ଥ ଭାଙ୍ଗି ଆଜବେଷ୍ଟ ଭାଙ୍ଗି ପକ୍କା ଘର କାନ୍ଥ ଭାଙ୍ଗି ଯିବା ସହ ଝରକା, ଟିଭି, ଫ୍ୟାନ ଓ ଆସବାବପତ୍ର ନଷ୍ଟ ହୋଇଯାଇଛି ।

## ପୋଖରୀରେ ପଡ଼ି ବୃଦ୍ଧା ମୃତ

**ସିମୁଳିଆ, ୨୭।୭ (ସମିସ):** ଠାକୁର ବାସନ ଧୋଇବାକୁ ଯାଇ ପୋଖରୀରେ ବୁଡ଼ି ମହିଳାଙ୍କ ସଲିଳ ସମାଧୀ । ସିମୁଳିଆ ଥାନା ଅନ୍ତର୍ଗତ ମୁରୁଣା ପଞ୍ଚାୟତ ମଞ୍ଜୁରୀପୁର ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ସ୍ତ୍ରୀ ଶାନ୍ତିଲତା ବେହେରା (୬୧) ପ୍ରତିଦିନ ଭଳି ସୋମବାର ଭୋରୁ ସମୟରେ ଠାକୁର ପୂଜା କରିବା ନିମନ୍ତେ ନିଜ ବାଡ଼ି ପୋଖରୀରେ ଠାକୁର ବାସନ ଧୋଇବାକୁ ଯାଇ ପାଣିରେ ପଡି ଯାଇଥିଲେ । ସକାଳୁ ସମୟରେ ପରିବାର ଲୋକେ ତାଙ୍କୁ ନ ପାଇ ଖୋଜାଖୋଜି କରି ଶେଷରେ ପୋଖରୀରୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

**ଜଳେଶ୍ୱର, ୨୭।୭ (ସମିସ):** ପଂଚମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଳେଶ୍ୱର ପୁଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଜଳେଶ୍ୱର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ ଜଳେଶ୍ୱର ବ୍ଲକ ନଶ୍ଚିମପୁର ଗ୍ରାମ ପଂଚାୟତର ବେଲିଗୋପିନାଥପୁର ୟୁ ପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୫ମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀଙ୍କ ସହିତ ବାରମ୍ବାର ଅସଦାଚରଣ କରିବା ସହିତ ଏ ବିଷୟରେ ବାହାରେ ପ୍ରକାଶ କଲେ ବିଦ୍ୟାଳୟରେ ମାଡ ମାରିବା ସହିତ ପରୀକ୍ଷାରେ ଫେଲ କରିଦେବାର ଧମକ ଦେଇଥିବାର ନାବାଳିକା ପରିବାର ଲୋକଙ୍କୁ ଜଣାଇଥିଲେ। ଗତ ୨୩ତାରିଖ ଦିନ ଶିକ୍ଷକଙ୍କ ଅସଦାଚରଣ ସହ୍ୟ କରିନପାରି ନାବାଳିକା ବିଦ୍ୟାଳୟରୁ ଟିଫିନ ସମୟରେ ପଳାଇ ଆସିଥିଲା ଏବଂ ବିଦ୍ୟାଳୟକୁ ଯିବ ନାହିଁ ବୋଲି କହିବା ସହିତ କାନ୍ଦିବାରୁ ପରିବାର ଲୋକେ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଏଥିନେଇ ପରିବାର ପକ୍ଷରୁ ବିଦ୍ୟାଳୟରେ ଶିକ୍ଷକମାନଙ୍କ ପାଖରେ ଅଭିଯୋଗ କରିଥିଲେ। ମାତ୍ର ସୁଫଳ ନ ମିଳିବାରୁ ଆଜି ଛାତ୍ରୀଙ୍କ ମା' ଥାନାରେ ଲିଖିତ ଏତଲା ଦାଖଲ କରିବା ସହିତ ଗ୍ରାମବାସୀ, ସ୍ଥାନୀୟ ସରପଞ୍ଚ ଏବଂ ପରିବାର ପକ୍ଷରୁ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏତଲା ପାଇବା ପରେ ଜଳେଶ୍ୱର ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିଛି। ଘଟଣାର ସତ୍ୟତା ଜାଣିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ସହ ଆବଶ୍ୟକ ଆଇନଗତ ପ୍ରକ୍ରିୟା ମଧ୍ୟ ଚାଲିଥିବା ସୂଚନା ମିଳିଛି।

## ଦୁଇ ଆଶ୍ରମ ସ୍କୁଲ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ

**ବସ୍ତା ବ୍ଲକ, ୨୭।୭ (ସମିସ):** ବସ୍ତା ବ୍ଲକ ଅନ୍ତର୍ଗତ ସୁନ୍ଦର ହୋତା ଗ୍ରାମସ୍ଥିତ ସ୍ୱାମୀ ବିବେକାନନ୍ଦ କ୍ଲବ୍ ପକ୍ଷରୁ ବସ୍ତା ବ୍ଲକରେ ଥିବା ମଥାନୀ ସ୍ଥିତ ମାଗୁଣି ଚରଣ ବାଳାଶ୍ରମ ଓ ଏକ ଦିବ୍ୟାଙ୍ଗ ସ୍କୁଲ ରେ ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ୧୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସଭାପତି ସଞ୍ଜୟ କୁମାର ବେହେରା, ସମ୍ପାଦକ ହିମାଂଶୁ ଶେଖର ଜେନାଙ୍କ ସମେତ ଶମ୍ଭୁନାଥ ବେହେରା, ନରୋତ୍ତମ ବେହେରା, ଅବିନାଶ ମହାପାତ୍ର, ରାଜେଶ ମହାପାତ୍ର, ଜ୍ୟୋତି ଶେଖର ମହାପାତ୍ର ପ୍ରଦୀପ ଜେନା, ଅର୍ଜୁନ ବେହେରା, ଅଜୟ ଜେନାଙ୍କ ସହିତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଇଣ୍ଡିଆନ ଆଇଡଲ ବିଜୟିନୀ ଜ୍ୟୋତିର୍ମୟୀଙ୍କୁ ଶୁଭେଚ୍ଛାର ସୁଅ

**ନୀଳଗିରି, ୨୭।୭ (ସମିସ):** ଜାତୀୟ ସ୍ତରରେ ପୁଣି ଥରେ ଓଡ଼ିଶାର ଟେକ ରଖିଛନ୍ତି ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକ। ସଙ୍ଗୀତ ଭିତ୍ତିକ ରିଆଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ୍'ର ଚଳିତ ସଂସ୍କରଣରେ ଚାମ୍ପିଅନ୍ ହୋଇ ସେ ସାରା ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି। ଫାଇନାଲ୍‌ରେ ନିଜର ଜାଦୁକରୀ କଣ୍ଠ ଓ ଦମଦାର୍ ପରଫୋର୍ମାନ୍ସ ବଳରେ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ବିଜୟୀ ମୁକୁଟ ପିନ୍ଧିଛନ୍ତି। ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ବାଉଁଶନାଳ ଗ୍ରାମର ପିତା ଚକ୍ରଧର ନାୟକ ଓ ମାତା ଗୌରୀମଣି ନାୟକଙ୍କ ଏକମାତ୍ର ଝିଅ ଜ୍ୟୋତିର୍ମୟୀ। ପିଲାଟିବେଳୁ ସଙ୍ଗୀତ ପ୍ରତି ରୁଚିରଖିଥିବା ବେଳେ ୨୪ ବର୍ଷୀୟା ଜ୍ୟୋତିର୍ମୟୀ ଅନ୍ୟ ପ୍ରତିଯୋଗୀ କଣ୍ଠଶିଳ୍ପୀମାନଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନକରି ସର୍ବାଗ୍ରେ ରହିଥିବାବେଳେ ଜାତୀୟ ସ୍ତରରେ ସଙ୍ଗୀତର ମହାମୁକାବିଲାରେ ୫ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ଓଡ଼ିଆ ଝିଅ ଭାବେ ଏହି ଗୌରବ ହାସଲ କରିଛନ୍ତି। ସେ ବିଟେକ କରିବା ସହିତ ପିଲାଦିନରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଛନ୍ତି। ଗୀତ ଗାଇବା ସହିତ ଜ୍ୟୋତିର୍ମୟୀ ସଙ୍ଗୀତ ଚିକିତ୍ସକ ଭାବରେ କାମ କରନ୍ତି। ସେ ସଙ୍ଗୀତ ମାଧ୍ୟମରେ କର୍କଟ ରୋଗୀଙ୍କ ଚିକିତ୍ସା କରିଥାନ୍ତି। ଜ୍ୟୋତିର୍ମୟୀ ପ୍ରଥମ ଓଡ଼ିଆ ଝିଅ, ଯିଏ ଇଣ୍ଡିଆନ ଆଇଡଲ ଶୋ'ରେ ଅଂଶଗ୍ରହଣ କରି ବିଜୟୀ ହୋଇଛନ୍ତି। ଇଣ୍ଡିଆନ ଆଇଡଲ ବିଜେତା ହେବା ପରେ ଦେଶର କୋଣ ଅନୁକୋଣରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସମେତ ଗ୍ରାମବାସୀ, ସ୍ଥାନୀୟ ସାଂସଦ, ବିଧାୟକ, ଜିଲ୍ଲାବାସୀ ଶୁଭେଚ୍ଛା ଜଣାଇ ତାଙ୍କର ଉଜ୍ୱଳ ଭବିଷ୍ୟତ ପାଇଁ ଶୁଭ ମନାସିଛନ୍ତି।



# ଲଗାଣ ବର୍ଷାରେ ହଷ୍ଟେଲ ଛାତ ଢଳେଇ; ସ୍ଥାୟିତ୍ୱ ନେଇ ସନ୍ଦେହ

**ଜଳେଶ୍ୱର, ୨୭।୭ (ସମିସ) :** ଚଳିତବର୍ଷ ସୋମବାର ଜଳେଶ୍ୱର ଅଞ୍ଚଳରେ ବାଦଲ ଫଟା ବର୍ଷା ଦିନ ତମାମ ଲାଗି ରହିଛି। ଏହି ଝଡି ବର୍ଷାରେ ଲକ୍ଷ୍ମଣନାଥ ନାଥ ଦଶହରା ପଡିଆରେ ନିର୍ମାଣାଧୀନ ହଷ୍ଟେଲ ର ଛାତ ଢଳେଇ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସନ୍ନିକଟରେ ଥିବା ସର୍ବ ପୁରାତନ ଲକ୍ଷ୍ମଣନାଥ ହାଇସ୍କୁଲ ର ଆବାସିକ ଗୃହ ଦୀର୍ଘ ବର୍ଷଧରି ନିର୍ମାଣ ହୋଇ ଆସୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ହେଉନାହିଁ। ବିଧାୟକ ହାତ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାରେ ପ୍ରଦାନରେ ଛାତ କାର୍ଯ୍ୟ ହେଉଥିବା ବେଳେ ପ୍ରବଳ ବର୍ଷାରେ ଢଳେଇ କାର୍ଯ୍ୟ ହେବା ଗୃହର ସ୍ଥାୟିତ୍ୱ କୁ ନେଇ ପ୍ରଶ୍ନବାଚୀ ଉଠିଛି। ସକାଳଠାରୁ ବର୍ଷା ଛେଚୁଥିବା ବେଳେ ସିମେଣ୍ଟ ପାଣି ଜମାଟ ବାନ୍ଧିବା ଓ ଢଳେଇ ମଜବୁତ୍ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସରପଂଚ ରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ଲଗାଣ ବର୍ଷାରେ ଢଳେଇ ହେଉଛି ସେ ଜାଣି ନାହାଁନ୍ତି ବୋଲି କହିଛନ୍ତି।



# ତାମୁଳିଆ ଉଡ଼ନ୍ତା ପୋଲ ମରାମତି ଦାବି

**ବାଲେଶ୍ୱର, ୨୭।୭ (ସମିସ):** ସଦର ମହକୁମାକୁ ଯୋଡୁଥିବା ତାମୁଳିଆ ଉଡ଼ନ୍ତା ପୋଲ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଉଠିଯିବା ସହ ଲୁହା ରଡ୍ ବାହାରି ପଡିଲାଣି। ତଥାପି ପ୍ରତିଦିନ ସହସ୍ରାଧିକ ଭାରି ଗାଡ଼ି, ଯାତ୍ରୀବାହୀ ବସ୍, ସ୍କୁଲ-କଲେଜ ବସ୍ ସହ ଦୁଇ, ତିନି ଓ ଚାରି ଚକିଆ ଗାଡ଼ି ଏହି ପୋଲ ଦେଇ ଯାତାୟାତ କରୁଛନ୍ତି। ତୁରନ୍ତ ମରାମତି ନହେଲେ ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିପାରେ ବୋଲି ଆଶଙ୍କା କରାଯାଉଛି। ଏ ନେଇ ଆଞ୍ଚଳିକ ସୁରକ୍ଷା ମଞ୍ଚ, ବାଲେଶ୍ୱର ପକ୍ଷରୁ ଆଜି ସଭାପତି ତଥା ସୂଚନାଧିକାର କର୍ମୀ କମଳ ଲୋଚନ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଥିଲେ। ସେମାନେ ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରି ଉଡ଼ନ୍ତା ପୋଲଟିକୁ ତୁରନ୍ତ ମରାମତି କରିବାକୁ ଅନୁରୋଧ କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଜନସାଧାରଣଙ୍କ ହିତରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ଧାରଣା ଦେବ ବୋଲି ସୂଚନା ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ଅଶ୍ୱିନୀ କୁମାର ଦାଶ, କମଳ ଲୋଚନ ମହାପାତ୍ର, ତପନ ସେଠୀ, ସତ୍ୟବ୍ରତ ସ, ବାଦଲ ମହାନ୍ତି, ସୁଶାନ୍ତ ପାଣିଗ୍ରାହୀ, ପ୍ରତାପ ଦ୍ୱିବେଦୀ, ଭାସ୍କର ମଲ୍ଲିକ, ଶଙ୍କର୍ଷଣ ଶତପଥି, କାଶୀନାଥ ମାଝୀ, ଡମ୍ବରୁଧର ମହାରଣା, ବାବୁ ବାବୁ, ସଂଜୀବ ଜେନା, ସଂଜୀବ ନାୟକ, ନିରଞ୍ଜନ ସେଠୀ, ରଞ୍ଜନ ଦାସ, ମହେଶ ଚାନ୍ଦ, ସନ୍ଦୀପ ପ୍ରଧାନ, ମୃଣ୍ମୟ ମହାପାତ୍ର, ସୁଧାକର ରାଉତ, ମହେଶ ପାଣି, ରାକେଶ ଭୂୟାଁ, ବିଶ୍ୱନାଥ ଦାସ, ବିନୋଦ ବାବୁ, ସେକ ମନାନ, ପରମାନନ୍ଦ ବିଶ୍ୱାଳ, ଦୀପକ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



# ସୋମବାରରେ ହଜାର ହଜାର କାଉଡ଼ିଆଙ୍କ ସମାଗମ




**ନୀଳଗିରି, ୨୭।୭ (ସମିସ):** ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ହଜାର ହଜାର କାଉଡିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା...ଧ୍ୱନିରେ ପ୍ରକମ୍ପିତ ହେବା ସହ ଉତ୍ସବମୁଖର ହୋଇଉଠିଲା ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଞ୍ଚଲିଙ୍ଗେଶ୍ୱର। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ସୋନ ନଦୀରୁ ରିତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଜଳ ଆଣି ଚାଲି ଚାଲି ଆସି ରବିବାର ରାତ୍ରୀ ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ପାଣିର ସ୍ରୋତ ପ୍ରଖର ଥିବାରୁ ପଥର ଖୋଲ ମଧ୍ୟରେ ଆବିର୍ଭୁତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ରବିବାର ରାତ୍ରି ଠାରୁ କାଉଡିଆ ଓ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲିଙ୍ଗ ସ୍ପର୍ଶ ବନ୍ଦ ରଖାଯାଇଛି। କାଉଡିଆ ଓ ପର୍ଯ୍ୟଟକ କେବଳ ପୂଜା ମଣ୍ଡପ ପର୍ଯ୍ୟନ୍ତ ଯାଇ ପୂଜା କରିଥିଲେ। ଏହା ସହ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ରାସ୍ତାରେ କାଉଡିଆଙ୍କ ଲମ୍ବା ଧାଡ଼ି ସହ ବହୁ ସ୍ଥାନରେ ରାସ୍ତା ପାଶ୍ୱର୍ରେ କାଉଡିଆଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ କରି ପାଣି, ଗଜାବୁଟ, ମୁଗ, ଚା', ପ୍ରସାଦ, ସରବତ ଦେଉଥିବାର ଦେଖିବାକୁ ମିଳିଛି।

# ଭାରତରତ୍ନ ଡ.ଏପିଜେ ଅବଦୁଲ କଲାମଙ୍କ ସ୍ମୃତିସଭା



**ବାଲେଶ୍ୱର,୨୭।୭(ସମିସ):** ଯୁବ ସମାଜ ହେଉଛନ୍ତି ଦେଶର ଭବିଷ୍ୟତ। ଦେଶର ସମୃଦ୍ଧି ଓ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସରକାରୀ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମତବ୍ୟକ୍ତ କରିଛନ୍ତି। ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଡ.ଏପିଜେ ଅବଦୁଲ କଲାମଙ୍କ ଶ୍ରାଦ୍ଧ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ କରଯାଇଥିବା ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ପ୍ରସନ୍ନଜିତ ଆଶ, ଲୋକନାଥ ପିରି, ମଧୁସୂଦନ ଦାସ, ଆଜିମ ବାଲେଶ୍ୱରୀ କାଲାମଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଅଭିଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ଭୁବନାନନ୍ଦ ଦାସ, ସମାଜ ସେବୀ ଶତ୍ରୁଘ୍ନ ମଲ୍ଲିକ, ରୋଟାରିଆନ ଯଶୋଦା ନନ୍ଦନ ଆଶ,ରାମନାରାୟଣ ଶତପଥି, ଶିଶିର କୁମାର ଦାସ, ଅନାମ ଚରଣ ପଣ୍ଡା,ବିବେକା ନନ୍ଦ ଦାସ, ଲକ୍ଷ୍ମୀଧର ଗାଣ, କହ୍ନେଇ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ହାଇଦର ଖାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଜିତ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ।

# ଅନ୍ତର୍ଯ୍ୟାମୀ କମ୍ପିଟେଟିଭ୍ ଏକାଡେମିର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୨୭।୭(ସମିସ):** ସ୍ଥାନୀୟ ଅନ୍ତର୍ଯ୍ୟାମୀ କମ୍ପିଟିଟିଭ୍ ଏକାଡେମୀର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ନିଗ୍ଧା ଦାସ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ 'ସିଦ୍ଧିବିନାୟକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ' ଅଧ୍ୟକ୍ଷ ଘନଶ୍ୟାମ ବିଶ୍ୱାଳ ଯୋଗଦେଇ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସଫଳତା ପାଇଁ ସଠିକ୍ ଦିଗଦର୍ଶନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ସୌମ୍ୟ ରଞ୍ଜନ ସିଂ, ଅତିଥି ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ ଏବଂ ପ୍ରଦୀପ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସେନାପତି ସ୍ୱାଗତ ଭାଷଣ ସହ ଏକାଡେମୀର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ସମ୍ପାଦକୀୟ



ଅଜ୍ଞାନତାର ଆଧିପତ୍ୟରୁ ଆମେ ମୁକ୍ତ ନ ହେବା ପର୍ଯ୍ୟନ୍ତ ବାସ୍ତବ ଶାନ୍ତି ଉଦ୍ୟମ ସଫଳ ହୋଇପାରିବ ନାହିଁ।

-ଦଲାଇ ଲାମା

ସକାଳ
THE SAKALA

## ମାଆକୁ ବଳି!

ଦେଶର ଶିକ୍ଷା ବ୍ୟବସ୍ଥାରେ ଚରମ ବିଭ୍ରାଟ୍, ବ୍ୟତିକ୍ରମ ଓ ଭ୍ରଷ୍ଟାଚାର ଅଭିଯୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ସଂଗଠିତ ଆନ୍ଦୋଳନ ଅଭୂତପୂର୍ବ ଜନସମର୍ଥନ ଲାଭ କରି ଚମକ୍‌ପ୍ରଦ ସଫଳତା ହାସଲ କରିଛି। ଏହାର ପ୍ରଭାବ ଦୀର୍ଘଦିନ ପର୍ଯ୍ୟନ୍ତ ଦେଶର ଅନ୍ୟାନ୍ୟ ଦୁର୍ନୀତି ବିରୋଧୀ ଆନ୍ଦୋଳନକୁ ପ୍ରେରଣା ଯୋଗାଇବ। କିନ୍ତୁ ଏହି କୋଳାହଳ ମଧ୍ୟରେ ଦେଶର ଅନ୍ୟ ଦୁଇଟି ସ୍ଥାନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଆନ୍ଦୋଳନ ଲୁଚି ଯାଇଛି, ଯାହା ବିଷୟରେ ଗଣମାଧ୍ୟମରେ ଯଥାଯଥ ଆଲୋଚନା ହୋଇନାହିଁ କି ଅବଶିଷ୍ଟ ଭାରତବାସୀଙ୍କ ଲୋକଲୋଚନକୁ ଆସିନାହିଁ।

ଉତ୍ତରାଖଣ୍ଡର ଡେରାଡୁନ୍ ଜିଲ୍ଲାର ଭାନିଆୱାଲା-ଋଷିକେଶ ଛଅଲେନ୍ ସଡ଼କ ପଥ ନିର୍ମାଣ ପାଇଁ ୪୩୬୯ଟି ବୃହତ୍ ବୃକ୍ଷ ଛେଦନ ଯୋଜନା ଚୂଡ଼ାନ୍ତ ହୋଇସାରିଛି। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଲୋକମାନେ 'ଚିପ୍‌କୋ ଆନ୍ଦୋଳନ' ଭଳି ଦୀର୍ଘଦିନ ଧରି ନିରବ ଓ ପ୍ରତୀକାତ୍ମକ ପ୍ରତିବାଦ ଜାରି ରଖିଛନ୍ତି। ଗତ ୧୫ ବର୍ଷ ମଧ୍ୟରେ ଡେରାଡୁନ୍‌ର ୪୬ ହଜାର ହେକ୍ଟର ଜଙ୍ଗଲ ଜମି ସଡ଼କ, ଖଣି ଆଦି ବିଭିନ୍ନ ଭିତ୍ତିଭୂମି ବିକାଶ ଲାଗି କିସମ ପରିବର୍ତ୍ତନ କରାଯାଇସାରିଲାଣି। ଦ୍ୱିତୀୟ ବିକ୍ଷୋଭ ସଂଘଟିତ ହୋଇଛି ମଧ୍ୟପ୍ରଦେଶରେ। ୪୪ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା କେନ୍-ବେଟ୍‌ୱା ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଆଦିବାସୀମାନେ ଦୀର୍ଘଦିନ ଧରି ଧାରଣାରେ ବସିଛନ୍ତି। ଆନ୍ଦୋଳନର ନେତୃତ୍ୱ ନେଉଥିବା ଅମିତ୍ ଭଟ୍ଟନାଗର ୧୮ ଦିନର ଆମରଣ ଅନଶନ ପରେ ପ୍ରଶାସନ ବାଧ୍ୟ ହୋଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛି। ଏହି ପ୍ରକଳ୍ପ ଦ୍ୱାରା ସେମାନେ ଭିଟାମାଟି ହରାଇବା ସହିତ ବ୍ୟାପକ ପରିମାଣର ପ୍ରାକୃତିକ ଜଙ୍ଗଲ କ୍ଷୟ ହେବାର ଆଶଙ୍କା ରହିଛି।

ଉପରୋକ୍ତ ଦୁଇଟି ଯାକ ଆନ୍ଦୋଳନ/ପ୍ରତିବାଦ/ବିକ୍ଷୋଭର କୌଣସି ବ୍ୟକ୍ତିଗତ କିମ୍ବା ରାଜନୈତିକ ସ୍ୱାର୍ଥ ବିଜଡ଼ିତ ନୁହେଁ, ବରଂ ପ୍ରକୃତିର ସନ୍ତାନ ସେମାନଙ୍କ ପ୍ରକୃତି ମାଆର ସୁରକ୍ଷା ପାଇଁ ସଂଗ୍ରାମ ଆରମ୍ଭ କରିଛନ୍ତି। ପ୍ରକୃତିର ବିନାଶରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଦିନକୁ ଦିନ ଉଗ୍ର ହେଉଛି। ଗତ କିଛିବର୍ଷ ହେଲା ଉତ୍ତରାଖଣ୍ଡ କିଭଳି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି ତାହା ଆମେ ଦେଖିଆସୁଛେ। ଏହାର ଏକମାତ୍ର କାରଣ ହେଉଛି ମନୁଷ୍ୟକୃତ ଅପରିଣାମଦର୍ଶୀ ବିକାଶ। ଏତେ ବିପର୍ଯ୍ୟୟ ପରେ ମଧ୍ୟ ସରକାର ଚେତୁ ନାହାନ୍ତି। ପ୍ରକୃତିକୁ ବିନାଶ କରିବାର ଧାରା ଜାରି ରହିଛି। ଏବେ ଯେତିକି ପରିମାଣର ଗଛ ବଳି ପଡ଼ିବାକୁ ଯାଉଛି ତାହାର ପରିଣାମ ମଧ୍ୟ ସହଜେ ଅନୁମେୟ। ଏହାର ନିରାକରଣ ଦାୟିତ୍ୱ ନୀତି ନିର୍ଦ୍ଧାରକ ଓ ସରକାରମାନଙ୍କର। କିନ୍ତୁ ସେମାନେ ଉଦାସୀନ ଥିବା ବେଳେ ସାଧାରଣ ଜନତା ପ୍ରକୃତି ପ୍ରତି କୃତଜ୍ଞତା ଓ ମାନବ ସଭ୍ୟତାର ସୁରକ୍ଷା ପାଇଁ ନୈତିକତା ଦୃଷ୍ଟିରୁ ଯଥାସମ୍ଭବ ଉଦ୍ୟମ କରୁଛନ୍ତି। 'ଏକ ପେଡ୍ ମାଆ କି ନାମ(ମାଆ ନାମରେ ଗଛଟିଏ ପୋତିବା)' ପାଇଁ ସରକାର ନାରା ଦେଉଥିବା ବେଳେ ଶାସନ/ପ୍ରଶାସନର ଏତାଦୃଶ ବୃକ୍ଷଛେଦନ କାର୍ଯ୍ୟ ବିକାଶ ଓ ଆଧୁନିକତା ନାମରେ ମାଆକୁ ବଳି ପକାଇବା ଭଳି ନୁହେଁ କି?

ଆଧୁନିକତା ନାମରେ ପ୍ରକୃତି ମାଆର ବଳିଦାନ କେବଳ ଏହି ଦୁଇସ୍ଥାନରେ ସୀମିତ ନାହିଁ। ସଂସଦରେ ପ୍ରଦତ୍ତ ସରକାରୀ ତଥ୍ୟାନୁଯାୟୀ, ଛତିଶଗଡ଼ର ହସଦେଓ ଆରାଣ୍ଡ ଜଙ୍ଗଲାଞ୍ଚଳରେ ୨୩ଟି କୋଇଲା ଖଣିରୁ କୋଇଲା ଉତ୍ତୋଳନ ପାଇଁ ପ୍ରାୟ ୨ ଲକ୍ଷ ୭୪ ହଜାର ଗଛ କାଟିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ସେହିପରି ଗ୍ରେଟ୍ ନିକୋବରରେ ବିମାନବନ୍ଦର, ସହରାଞ୍ଚଳ ଓ ଅନ୍ୟାନ୍ୟ ବିକାଶ ନାମରେ ୧୦ ଲକ୍ଷ ଗଛ ବଳି ଦେବାକୁ ଯାଉଛନ୍ତି। ଏପରିକି ୨୦୨୩ ଶେଷ ସୁଦ୍ଧା ଛତିଶଗଡ଼ର ସମ୍ପୃକ୍ତ ଅଞ୍ଚଳରୁ ପ୍ରାୟ ୯୫ ହଜାର ଗଛ କଟା ସରିଛି। ଗ୍ରେଟ୍ ନିକୋବର ଦ୍ୱୀପରେ ପାଖାପାଖି ୧୩୧ ବର୍ଗକିଲୋମିଟରର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇଛି। ଓଡ଼ିଶାର ଛେଣ୍ଡିପଦା ବ୍ଲକର ନୟନୀ କୋଇଲା ବ୍ଲକକୁ ତେଲଙ୍ଗାନାର ଏକ କମ୍ପାନୀକୁ ଲିଜ୍ ସୂତ୍ରରେ ଦିଆଯିବା ପରେ ସମ୍ପୃକ୍ତ କମ୍ପାନୀ ସେଠାରେ ଖଣିଜ କାର୍ଯ୍ୟକଳାପ ଆରମ୍ଭ କରିବାକୁ ଯାଉଛି, ଯେଉଁଥିପାଇଁ ଏକ ବିସ୍ତୃତ ଅଞ୍ଚଳର ସଂରକ୍ଷିତ ଜଙ୍ଗଲ ଜମି ବଳି ପଡ଼ିବ ବୋଲି ଅଭିଯୋଗ ହେଉଛି। ହାଇଦ୍ରାବାଦ୍‌ରେ ଏକ ବିଶ୍ୱବିଦ୍ୟାଳୟ ସଂଲଗ୍ନ ୪୦୦ ଏକର ଜମିକୁ ଏକ ଘରୋଇ ସଂସ୍ଥାକୁ ଦେବା ପାଇଁ ବ୍ୟାପକ ବୃକ୍ଷ-ବଳିଦାନ ପର୍ବ ଆରମ୍ଭ ହୋଇଥିଲା। କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ରାତିରେ ଏହି କାମ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ସାମାଜିକ ଓ ପରିବେଶ କର୍ମୀଙ୍କ ପ୍ରବଳ ବିରୋଧ ଓ ଅନଶନ ଯୋଗୁଁ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ବୃକ୍ଷ-ବଳି(ମାଆକୁ ବଳି) କାର୍ଯ୍ୟକ୍ରମ ବନ୍ଦ ହୋଇଥିଲା। ଗ୍ଲୋବାଲ୍ ଫରେଷ୍ଟ ୱାଚ୍‌ର ରିପୋର୍ଟ ଅନୁଯାୟୀ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୨.୩୩ ନିୟୁତ ଗଛ କଟା ହୋଇଛି। ୨୦୧୬ ରୁ ୨୦୧୯ ରେ ଦ୍ୱିଗୁଣ ଗଛ କଟା ହୋଇଛି। କୋପେନ୍‌ହାଗେନ୍ ବିଶ୍ୱବିଦ୍ୟାଳୟର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୧୯ ରୁ ୨୦୨୨ ମଧ୍ୟରେ ୫.୮ ନିୟୁତ ଗଛ କଟା ହୋଇଛି। ଭାରତ ସରକାରଙ୍କ ରିପୋର୍ଟ ଅନୁଯାୟୀ ତେଲଙ୍ଗାନାରେ ସର୍ବାଧିକ ଗଛ କଟାଯାଉଥିବା ବେଳେ ଓଡ଼ିଶା ଏହି ତାଲିକାରେ ପଞ୍ଚମ ସ୍ଥାନରେ ରହିଛି।

ବିଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର୍'ର ଗତବର୍ଷ ଉଲ୍ଲେଖିତ ଏକ ଗବେଷଣାଲବ୍ଧ ସନ୍ଦର୍ଭର ତଥ୍ୟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଜଙ୍ଗଲ କ୍ଷୟ ଯୋଗୁଁ ବାର୍ଷିକ ହାରାହାରି ୨୮ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି ଦକ୍ଷିଣ-ଏସିଆରେ। ଏହି ଅଞ୍ଚଳରେ ପ୍ରତି ୧ ଲକ୍ଷରେ ୧୧ଜଣଙ୍କ ଜଙ୍ଗଲକ୍ଷୟ ଯୋଗୁଁ ଜୀବନ ହାନି ଘଟିଛି। ଅରଣ୍ୟ ଆମକୁ ବହୁବର୍ଷ ହେଲା ଆକୁଳ ନିବେଦନ କରୁଛି - ମୋତେ ମାର ନାହିଁ; ନଚେତ୍ ତୁମେ ମରିଯିବ। କିନ୍ତୁ ନିଷ୍ଠୁର ମଣିଷ ଅରଣ୍ୟର ସେହି ରୋଦନ ଶୁଣିବାର ଧୈର୍ଯ୍ୟ ଓ ଆନ୍ତରିକତା ହରାଇଛି। ବିକାଶ ନାଁରେ ପ୍ରକୃତି ମାଆର ବଳିଦାନ ଦେଉଥିବା ସନ୍ତାନ କୁପୁତ୍ର ପଦବାଚ୍ୟ।

## ମୃତ୍ୟୁଶଯ୍ୟାରେ ଜୀବନରେଖା

ଡକ୍ଟର ପ୍ରଦୀପ କୁମାର ରଥ

ନଦୀ କେବଳ ଏକ ଜଳ ପ୍ରବାହ ନୁହେଁ, ଏହା ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ଗ୍ରାମୀଣ ଅର୍ଥନୀତିର ପ୍ରାଣବିନ୍ଦୁ। ଯେଉଁ ମହାନଦୀ କୂଳରେ ଦିନେ ସାଧବ ପୁଅଙ୍କ ନୌବାଣିଜ୍ୟର ଗୌରବମୟ ଇତିହାସ ଗଢ଼ିଉଠିଥିଲା ଏବଂ ଦୟା ନଦୀର ତଟରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ, ଆଜି ସେହି ପବିତ୍ର ଜୀବନରେଖାଗୁଡ଼ିକ ଶିଳ୍ପାୟନ, ସହରୀକରଣ ଏବଂ ମାନବୀୟ ସ୍ୱାର୍ଥପରତା ଯୋଗୁଁ 'ବିଷାକ୍ତ ଶିରାପ୍ରଶିରା'ରେ ପରିଣତ ହୋଇ ଏକ ନିରବ ହୃଦ୍‌ଘାତର ସମ୍ମୁଖୀନ ହେଉଛନ୍ତି। ଏହି ସାଂଘାତିକ ପରିବେଶ ଓ ଜରୁରୀକାଳୀନ ପରିସ୍ଥିତି କେବଳ ପ୍ରକୃତିକୁ ନଷ୍ଟ କରୁନାହିଁ, ବରଂ ରାଜ୍ୟର କୃଷି, ଗ୍ରାମୀଣ ଜୀବିକା ଓ ରାଜସ୍ୱ ଉପରେ ଏକ ବଡ଼ ଆଘାତ ସଦୃଶ ସାମ୍ନାକୁ ଆସିଛି, ଯାହା ଉପରେ ତୁରନ୍ତ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଏକ ବଡ଼ ମାନବୀୟ ସଙ୍କଟ ସୃଷ୍ଟି ହେବ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ପ୍ରତି ରିପୋର୍ଟ ଅନୁସାରେ ଓଡ଼ିଶାର ୧୯ରୁ ଅଧିକ ପ୍ରମୁଖ ନଦୀ ଅବବାହିକା ଗୁରୁତର ଭାବେ ପ୍ରଦୂଷିତ। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ରାଜ୍ୟର ପ୍ରମୁଖ ୧୧ଟି ନଦୀରେ ଥିବା ୧୨୯ଟି ଜଳ ମନିଟରିଂ ଷ୍ଟେସନ ମଧ୍ୟରୁ ୯୩ଟି ସ୍ଥାନରେ ଜଳ ମାନବ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ। ସ୍ୱଚ୍ଛ ଜଳ ପାଇଁ ବାୟୋକେମିକାଲ୍ ଅକ୍ସିଜେନ୍ ଡିମାଣ୍ଡ(ବିଓଡି)ର ସୀମା ଲିଟର ପିଛା ୩ ମିଲିଗ୍ରାମରୁ କମ୍ ରହିବା ଉଚିତ। ମାତ୍ର ମହାନଦୀ, ବ୍ରାହ୍ମଣୀ, କାଠଯୋଡ଼ି ଓ ଦୟା ନଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏହା ୧.୮ ରୁ ୩୯ ମିଲିଗ୍ରାମ ପର୍ଯ୍ୟନ୍ତ ପହଞ୍ଚିଛି। ଅନୁରୂପ ଭାବେ ଭୁବନେଶ୍ୱରର ଗଙ୍ଗୁଆ ନାଳ, ଯେଉଁଠି ଦୟା ନଦୀ ସହ ମିଶୁଛି, ସେଠାରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ କଲିଫର୍ମ ଜୀବାଣୁର ମାତ୍ରା ନିର୍ଦ୍ଧାରିତ ସୀମା ୫୦୦ ଏମ୍‌ପିଏନ୍ ତୁଳନାରେ ୬୦, ୦୦୦ ରୁ ୭୪, ୦୦୦ ଏମ୍‌ପିଏନ୍ ପର୍ଯ୍ୟନ୍ତ ରେକର୍ଡ କରାଯାଇଛି। ଏହା ଚରମ ବିପଦର ସଙ୍କେତ ଦେଉଛି।



ଏହି ଜଳ ସଙ୍କଟ ଆମ କୃଷି ଓ ଖାଦ୍ୟ ସୁରକ୍ଷାକୁ ସମ୍ପୂର୍ଣ୍ଣ ଉଜୁଡ଼ାଇବାକୁ ଯାଉଛି। ରାଜ୍ୟର ଅଧାରୁ ଅଧିକ ଜିଲ୍ଲାର କୃଷି କାର୍ଯ୍ୟ ଏହି ନଦୀଜଳ ଉପରେ ହିଁ ନିର୍ଭର କରିଥାଏ। ଶିଳ୍ପାଞ୍ଚଳରୁ ବାହାରୁଥିବା ଅମ୍ଳଯୁକ୍ତ ରସାୟନ କ୍ଷେତକୁ ଯିବା ଫଳରେ ମାଟିର ପିଏଚ୍ ସ୍ତର ବିଗିଡ଼ି ଜମିଗୁଡ଼ିକ ଧୀରେ ଧୀରେ ବନ୍ଧ୍ୟା ପାଲଟୁଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ରାହ୍ମଣୀ-ଗୋବରୀ ଜଳପଥ ପୋତି ହୋଇଯିବା ଫଳରେ ୫ ହଜାର ଏକରରୁ ଅଧିକ ଚାଷ ଜମିରେ ପାରମ୍ପରିକ ଭାବେ ହେଉଥିବା ତିନିପ୍ରକାର ଫସଲ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ମହାନଦୀ ଶଯ୍ୟା ଶୁଖି ବାଲିଚର ପାଲଟିଯିବାରୁ ଚାଷ କାର୍ଯ୍ୟ ଗଭୀର ଭାବେ ବାଧାପ୍ରାପ୍ତ ହୋଇଛି। ଏଥିସହ ନଦୀ ଜଳରେ ଥିବା ସୀସା ଓ କ୍ୟାଡମିୟମ ଭଳି ଭାରୀ ଧାତୁ ଧାନ ଓ ପନିପରିବା ମାଧ୍ୟମରେ ମାନବ ଖାଦ୍ୟ ଶୃଙ୍ଖଳକୁ ପ୍ରବେଶ କରୁଛି। ନଦୀରେ ଅତ୍ୟଧିକ ପ୍ଲାଷ୍ଟିକ୍ ଓ ଶିଳ୍ପ ବର୍ଜ୍ୟବସ୍ତୁ ଯୋଗୁଁ ସରକାରୀ ଉଠା ଜଳସେଚନ ପ୍ରକଳ୍ପର ଯନ୍ତ୍ରାଂଶଗୁଡ଼ିକ ବାରମ୍ବାର ନଷ୍ଟ ହେଉଛି, ଯାହା ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

ନଦୀର ଏହି ଦୁର୍ଦ୍ଦଶା ଗ୍ରାମୀଣ ଜୀବିକାକୁ ଛାରଖାର କରିବା ସହ ବ୍ୟାପକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ନଦୀ ପ୍ରଦୂଷଣ ଯୋଗୁଁ ଜଳଜୀବଙ୍କ ବଂଶ ନଷ୍ଟ ହେଉଥିବାରୁ ପାରମ୍ପରିକ ମତ୍ସ୍ୟଜୀବୀମାନେ ରୋଜଗାର ହରାଉଛନ୍ତି। ପୁରୀ ଜିଲ୍ଲାର ଜଗୁଲାଇପାଦର ଏବଂ ନୂଆଦୋକନ୍ଦା ଭଳି ନଦୀତଟବର୍ତ୍ତୀ ଗ୍ରାମର ଶତାଧିକ ପରିବାର ଆଜି ମାଛ ନମିଳିବାରୁ ବାଧ୍ୟ ହୋଇ ଗୁଜୁରାଟ, କେରଳ ଓ ବେଙ୍ଗାଲୁରୁ ଭଳି ବାହାର ରାଜ୍ୟକୁ ଦାଦନ ଖଟିବାକୁ ପ୍ରବ୍ରଜନ କରୁଛନ୍ତି। ଅନ୍ୟପଟେ ଇବ୍ ନଦୀ ଛତିଶଗଡ଼ର ଉପରମୁଣ୍ଡ ବ୍ୟାରେଜ ଯୋଗୁଁ ଫେବ୍ରୁୟାରୀରୁ ଶୁଖିଯାଉଥିବାରୁ ତଟବର୍ତ୍ତୀ ଦିନମଜୁରିଆ ଏବଂ ସାଧାରଣ ଶ୍ରମିକମାନେ କାମଧନ୍ଦା ହରାଉଛନ୍ତି। କେବଳ ସେତିକି ନୁହେଁ, ବିଷାକ୍ତ ପାଣି ଯୋଗୁଁ ମାରାତ୍ମକ ଜୀବାଣୁ ଓ ଚର୍ମରୋଗ ବ୍ୟାପକ ହେଉଛି। ପୁରୀ ଜିଲ୍ଲାର କଣାସ ଅଞ୍ଚଳରେ ପ୍ରଦୂଷିତ ଦୟା ନଦୀଜଳ ବ୍ୟବହାର କରି ଗତବର୍ଷ ଅନେକ ଲୋକ ପ୍ରାଣ ହରାଇବା ସହ ଶତାଧିକ ଆକ୍ରାନ୍ତ ହୋଇଥିଲେ, ଯାହାକୁ ନେଇ ଓଡ଼ିଶା ମାନବାଧିକାର କମିଶନ ମୃତକଙ୍କ ପରିବାରକୁ କ୍ଷତିପୂରଣର ନିର୍ଦ୍ଦେଶ ଦେଇଛନ୍ତି। ପାଣିରେ ଥିବା ରାସାୟନିକ ପଦାର୍ଥ ଲୋକଙ୍କ ମଧ୍ୟରେ ବୃକ୍କ ନଷ୍ଟ ଓ କର୍କଟ ଭଳି ଦୀର୍ଘକାଳୀନ ରୋଗ ବଢ଼ାଉଛି।

ନଦୀଗୁଡ଼ିକର ଏଭଳି ଅବସ୍ଥା ରାଜ୍ୟର ଅର୍ଥନୀତି ଓ ରାଜସ୍ୱ ପାଣ୍ଠି ଉପରେ ମଧ୍ୟ ଭାରୀ ଚାପ ସୃଷ୍ଟି କରୁଛି। ନଦୀପଠା ଓ ଭୂତଳ ଜଳ ପ୍ରଦୂଷିତ ଓ ଶୁଷ୍କ ହୋଇଯାଉଥିବାରୁ ସରକାରଙ୍କୁ ଦକ୍ଷିଣ ଓ ତଟବର୍ତ୍ତୀ ଓଡ଼ିଶାର ଶତାଧିକ ଗ୍ରାମକୁ ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର, ଗଭୀର ବୋରୱେଲ୍ ଏବଂ ଜରୁରୀକାଳୀନ ପାଇପ୍ ଜଳ ଯୋଜନା ମାଧ୍ୟମରେ ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କାର ରାଜସ୍ୱ ବ୍ୟୟ କରିବାକୁ ପଡ଼ୁଛି। କୃଷି ବିପର୍ଯ୍ୟୟ ଯୋଗୁଁ ବାରମ୍ବାର 'ମରୁଡ଼ି ଛାୟା' ସୃଷ୍ଟି ହେଉଥିବାରୁ ସରକାରଙ୍କୁ ଚାଷୀଙ୍କ ପାଇଁ ଇନପୁଟ୍ ସବସିଡି ଓ କ୍ରପ୍ ଇନସୁରାନ୍ସ ଭଳି କ୍ଷତିଭରଣା ପ୍ୟାକେଜ୍ ଘୋଷଣା କରିବାକୁ ପଡ଼ୁଛି। ଏଥିସହ ମହାନଦୀ ଭଳି ଆନ୍ତଃରାଜ୍ୟ ନଦୀ ବିବାଦ ଯୋଗୁଁ ଟ୍ରିବ୍ୟୁନାଲ୍ ମାମଲା, ହାଇଡ୍ରୋଲଜିକାଲ ସର୍ଭେ ଏବଂ ଆଇନଗତ ପ୍ରକ୍ରିୟାରେ ବର୍ଷ ବର୍ଷ ଧରି ରାଜ୍ୟ ପାଣ୍ଠିରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର କୌଣସି ସ୍ଥାୟୀ ସମାଧାନ ମିଳିପାରୁନାହିଁ।

ଏହି ମହାସଙ୍କଟରୁ ମୁକ୍ତି ପାଇଁ ସରକାରୀ ଓ ବ୍ୟକ୍ତିଗତ ଉଭୟ ସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଜରୁରୀ। ସରକାରଙ୍କୁ 'ଜିରୋ ଲିକ୍ୱିଡ୍ ଡିସଚାର୍ଜ' ନିୟମ କଡ଼ାକଡ଼ି କରିବାକୁ ହେବ, ଯେପରି କୌଣସି ବି ଶିଳ୍ପ ବର୍ଜ୍ୟବସ୍ତୁ ବିନା ବିଶୋଧନରେ ନଦୀକୁ ଯିବ ନାହିଁ ଏବଂ ସହରଗୁଡ଼ିକରେ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ହେବ। ନଦୀପଥରୁ ବେଆଇନ ବାଲି ଉତ୍ତୋଳନ ବନ୍ଦ କରାଯାଇ ବ୍ୟାପକ ଚାରାରୋପଣ କରାଯିବା ଆବଶ୍ୟକ। ସେହିପରି ବ୍ୟକ୍ତିଗତ ସ୍ତରରେ ଆମକୁ ସଚେତନ ହୋଇ ନଦୀ ଜଳରେ ପ୍ଲାଷ୍ଟିକ୍, ଘରୋଇ ଆବର୍ଜନା ଏବଂ ରାସାୟନିକ ରଙ୍ଗର ମୂର୍ତ୍ତି ବିସର୍ଜନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ। ନଦୀକୂଳର ଚାଷୀ ଭାଇମାନେ ଜୈବିକ ଚାଷକୁ ଆପଣାଇବା ସହ ପ୍ରତ୍ୟେକ ଗ୍ରାମରେ 'ନଦୀ ସୁରକ୍ଷା ସମିତି' ଗଠନ କରାଯାଇ ଏହାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରିବା ଉଚିତ।

ନଦୀ କେବଳ ଓଡ଼ିଶାର ଭୂଗୋଳ ନୁହେଁ, ଏହା ଆମ ଅସ୍ତିତ୍ୱର ନାଡ଼ି। ସେମାନଙ୍କ ସ୍ପନ୍ଦନ ବନ୍ଦ ହେଲେ ଆମ ସଭ୍ୟତା ମଧ୍ୟ ଅପମୃତ୍ୟୁର ଶିକାର ହେବ। ଆଜିର ଏହି ନୀରବତା କାଲିର ମହାବିପର୍ଯ୍ୟୟକୁ ଡାକି ଆଣିବ। ତେଣୁ ସମୟ ଥାଉଁଥାଉଁ ସମସ୍ତଙ୍କୁ ମିଳିତ ଭାବେ ଜାଗ୍ରତ ହେବାକୁ ପଡ଼ିବ।

(ସଭାପତି, ପରିବେଶ ସୁରକ୍ଷା ଅଭିଯାନ)
ମୋ: ୯୪୩୭୫୦୦୫୫୬

## ଜାତିପ୍ରଥା: ଅନ୍ୟ ଦେଶରେ ଅନ୍ୟ ରୂପରେ

ଡ. ପ୍ରଦୀପ କୁମାର ନାୟକ

ଜାତିପ୍ରଥା ପରି ଏକ ଘୃଣ୍ୟ ପ୍ରଥା, ଯାହାକି ଯୁଗେ ଯୁଗେ ସମାଜରେ ଲୋକଙ୍କ ମଧ୍ୟରେ ବିଭିନ୍ନତା ଓ ଅସମାନତା ସୃଷ୍ଟି କରି ଆସିଛି, ତାହା ଯେ କେବଳ ଭାରତରେ ପ୍ରଚଳିତ ଅଛି ତାହା ନୁହେଁ। ଅନ୍ୟ କିଛି ଦେଶରେ ମଧ୍ୟ ଅନ୍ୟରୂପରେ ଏହା ରହି ଆସିଛି। ଭାରତୀୟ ଜାତିପ୍ରଥା 'ଶୁଦ୍ଧତା ଓ ଅଶୁଚିତା'(ପ୍ୟୁରିଟି ଆଣ୍ଡ ପଲ୍ୟୁସନ୍) ଉପରେ ବିଶ୍ୱାସ କରୁଥିଲା ଏବଂ ବୃତ୍ତିଭିତ୍ତିକ ସ୍ତରୀଭୂତ ସାମାଜିକ ବ୍ୟବସ୍ଥା ଉପରେ ଆଧାରିତ ଥିଲା। ସେହିପରି ଏକାପ୍ରକାର ସାମାଜିକ ବିଭିନ୍ନତା ମଧ୍ୟ ଆଉ କେତେକ ଦେଶରେ ଯୁଗେ ଯୁଗେ ରହିଆସିଛି। ସେମାନଙ୍କ ସାମାଜିକ ବ୍ୟବସ୍ଥା ସେହି ଦେଶମାନଙ୍କରେ ଆମ ଦେଶ ପରି ବିଭିନ୍ନତା ଓ ବିଭେଦ ସୃଷ୍ଟି କରି ଆସୁଛି, ଯାହା ସମ୍ବନ୍ଧରେ ବିଶ୍ୱର ସଂଖ୍ୟାଗରିଷ୍ଠ ଲୋକ ଜାଣିନାହାନ୍ତି।

ଯେହେତୁ ଭାରତ ପରି ନେପାଳ ମଧ୍ୟ ଏକ ହିନ୍ଦୁବହୁଳ ରାଷ୍ଟ୍ର, ସେଠାରେ ମଧ୍ୟ ଜାତିପ୍ରଥାର କୁପ୍ରଭାବ ରହିଛି। ଏହି ପଡ଼ୋଶୀ ରାଷ୍ଟ୍ରରେ ସବର୍ଣ୍ଣ ଓ ଅସବର୍ଣ୍ଣ ଦୁଇ ଅଲଗା ଗୋଷ୍ଠୀ ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରେ ବାହୁନ(ବ୍ରାହ୍ମଣ ଓ ପୁରୋହିତ), ଛେତ୍ରି (କ୍ଷତ୍ରିୟ) ଓ ଦଳିତ(କାମି, ଦାମାଇ ଓ ସାର୍କି) ଗୋଷ୍ଠୀ ଅଛନ୍ତି। ନେପାଳୀ ସମାଜରେ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବା ପାଇଁ ରାଜା ମହେନ୍ଦ୍ର ୧୯୬୩ ସାଲରେ ଅଗଷ୍ଟ ୧୭ ତାରିଖରେ ନିଉ ମୁଲକୀ ଆଇନ ପ୍ରଣୟନ କରିଥିଲେ। ତଥାପି ସମାଜରେ ଭେଦଭାବ ରହିଛି।



ବାଂଲାଦେଶର ହିନ୍ଦୁ ସମାଜରେ ଭାରତୀୟଙ୍କ ପରି ଚତୁଃବର୍ଣ୍ଣ ବିଭାଜନ ରହିଛି। କିନ୍ତୁ ମୁସଲମାନ ସମାଜରେ ମଧ୍ୟ ଯେ ସାମାଜିକ ସ୍ଥିତି ଓ ବୃତ୍ତିକୁ ନେଇ ଜାତି ବିଭାଜନ ଅଛି ତାହା ବୋଧହୁଏ ଅନେକ ଅଜ୍ଞ। ସେଠାରେ ଯେଉଁମାନେ ମର୍ଯ୍ୟାଦାସମ୍ପନ୍ନ ଓ ବିଦେଶୀ ସମ୍ଭ୍ରାନ୍ତ ପରିବାରର ବଂଶୋଦ୍ଭବ ସେମାନଙ୍କୁ କହାଯାଏ ଆଶ୍ରାଫ(ଆରବ, ପାରସ୍ୟ ଓ କେନ୍ଦ୍ର ଏସିଆରୁ ଉତ୍ପତ୍ତି), ସ୍ଥାନୀୟ ଧର୍ମାନ୍ତରିତ ମୁସଲିମ ଜାତି 'ଆଜଲାଫ' କିମ୍ବା 'ଆତ୍ରାଫ' ନାମରେ ପରିଚିତ। ଯେଉଁମାନେ ହିନ୍ଦୁ ଦଳିତ ଗୋଷ୍ଠୀରୁ ଧର୍ମାନ୍ତରିତ ସେମାନେ 'ଆରଜାଲ' ରୂପେ ପରିଚିତ। ଏହି 'ଆରଜାଲ' ଗୋଷ୍ଠୀରେ ଜୋଲହା (ତନ୍ତି) ଓ ମେଥର (ମେହେନ୍ତର) ଅନ୍ତର୍ଭୁକ୍ତ ଅଟନ୍ତି।

ଜାପାନର ଇଡୋ ସାମନ୍ତବାଦୀ ଶାସନ ସମୟରେ (୧୬୦୩ - ୧୮୬୭ ସାଲ) ଜାତିପ୍ରଥା ପରି ଏକ ଚାରିସ୍ତରୀୟ ସମାଜ ବିଭେଦକାରୀ ଶାସନ ବ୍ୟବସ୍ଥାର ଆବିର୍ଭାବ ହୋଇଥିଲା। ତାହା 'ଶୀନୋକସୋ' ନାମରେ ଖ୍ୟାତ ଥିଲା। ସମାଜର ସର୍ବୋଚ୍ଚ ପାହ୍ୟାରେ ଥିଲେ 'ଶୀ' ବା 'ସାମୁରାଇ' ଗୋଷ୍ଠୀ, ଯେଉଁମାନେ କି ସେହି ଦେଶର ଯୋଦ୍ଧା ବା କ୍ଷତ୍ରିୟ ଗୋଷ୍ଠୀ ସହ ତୁଳନୀୟ। ଏହିମାନଙ୍କ ତଳେ ଥିଲେ 'ନୋ'(ନୋମିନ) ବା ଚାଷୀ ଶ୍ରେଣୀ। ଏହି ଶ୍ରେଣୀଙ୍କ ପରେ ଥିଲେ 'କୋ' (କୋଶିନ) ବା ଶିଳ୍ପୀ ଏବଂ ଏହାଙ୍କ ତଳେ 'ସୋ' ବା ବ୍ୟବସାୟୀ ଶ୍ରେଣୀ ଥିଲେ। ଏହାଛଡ଼ା ଯେଉଁମାନେ ସମାଜରେ ସବୁଠାରୁ ନିମ୍ନସ୍ତରରେ ଅସ୍ପୃଶ୍ୟ ବା ଦଳିତ ପରି ସ୍ଥିତିରେ ଥିଲେ ସେମାନଙ୍କୁ 'ବୁରାକୁମିନ' କୁହାଯାଉଥିଲା। 'ମେଇଜି' ରାଜାମାନଙ୍କ ଶାସନ କାଳରେ ୧୮୭୧ ସାଲରେ ଜାପାନର ଜାତିପ୍ରଥାକୁ ସରକାରୀ ଭାବେ ଉଚ୍ଛେଦ କରାଯାଇଥିଲା। ଜାପାନ ସମ୍ବିଧାନର ଧାରା ୧୪ ଜାତିପ୍ରଥା ଓ ଅସ୍ପୃଶ୍ୟତା ନିଷିଦ୍ଧ ଘୋଷଣା କରିଛି।

ପଶ୍ଚିମ ଆଫ୍ରିକାର ସେନିଗାଲ, ମାଲି, ଗାମ୍ବିଆରେ ମଧ୍ୟ ଏକ ଜଟିଳ ସାମାଜିକ ବ୍ୟବସ୍ଥା ରହିଛି, ଯାହା ଭାରତୀୟ ଜାତିପ୍ରଥା ସହ ତୁଳନୀୟ। ସେନିଗାଲରେ 'ଉଫ' ଓ 'ମାଣ୍ଡେ' ଜନଜାତିର ଲୋକମାନେ ଜାତିପ୍ରଥା ମାନନ୍ତି। ମାଲି ଦେଶରେ 'ହରନ' ଜାତିର ଲୋକ ଉଚ୍ଚ ଓ ସମ୍ଭ୍ରାନ୍ତ ବୋଲି ପରିଗଣିତ ହୁଅନ୍ତି। ସାମାଜିକ ଚଳଣିରେ ତାଙ୍କଠାରୁ ନିମ୍ନରେ ରହିଛନ୍ତି 'ନ୍ୟାମାକାଲ' ଜାତିର ଲୋକ। ସମାଜର ସବୁଠାରୁ ନିମ୍ନରେ ଅଛନ୍ତି 'ଜନୋ' ଜାତିର ଲୋକେ, ଯେଉଁମାନେ କି ପୂର୍ବତନ କ୍ରୀତଦାସମାନଙ୍କର ବଂଶଜ ଅଟନ୍ତି। ସେମାନଙ୍କ ସହ ଅନ୍ୟ ଜାତିମାନଙ୍କର ବୈବାହିକ ସମ୍ପର୍କ ନିଷିଦ୍ଧ ଅଟେ।

ସୋମାଲିଆରେ ମଧ୍ୟ ସମାଜରେ ଜାତିପ୍ରଥା ଓ ଉଚ୍ଚନୀଚ ଭେଦ ଭାବ ରହିଛି। 'ମାଧିବାନ', 'ତୁମାଲ' ଓ 'ଯିବିର' ଜାତିମାନଙ୍କୁ ଅସ୍ପୃଶ୍ୟ ଓ ଅଶୁଚି ବୋଲି ଧରାଯାଏ। ନାଇଜେରିଆରେ 'ଅସୁ' ନାମକ ଏକ ପୁରୋହିତ ଶ୍ରେଣୀ ରହିଛନ୍ତି, ଯେଉଁମାନେ କି 'ଦିଆଲା' ଜାତିର ଲୋକଙ୍କୁ ଘୃଣା କରିଥା'ନ୍ତି। ଶ୍ରୀଲଙ୍କାରେ ମଧ୍ୟ 'ସିଂହଳୀ'ମାନଙ୍କ ମଧ୍ୟରେ ବୃତ୍ତିଭିତ୍ତିକ ଜାତିପ୍ରଥା ରହିଛି, ଯାହା କି ସମୟେ ସମୟେ ହିଂସା ଓ ରକ୍ତପାତ ସୃଷ୍ଟି କରିଥାଏ। ଗଭିଗାମା(ଚାଷୀ), କାରାଭା(କେଉଟ), ସାଲାଗାମା(ତନ୍ତି), ଦୂରଭା(ମାହୁନ୍ତ) ଆଦି ଜାତିର ଲୋକ ବାସକରନ୍ତି।

ଏଥିରୁ ଅନୁମିତ ଜାତିବାଦର ବିଷ ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ଦେଶରେ ମଧ୍ୟ ଅଶାନ୍ତି ଓ ଉଚ୍ଚ-ନୀଚ ଭେଦଭାବ ସୃଷ୍ଟି କରିଛି। ଉପରୋକ୍ତ ଦେଶମାନଙ୍କରେ ଅନେକ ସମୟରେ ଏହି କାରଣରୁ ହିଂସା ଓ ରକ୍ତପାତ ହୋଇଥାଏ। ଯେଉଁଦିନ ପର୍ଯ୍ୟନ୍ତ ଏହି ଜାତିଗତ ବିଭିନ୍ନତା ରହିଛି, ସେହି ଦେଶମାନଙ୍କରେ ସମାଜରେ ଅସମାନତା ରହିବ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

## ବାର୍ଦ୍ଧକ୍ୟ ଓ ଭିଟାମିନ୍ ବି ୧୨

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ସାଧାରଣତଃ ବୟସ୍କ ଲୋକଙ୍କର ଆମିଷ ଖାଦ୍ୟ ପ୍ରତି ଆସକ୍ତି କମ୍। ଏହାର ଅନ୍ୟତମ ପରିଣାମ ହେଲା ଭିଟାମିନ୍ ବି ୧୨ ର ଅଭାବ। ଶରୀର ଏହା ଆବଶ୍ୟକ କରେ ଅତି ନଗଣ୍ୟ ମାତ୍ରାରେ। ଅର୍ଥାତ୍ ଦୈନିକ ମାତ୍ର ୨ ମାଇକ୍ରୋଗ୍ରାମ୍। ଅବଶ୍ୟ ଏହା ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ। ତେବେ ବୟସ୍କ ଲୋକେ ତାହା ଏକାନ୍ତ ଭାବେ ଆବଶ୍ୟକ କରନ୍ତି ଲୋହିତ ରକ୍ତକଣିକା ସୃଷ୍ଟି, ସ୍ନାୟୁ ବ୍ୟବସ୍ଥାକୁ ସୁସ୍ଥ ରଖିବା ଏବଂ ଜିନୀୟ ପଦାର୍ଥ ଡିଏନ୍‌ଏ ଉତ୍ପାଦନ କରିବା ଲାଗି।

ଆଜକୁ ପ୍ରାୟଶହେ ବର୍ଷ ତଳେ ଆମେରିକାର ଚିକିତ୍ସା ବିଜ୍ଞାନୀ ତଥା ନୋବେଲ୍ ପୁରସ୍କାର ବିଜେତା(୧୯୩୪) ଯୋଡି ଜର୍ଜ ମିନଟ୍ ଏବଂ ଉଇଲିୟମ ମର୍ଫି ଆବିଷ୍କାର କରିଥିଲେ ଯେ ଯଥେଷ୍ଟ ମାତ୍ରାରେ କଲିଜା ଥିବା ଖାଦ୍ୟ ଖାଇଲେ ରକ୍ତହୀନତା ଦୂର ହୁଏ। ପରବର୍ତ୍ତୀ ଅଧ୍ୟୟନରୁ ତହିଁରେ ଥିବା ଭିଟାମିନ୍ ବି୧୨ ଏଥିପାଇଁ ଦାୟୀ ବୋଲି ଜଣାପଡ଼ିଲା। ତତ୍ପରେ ଅନ୍ୟତମ ଆମେରିକୀୟ ଚିକିତ୍ସା ବିଜ୍ଞାନୀ ଜର୍ଜ ହ୍ୱିପ୍ଲ କୁକୁରମାନଙ୍କୁ କଲିଜା ଖାଇବାକୁ ଦେଇ ରକ୍ତହୀନତା ଦୂର କରିଥିଲେ। ତହିଁରେ ଥିବା ଭିଟାମିନ୍ ବି ୧୨ ବା କୋବାଲାମିନ୍ ଏକାର୍ଯ୍ୟ ସଂପାଦନ କରୁଥିବାର ସେ ସିଦ୍ଧାନ୍ତରେ ପହଞ୍ଚିଥିଲେ।

ଏହି ଭିଟାମିନ୍‌ର ଅଭାବ ଏକ ସାଧାରଣ ଘଟଣା। ତେବେ ତାହା ଅଧିକ ଦେଖାଯାଏ ନିରାମିଷାଶୀମାନଙ୍କଠାରେ। କାରଣ ଏହା ସାଧାରଣତଃ ଥାଏ ମାଛ, ମାଂସ, ଅଣ୍ଡା ଓ କ୍ଷୀରଜାତୀୟ ପ୍ରାଣୀଜ ଖାଦ୍ୟରେ। ପୁନଶ୍ଚ କିଛି ଲୋକଙ୍କ ଶରୀର ମଧ୍ୟ ଏହା ଠିକ୍ ରୂପେ ଶୋଷଣ କରିପାରେ ନାହିଁ। ବୟସ୍କ ଲୋକଙ୍କଠାରେ ଭିଟାମିନ ବି ୧୨ ର ଅଭାବ ଅଧିକ ଦେଖାଯାଏ। କାରଣ ଏମାନଙ୍କ ପାକସ୍ଥଳୀରୁ କମ ଅମ୍ଳ ନିର୍ଗତ ହୁଏ, ଯାହାକି ଖାଦ୍ୟରୁ ଏହାର ନିର୍ଗମନ ଘଟାଇବା ପାଇଁ ଆବଶ୍ୟକ। ଅନ୍ୟ କେତେକ ସ୍ଥଳେ ରୋଗ ପ୍ରତିରୋଧ ବ୍ୟବସ୍ଥା ମଧ୍ୟ ଏହାକୁ ପ୍ରତିହତ କରେ। ପୁନଶ୍ଚ ଓଜନ ହ୍ରାସ ଲାଗି ଅସ୍ତ୍ରୋପଚାର, କେତେକ ମଧୁମେହ ଔଷଧ ଆଦି ମଧ୍ୟ ଏହାର ଶୋଷଣ ହ୍ରାସ କରନ୍ତି।

ଭିଟାମିନ୍ ବି ୧୨ ଅଭାବର ଲକ୍ଷଣମାନ ପ୍ରକଟିତ ହୁଏ ଦୁର୍ବଳ ଅନୁଭବ କରିବା କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ହେବା ଇତ୍ୟାଦି ରୂପେ। ଏହା ସ୍ମୃତିଜନିତ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ତେବେ ଏହାର ସବୁଠାରୁ ବଡ଼ ସମସ୍ୟା ହେଲା ଅସ୍ଥିମଜ୍ଜାର ଯଥେଷ୍ଟ ଲୋହିତ ରକ୍ତକଣିକା ଉତ୍ପାଦନ ପ୍ରକ୍ରିୟାକୁ ବ୍ୟାହତ କରେ, ଯାହାଫଳରେ ରକ୍ତହୀନତା ହୁଏ।

ମଣିଷ ଠାରେ ଦୁଇଟି ଏଞ୍ଜାଇମ ସିଧାସଳଖ ଭିଟାମିନ୍ ବି ୧୨ ଆବଶ୍ୟକ କରନ୍ତି। ତହିଁରୁ ଗୋଟିଏ ଡିଏନ୍‌ଏ ପ୍ରସ୍ତୁତିରେ ଏବଂ ଅନ୍ୟଟି ଜୀବକୋଷର ଶକ୍ତି କେନ୍ଦ୍ର ବୋଲାଉଥିବା ମାଇଟୋକଣ୍ଡ୍ରିଆକୁ ମେଦାମ୍ଳ ଓ ପ୍ରୋଟିନକୁ ପ୍ରକ୍ରିୟା କରଣ କରିବାରେ ସହାୟତା କରେ। ଫଳରେ ତାହା ଖାଦ୍ୟକୁ ଶକ୍ତିରେ ପରିଣତ କରେ। ୨୦୨୬ ମସିହାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଜୀବକୋଷଗୁଡ଼ିକ ଯଥେଷ୍ଟ ଭିଟାମିନ୍ ବି ୧୨ ପ୍ରାପ୍ତ ନ ହେଲେ ମାଇଟୋକଣ୍ଡ୍ରିଆ ମଧ୍ୟରୁ ଡିଏନ୍‌ଏ ତ'ଦ୍ୱାରା ପ୍ରଭାବିତ ହୁଏ ଏବଂ ଶକ୍ତି ଉତ୍ପାଦନ ହ୍ରାସ ପାଏ। ଅନ୍ୟଏକ ପରୀକ୍ଷାରେ ମାଇ ମୂଷାମାନଙ୍କୁ ଏହା ଦେବାରୁ ମାଇଟୋକଣ୍ଡ୍ରିଆର ସ୍ୱାସ୍ଥ୍ୟରେ ଅନେକ ଉନ୍ନତି ଘଟିବାର ଦେଖାଗଲା। ଅତଏବ ଜଣାପଡ଼ିଲା କାହିଁକି ଯଥେଷ୍ଟ ଭିଟାମିନ୍ ବି ୧୨ ପ୍ରାପ୍ତ ହେଉ ନ ଥିବା ଲୋକେ ରକ୍ତହୀନତା ପୂର୍ବରୁ ପ୍ରଥମେ ଦୁର୍ବଳତା ଅନୁଭବ କରନ୍ତି।

ଦୀର୍ଘଦିନ ଧରି ବୈଜ୍ଞାନିକମାନେ ଏହା ସହିତ ମାଇଟୋକଣ୍ଡ୍ରିଆ କ୍ରିୟାକଳାପର ସଂପର୍କ ଥିବାର ମନେ କରାଯାଉଥିଲା। କାରଣ ଏହା ଉପରେ ନିର୍ଭରଶୀଳ ଏଞ୍ଜାଇମ ଦୁଇଟି ଏହାରି ମଧ୍ୟରେ ହିଁ କାର୍ଯ୍ୟ କରିଥାଏ। ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଥିଲା ଯେ ଭିଟାମିନ୍ ବି ୧୨ କମ୍ ହେବା ବୟସ୍କମାନଙ୍କ ଠାରେ ମାଂସପେଶୀର କ୍ରିୟାକଳାପକୁ ପ୍ରଭାବିତ କରେ। ତେଣୁ କୌଣସି ବ୍ୟକ୍ତି, ବିଶେଷକରି ବୟସ୍କମାନେ, କ୍ରମାଗତଭାବେ ଦୁର୍ବଳ ଅନୁଭବ କଲେ କିମ୍ବା ରକ୍ତହୀନତାର ଶିକାର ହେଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାର ପରିପୂରକ ନେବା ଦରକାର।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଖଣି ଅଧିକାରୀଙ୍କୁ ଥାନାରେ ଅଟକ ଘଟଣା

# ଆର୍‌ଡିସି ତଦନ୍ତ ପାଇଁ ଅତିରିକ୍ତ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ବାରିପଦା, ୨୭।୭(ସମିସ): ଓଡ଼ିଶା ସରକାରଙ୍କ ଷ୍ଟିଲ୍ ଓ ମାଇନ୍ସ ବିଭାଗ ପକ୍ଷରୁ ଉଦଳା ଥାନାରେ ଖଣି ଅଧିକାରୀଙ୍କୁ ଅଟକ ରଖାଯିବା ଅଭିଯୋଗକୁ ନେଇ ପ୍ରଶାସନିକ ତଦନ୍ତ ଆରମ୍ଭ କରାଯାଇଛି। ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂହ କେନ୍ଦ୍ରୀୟ ବିଭାଗର ରାଜସ୍ୱ ବିଭାଗୀୟ କମିଶନର(ଆରଡିସି)ଙ୍କୁ ପତ୍ର ଲେଖି ଏହି ଘଟଣାର ବିସ୍ତୃତ ତଦନ୍ତ କରି ଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୭ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ଚୁଲିଆପୋଷିଠାରେ ମାଇନିଂ ସ୍କ୍ୱାଡ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି ୧୧ଭି ୭୮୭୫)କୁ ବେଆଇନ ଭାବେ ପରିବହନ ଅବସ୍ଥାରେ ଧରିଥିଲେ। ଏହି ଟ୍ରାକ୍ଟରରେ ବୈଧ ଇ-ଟ୍ରାଞ୍ଜିଟ୍ ପାସ୍ ନ ଥିଲା। ଉଦଳା ପୁଲିସ୍ ସହାୟତାରେ ଉକ୍ତ ଟ୍ରାକ୍ଟରକୁ ଥାନାକୁ ନିଆଯାଇଥିଲା। ଏହି ସମୟରେ ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ଓ ଖଣି ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଜବତ ବାଲି ବୋଝେଇ ଟ୍ରାକ୍ଟର ସହିତ ଡାକିଥିଲେ ଏବଂ ଖଣି ଅଧିକାରୀଙ୍କୁ ଥାନାରେ ଅଟକ ରଖିବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଟ୍ରାକ୍ଟରକୁ ଛାଡ଼ି ଦେଇଥିଲେ। ଉପଜିଲ୍ଲାପାଳଙ୍କ ଯୁକ୍ତି ଥିଲା ଯେ ଉଦଳା ଉପଖଣ୍ଡ ଅଞ୍ଚଳରେ ତାଙ୍କ ପୂର୍ବାନୁମତି ବିନା ଏନଫୋର୍ସମେଣ୍ଟ କାର୍ଯ୍ୟ କରାଯାଇଛି। ଷ୍ଟିଲ୍ ଓ ମାଇନ୍ସ ବିଭାଗ ଏହାକୁ ସମ୍ପୂର୍ଣ୍ଣ ଅନୁଚିତ ଓ ସବ୍‌କଲେକ୍ଟରଙ୍କ ପକ୍ଷରୁ ଗୁରୁତର ଅସଦାଚରଣ ବୋଲି ବର୍ଣ୍ଣନା କରିଛି। ବିଭାଗ କହିଛି ଯେ, ନିଜ ବୈଧ କର୍ତ୍ତବ୍ୟ ପାଳନ କରୁଥିବା ସମୟରେ ଖଣି ଅଧିକାରୀଙ୍କୁ ଅଟକ ରଖିବା ଅତ୍ୟନ୍ତ ଅନୁଚିତ। ଏହି ଘଟଣା ଗୁରୁତର ପ୍ରଶାସନିକ ଚିନ୍ତାର ବିଷୟ ବୋଲି ବିବେଚନା କରି ରାଜସ୍ୱ ବିଭାଗୀୟ କମିଶନରଙ୍କୁ ୧୦ ଦିନ ମଧ୍ୟରେ ବିସ୍ତୃତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପତ୍ରକୁ ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଏହି ପତ୍ରର ଏକ ନକଲ ସାଧାରଣ ପ୍ରଶାସନ ଓ ପବ୍ଲିକ୍ ଗ୍ରିଭାନ୍ସ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ଓଡ଼ିଶାର ଡାଇରେକ୍ଟର ଅଫ୍ ମାଇନର୍ ମିନରାଲ୍ସଙ୍କ ନିକଟକୁ ମଧ୍ୟ ପଠାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରତ୍ନବେଦୀରେ ମହାବାହୁ...

ଏବଂ ଅପରାହ୍ଣ ୪ଟା ୩୦ରୁ ୫ଟା ୧୦ ମଧ୍ୟରେ ତିନିରଥରେ ସନ୍ଧ୍ୟା ଧୂପ ନୀତି ବଢ଼ିଥିଲା। ଏହାପରେ କୋଠ ସୁଆଁସିଆମାନେ ଠାକୁରଙ୍କ ବିଜେ ପାଇଁ ରତ୍ନସିଂହାସନରେ ଚାର ବାନ୍ଧିଥିଲେ।

ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ମାଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ଏତଦ୍‌ବ୍ୟତୀତ ନୀଳଚକ୍ରରେ ମଠ ପ୍ରଦତ୍ତ ପତିତପାବନ ବାନା ଚୁନରା ସେବକ ବାନ୍ଧିଥିଲେ। ରାତି ୮ଟା ସୁଦ୍ଧା ତିନିରଥରେ ଚାରମାଳ ବନ୍ଧା ସରିଥିଲା। ସାଢ଼େ ୮ଟାରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ବାଜିଥିଲା ବିଜେ କାହାଳୀ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଦିରସ୍ତ। ଏହାପରେ ଡୋରଲାଗି ହୋଇ ରାତି ୮ଟା ୩୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର। ନନ୍ଦିଘୋଷ ରଥରୁ ମଦନମୋହନ ଓ ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନ ସେବକମାନେ ହାତରେ ଦକ୍ଷିଣୀ ଘରକୁ ବିଜେ କରାଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। କାଳିଆ ସାଆନ୍ତ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ସାଆନ୍ତାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ। ଏହାପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଅଭିମୁଖେ ବାହାରିଥିଲେ। କିନ୍ତୁ ବିବାହ ପରେ ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭାଇଭଉଣୀଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ପଳାଇଥିବାରୁ ମନଉଣା କରିଥିଲେ ଲକ୍ଷ୍ମୀ ସାଆନ୍ତାଣୀ। ତେଣୁ ଅଭିମାନରେ ସିଂହଦ୍ୱାରକୁ ବନ୍ଦ କରିଦେଇଥିଲେ। କାଳିଆ ସାଆନ୍ତ ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥିଲେ। ଘଷାବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

### ଷଷ୍ଠ ଦିନ ପାଇଁ...

କରିଦିଆଯାଇଥିଲା। ଲୋକସଭାରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି।। ହଟ୍ଟଗୋଳ ମଧ୍ୟାରେ ସରକାର 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ଆଗତ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ବିଲ୍ ଆଗତ କରିଥିବା ବେଳେ ବିରୋଧୀ ଦଳର ସଦସ୍ୟମାନେ ନିଟ୍-ୟୁଜି ପରୀକ୍ଷା ଦୁର୍ନୀତି ଏବଂ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ବିରୋଧୀ ଦଳର ସଦସ୍ୟମାନେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଚାଲିଆସିବା ସହ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ବିହାରରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଏକେ-୪୭ ଗୁଳିମାଡ଼ କରିବା ଏକ ଭୟଙ୍କର ଘଟଣା ଏବଂ ଏହା ଉପରେ ଆଲୋଚନା ହେବା ଉଚିତ। କଂଗ୍ରେସ ନେତା ଗୌରବ ଗୋଗୋଇ ଅଭିଯୋଗ କରିଥିଲେ ଯେ, ସରକାର ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେଉଥିବା ବେଳେ ଏହି ନୂଆ ଆଇନ କେତେଦୂର ସଫଳ ହେବ ତାହା ସନ୍ଦେହଜନକ। ଅନ୍ୟପଟେ, ବିରୋଧୀ ସାଂସଦମାନେ ଗୃହରେ 'ଚୋର ଚୋର, ପେପର ଚୋର' ଭଳି ସ୍ଲୋଗାନ ଦେଇ ସରକାରଙ୍କୁ ଘେରିଛନ୍ତି। ଅଚଳାବସ୍ଥା ଦୂର କରିବା ପାଇଁ ଲୋକସଭା ବାଚସ୍ପତି ଓମ ବିର୍ଲା ଉଭୟ ଶାସକ ଏବଂ ବିରୋଧୀ ଦଳକୁ ୩ ଘଣ୍ଟାର ସମୟ ଦେଇଥିଲେ। କେବଳ ସ୍ଲୋଗାନ ଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ ଏହି ବିଲ୍ ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ ବୋଲି ସେ କହଥିଲେ। ଏହି ବିଲ୍ ଉପରେ ଆଲୋଚନା ପାଇଁ ସେ ପ୍ରାୟ ୬ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ସମୟ ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁଁ ଲୋକସଭାକୁ ଆସନ୍ତାକାଲି ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଇତିମଧ୍ୟାରେ ବାଚସ୍ପତି ଅଫିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିର୍ଲା ସବୁ ଦଳର ନେତାମାନଙ୍କୁ ଡାକି କଥା ହୋଇଛନ୍ତି। ଆସନ୍ତାକାଲି ଏହି ବିଲ ଉପରେ ଆଲୋଚନା କରିବା ପାଇଁ ସବୁ ଦଳ ରାଜି ହୋଇଥିବା ଜଣାପଡ଼ିଛି।

### କେବଳ ଆନ୍ଦୋଳନ...

ଆବଶ୍ୟକ। ଯଦି ପୁଲିସ ଦ୍ୱାରା ଅତ୍ୟାଚାର କରାଯାଉଛି, ତେବେ ତାହାକୁ ରୋକାଯିବା ଉଚିତ। ଗଣତନ୍ତ୍ରରେ ନିଜସ୍ୱ ଶୃଙ୍ଖଳା ଓ ସଂଯମ ଅପରିହାର୍ଯ୍ୟ। କେବଳ ପ୍ରଦର୍ଶନ ହେଉଥିବା କାରଣରୁ ଲାଠିଚାଳନା କରିବା ଗ୍ରହଣଯୋଗ୍ୟ ନୁହେଁ। ଯୁବପିଢ଼ି ନିଜର ଅସନ୍ତୋଷ ପ୍ରକାଶ କରିବା ପାଇଁ ଆସୁଥିଲେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନ ଦିଆଯିବା ଉଚିତ, କିନ୍ତୁ ଅସାମାଜିକ ତତ୍ତ୍ୱମାନେ ଯେପରି ଏହାର ସୁଯୋଗ ନ ନିଅନ୍ତି, ସେଥିପାଇଁ ସନ୍ତୁଳନ ରକ୍ଷା କରିବା ଜରୁରୀ। ସୁପ୍ରିମ୍ କୋର୍ଟ ଏହି ସମସ୍ତ ନୂଆ ଆବେଦନଗୁଡ଼ିକର ପରବର୍ତ୍ତୀ ଶୁଣାଣି ଆସନ୍ତାକାଲିକୁ ଧାର୍ଯ୍ୟ କରିଛନ୍ତି।

### ଦାନା ବାନ୍ଧିଲା...

ଜାରି କରାଯାଇଛି। ସେହିପରି ତ୍ରୁଟିର କାରଣ ଖୋଜିବା ପାଇଁ ରାଜ୍ୟ ସରକାର ଏକ ତିନି ସଦସ୍ୟ ବିଶିଷ୍ଟ ତଦନ୍ତ କମିଟି ଗଠନ କରିଛନ୍ତି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି।

ମାତ୍ର ରାଜ୍ୟ ସରକାରଙ୍କ ପଦକ୍ଷେପ ଓ କେନ୍ଦ୍ର ସରକାରଙ୍କ ଉତ୍ତର ଛାତ୍ରଛାତ୍ରୀଙ୍କ ଅଭିଭାବକ, ରାଜ୍ୟବାସୀ ଓ ବିରୋଧୀ ରାଜନୈତିକ ଦଳକୁ ସନ୍ତୁଷ୍ଟ କରିପାରି ନାହିଁ। ପାଠ୍ୟପୁସ୍ତକ ପ୍ରସ୍ତୁତି ସମୟରେ ଏକାଡେମିକ୍ ସମୀକ୍ଷା, ପ୍ରୁଫ୍‌ରିଡିଂ ଓ ବିଶେଷଜ୍ଞଙ୍କ ଯାଞ୍ଚରେ ଘୋର ଅବହେଳା ହୋଇଛି। ଏଭଳି ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ପ୍ରଭାବ ପକାଇବ। ତେଣୁ ଶିକ୍ଷାମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାମପନ୍ଥୀ ସଂଗଠନମାନେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର କରି ସଂଶୋଧିତ ବହି ଯୋଗାଇବା, ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଶିକ୍ଷା ବିଭାଗରେ ଦାୟିତ୍ୱ ନିର୍ଦ୍ଧାରଣ ଦାବି କରିଛନ୍ତି। ଶିକ୍ଷାମନ୍ତ୍ରୀ ଇସ୍ତଫା ନ ଦେଲେ ଅଗଷ୍ଟ ୯ରୁ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦେଳନ କରିବ ଚେତାବନୀ ଦେଇଥିବାବେଳେ ବାମପନ୍ଥୀମାନେ ମଧ୍ୟ ଚକା ବନ୍ଦ ଲାଗି ଧମକ ଦେଇଛନ୍ତି।

### ବିଶ୍ୱାସ ଭାଙ୍ଗିଛି...

ରାଜ୍ୟର ଏହି ସ୍ପର୍ଶକାତର ପ୍ରସଙ୍ଗରେ ସରକାର ଅତ୍ୟନ୍ତ ହାଲୁକା ତଥା ଖାମଖିଆଲି ମନୋଭାବ ପୋଷଣ କରୁଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇ ଆସୁଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି କରି ଅଭିଭାବକ, ସାମାଜିକ ସଂଗଠନ ତଥା ରାଜନୈତିକ ଦଳ ଯାଏଁ ତୁରନ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ନୂତନ ପୁସ୍ତକ ପ୍ରଦାନ ସହ ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରି ଆସୁଛନ୍ତି। ଯୁବ ଓ ଛାତ୍ର ବିଜେଡି ରାଜ୍ୟବ୍ୟାପୀ ଏନେଇ ଆନ୍ଦୋଳନ ଜାରି ରଖିଥିବା ବେଳେ କଂଗ୍ରେସ, ବିଭିନ୍ନ ସାମାଜିକ ସଂଗଠନ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହାସତ୍ତ୍ୱେ ସରକାର ନିଦାବିଷ୍ଟୁ ସାଜି ଗଣଶିକ୍ଷା ମନ୍ତ୍ରୀଙ୍କୁ ଘଣ୍ଟ ଘୋଡ଼ାଉଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣାରେ ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶ ଦେଇଥିବା ବେଳେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରାଯାଇଛି। ସେହିପରି ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରି ଦେଇ ସରକାର ଚୁପ୍ ହୋଇ ବସିଛନ୍ତି। ଏହା ଧର୍ମକୁ ଆଖିଠାର ସଦୃଶ୍ୟ ବୋଲି ବିଜେଡି କ୍ଷୋଭ ପ୍ରକାଶ କରି ଆସୁଛି।

### ସିଜେପିର ପୁଣି...

ପ୍ରକାଶ କରିବା ସହିତ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ବନ୍ଦ କରାନ୍ତୁ ଏବଂ ଜେଲରୁ ଆନ୍ଦୋଳନକାରୀଙ୍କୁ ମୁକ୍ତ କରନ୍ତୁ ବୋଲି ପାର୍ଟି ଦାବି କରିଛି। ଏଥିରେ ବିଫଳ ହେଲେ ପାର୍ଟି ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଧମକ ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ୨୪ ଘଣ୍ଟାର ସମୟ ଦେଇଛି ପାର୍ଟି ବୋଲି ଜଣାପଡ଼ିଛି।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କକ୍ରୋଚ୍ ଜନତା ପାର୍ଟିର ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରଙ୍ଗା କହିଛନ୍ତି ଯେ ଆସାମ, ପଶ୍ଚିମବଙ୍ଗ ଓ ବିହାର ସମେତ ବିଭିନ୍ନ ରାଜ୍ୟରେ ଛାତ୍ର ବିକ୍ଷୋଭକାରୀଙ୍କୁ ଅଟକ ଓ ଗିରଫ କରାଯାଉଥିବା ଖବର ମିଳୁଛି। ଆନ୍ଦୋଳନ ସ୍ଥଗିତ କରିବା ସମୟରେ କୌଣସି ଦଣ୍ଡାତ୍ମକ ପଦକ୍ଷେପ ନ ନେବାକୁ ସରକାର ଆଶ୍ୱାସନ ଦେଇଥିଲେ। ସେହି ଆଶ୍ୱାସନ ଅନୁଯାୟୀ ସମସ୍ତ ଅଟକ ବ୍ୟକ୍ତିଙ୍କୁ ମୁକ୍ତ କରିବା, ଦାଖଲ ମାମଲା ପ୍ରତ୍ୟାହାର କରିବା ଏବଂ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ ଆଲୋଚନାରେ ସାମିଲ ହୋଇଥିବା ଦୁଇ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ତୁରନ୍ତ ହସ୍ତକ୍ଷେପ କରନ୍ତୁ। ମଙ୍ଗଳବାର ସୁଦ୍ଧା ଦାବି ପୂରଣ ନ ହେଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହା ସହିତ ସେମାନେ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ସହାୟତା ପ୍ରଦାନ କରିବା ଲାଗି ଦଳର ଆଇନଜୀବୀ ଟିମ୍ କରୁଛନ୍ତି। ଏଥିରେ କପିଲ ଶିବଲଙ୍କର ପରାମର୍ଶ ନିଆଯାଉଛି। ତେବେ ସିଜେପିର ସାନି ଆନ୍ଦୋଳନ ଧମକ ପରେ ବିହାର ସରକାର ନରମିଛନ୍ତି। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ସହ ଜେଲ୍‌ରୁ ମୁକ୍ତି କରାଯିବ ବୋଲି ସରକାର ଘୋଷଣା କରିଛନ୍ତି।

### ପରଲୋକରେ ସୁଶାନ୍ତ...

ବିଜେଡି, ପଶ୍ଚିମ ଓଡ଼ିଶା ସହ ସମଗ୍ର ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ନବୀନ କହିଛନ୍ତି।

ଜଣେ ସାଲିସ ବିହୀନ ରାଜନେତା ଭାବରେ ବରଗଡ ଜିଲ୍ଲାର ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ୩ ଥରର ବିଧାୟକ ଥିଲେ। ୨୦୦୯, ୨୦୧୪ ଏବଂ ୨୦୧୯ ମସିହାରେ କ୍ରମାଗତ ଭାବେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ଏଥିସହିତ ମନ୍ତ୍ରୀ ମଧ୍ୟ ହୋଇ ବିଭିନ୍ନ ଜନହିତକର ପଦକ୍ଷେପ ଗ୍ରହଣରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ସମଗ୍ର ରାଜନୈତିକ ଜୀବନରେ ସେ କୃଷକ, ଶ୍ରମିକ, ଯୁବବର୍ଗ, ମହିଳା ଓ ସମାଜର ଅବହେଳିତ ବର୍ଗର ସ୍ୱାର୍ଥ ପାଇଁ ସର୍ବଦା ସଂଗ୍ରାମ କରିଥିଲେ। ତାଙ୍କର ସରଳତା, ସାଦାସିଧା ଜୀବନଶୈଳୀ, ସାଂଗଠନିକ ଦକ୍ଷତା ଏବଂ ନିଷ୍ଠାପର ଜନସେବା ତାଙ୍କୁ ପଶ୍ଚିମ ଓଡ଼ିଶାର ଜଣେ ଅତ୍ୟନ୍ତ ସମ୍ମାନିତ ନେତାର ପରିଚୟ ଦେଇଥିଲା। ନବୀନ କହିଛନ୍ତି ଯେ ସ୍ୱର୍ଗତ ସୁଶାନ୍ତ ସିଂହ ଜଣେ ଦକ୍ଷ ସଂଗଠକ, ଜନପ୍ରିୟ ଜନନେତା ଓ ନିଷ୍ଠାପର ଜନସେବକ ଥିଲେ। ବରଗଡ଼ ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାର ବିକାଶ ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ। ଦଳକୁ ସୁଦୃଢ଼ କରିବାରେ ତଥା ଲୋକଙ୍କ ସେବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଏହି ଅବସରରେ ସେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଶଙ୍ଖ ଭବନ ଠାରେ ବିଧାୟକ, ବରିଷ୍ଠ ନେତା ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଅର୍ପଣ କରି ସ୍ୱର୍ଗତ ଶ୍ରୀ ସିଂହଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲେ। ବିଜେଡି ପକ୍ଷରୁ ଆୟୋଜିତ ଶୋକସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ, ସାଂସଦ, ବିଧାୟକ, ପୂର୍ବତନ ମନ୍ତ୍ରୀ, ବିଭିନ୍ନ ସଂଗଠନର ପଦାଧିକାରୀ ଓ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ରହି ସ୍ୱର୍ଗତ ଶ୍ରୀ ସୁଶାନ୍ତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଶ୍ଚିମ ଓଡ଼ିଶାରେ ବିଜେଡି ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନକୁ ସମସ୍ତେ ସ୍ମରଣ କରିଥିଲେ। ଉପସ୍ଥିତ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଶକ୍ତି ଓ ସାହସ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ।

### ଆଜି ୧୬ ଜିଲ୍ଲାରେ...

କଟକ ବାଙ୍କୀରେ ସର୍ବାଧିକ ୧୯୨ ମିଲିମିଟର ବର୍ଷା ହୋଇଥିବା ବେଳେ ସୋନପୁର, କେନ୍ଦ୍ରପଡ଼ା ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଅପରପକ୍ଷେ ରାଜ୍ୟରେ ମୌସୁମୀ ବର୍ଷା ୬୦୦ମିମି ଅତିକ୍ରମ କରିଥିବା ନେଇ ସୂଚନା ମିଳିଛି। ମୌସୁମୀ ଋତୁରେ ଚଳିତ ବର୍ଷ ୧ ଜୁନ ରୁ ୨୭ ଜୁଲାଇ ମଧ୍ୟରେ ରାଜ୍ୟରେ ଏଯାବତ ୬୦୦.୪ମିମି ବର୍ଷା ରେକର୍ଡ ହୋଇଛି। ପୁରା ମୌସୁମୀ ଋତୁରେ ରାଜ୍ୟରେ ୧୧୫୦.୨ମିମି ବର୍ଷା ରେକର୍ଡ ହୋଇଥାଏ, ଅର୍ଥାତ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୌସୁମୀର ଅଧାରୁ ଅଧିକ ବର୍ଷା ଅନୁଭୂତ ହୋଇସାରିଛି। ଜୁନ ମାସରୁ ଏଯାଏଁ ଅନୁଭୂତ ହୋଇଥିବା ବର୍ଷା ଜୁନର ନିଅଣ୍ଟିଆ ଭରଣ ସହ ଜୁନ ଏବଂ ଜୁଲାଇ ମାସର ସ୍ୱାଭାବିକ ବର୍ଷା ୫୫୦.୭ମିମି ଟପିଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।


**NOTICE FOR LOSS OF DOCUMENTS**

Notice is hereby given from Tushar Ranjan Nanda that, he has applied for loan to LIC HFL. But at present, he has lost the Original Link Documents i.e. **RSD vide No.: 11082203585, Dtd. 11/03/2022**, which were kept with him and in-spite of his best efforts, failed to trace the same.

Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Saheed Nagar, Bhubaneswar within **15 days** from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim what-so-ever on the property after **15 days**.

**Address for Communication: LIC HFL, Saheed Nagar, Bhubaneswar, B. K. Pattanaik, Advocate. Mob. No. 9337395558**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

ସୂଚନା

OIPR- 13001/13037/1/26-27/0081 ଭାରପ୍ରାପ୍ତ ଅଧିକାରୀ (ଲାଇସେନ୍ସ)

14001/512/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR
e-Procurement Notice
Bid Identification No. S.E (R&B) -13/2026-27/JTP(R)
No. 4472 Date 23.07.26

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | |
|---|---|---|
| 1. | Name of the Work | Road & Barricading Works as mentioned in DTCN. |
| 2. | No. of Works | 2 Nos. |
| 3. | Estimated Cost | Rs. 1.68 to 5.25 lakhs |
| 4. | Period of completion | 07 (Seven) Days to 1 (one) Month |
| 5. | Date & Time of Bidding | From 11.00 hours of 28.07.2026 Up to 17.00 hours of 05.08.2026 |
| 6. | Last date & time for receipt of bids in portal | 17.00 hours of 05.08.2026. |
| 7. | Bids received online shall be opened on | 11.00 hours of 06.08.2026. |
| 8. | Name and address of the officer inviting Bid | Superintending Engineer, Jayapur (R&B) Division, Jayapur |

Further details can be seen from the www.tendersodisha.gov.in

OIPR-34001/34027/1/26-27/0014 Superintending Engineer Jayapur (R&B) Division

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: BOLANGIR
Office Order No. 4019 Dated: 18.07.26

**1st Corrigendum Notice to Bid Identification No. EEBLGR-online-02/2026-27**

The date and time of the Bid Identification No. EEBLGR-online-02/2026-27 has been revised.

| Procurement Officer: | Bid Identification No.: | Availability of Tender On line for bidding: From | To | Last Date and Time of seeking tender clarification: | Date & Time of Opening of Tender: |
|---|---|---|---|---|---|
| Executive Engineer, R.W. Division, Bolangir | EEBLGR-online-02/2026-27 | 30.06.2026 at 11.00 A.M | 29.07.2026 up to 5.00 PM | 28.07.2026 up to 1.00 PM | 30.07.2026 at 11.00 A.M |

Further details can be seen from the website www.tendersodisha.gov.in
Any Corrigendum/Addendum will be displayed in the above e-tender website only.
OIPR-25001/25068/1/26-27/0006 Executive Engineer R.W. Division, Bolangir

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: BOLANGIR
Office Order No. 4056 Dated: 21.07.26

**1st Corrigendum Notice to Bid Identification No. EEBLGR-online-03/2026-27**

The date and time for the Bid Identification No. EEBLGR-online-03/2026-27 has been revised.

| Procurement Officer | Bid Identification No. | Availability of Tender On line for bidding: From | To | Last Date & Time of seeking clarification on Tender | Date & Time of Opening of Tender: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bolangir | EEBLGR-Online-03/2026-27 | [illegible].07.2026 at 11.00 A.M | 30.07.2026 up to 5.00 P.M | 29.07.2026 up to 1.00 P.M | 31.07.2026 up to 5.00 PM | The date will be intimated later on |

Further details can be seen from the website www.tendersodisha.gov.in
Any Corrigendum/Addendum will be displayed in the above e-tender website only.
OIPR-25001/25068/1/26-27/0004 Executive Engineer R.W. Division, Bolangir

OFFICE OF THE SUPERINTENDING ENGINEER
RURAL WORKS DIVISION: SUNDARAGADA
E.Mail – ne_sundargarh@yahoo.co.in, Ph – 06622-272290 (off)

**2nd Corrigendum to Bid Identification No Online-SESNG-09 of 2026-27**

In continuation to this office Bid Identification No: Online-SESNG-09 of 2026-27 invited vide this office notice no. 4454 dt.18.06.2026 is partially modified for the work TCN has been made as follows:-

| Sl. No. | | Time Schedule as per Original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 30.06.2026 at 11.00 A.M to 14.07.2026 up to 05.00 P.M | Extended up to 19.08.2026 up to 5.00 P.M |
| 2 | Last date of seeking clarification | 13.07.2026 at 11.00 A.M | Extended up to 18.08.2026 up to 11.00 A.M |
| 3 | Date of Opening of Tender | 15.07.2026 at 10.00 A.M | Extended up to 20.08.2026 at 10.00 A.M |

All other terms & conditions remain unchanged.
OIPR-25001/25046/1/26-27/0019 Superintending Engineer R.W. Division, Sundaragada

Regd. No. D.L.-33004/99
भारत का राजपत्र
The Gazette of India
CG-DL-E-24062026-273777
(EXTRAORDINARY)
PART II—Section 3—Sub-section (ii)
PUBLISHED BY AUTHORITY
No.3191] NEW DELHI, MONDAY, JUNE 22, 2026/ASHADHA 1, 1948
MINISTRY OF ROAD TRANSPORT AND HIGHWAYS
Notification
New Delhi, the 19 June 2026

S.O. 3323(E).—Whereas by the notification of the Government of India in the Ministry of Road Transport and Highways, S.O. 5230(E) dated 17 November 2025, published in the Gazette of India, Extraordinary, Part II, Section 3, Sub-section (ii), issued under sub-section (1) of Section 3A of the National Highways Act, 1956 (48 of 1956)...

SCHEDULE

Shaikh Amir Khan, Director

**AFFIDAVIT**

By Virtue of an affidavit No-77AA 120828 dated 22-07-2026 shown before the Executive Magistrate, Champua, I Mouthili Giri W/o-Prasanna Kumar Giri residing Vill – Sarasposi, Po- Raikala, PS- Ghagarbeda, Mayurbhanj, do hereby solemnly affirm and state that Maithili Giri & Mouthili Giri is same & one person on this above address. Henceforth, I shall be known as **Maithili Giri** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 590, dated 25.03.2026, I, GUTREDI RAMKRISHNA RAO, Son of - Late. Gutredi Suri Narayan, Permanent Resident of Village - Charamula, PO - Charamula, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from G RAMAKRISHNA to GUTREDI RAMKRISHNA RAO. Henceforth, I shall be known as **GUTREDI RAMKRISHNA RAO** for all purposes.
Sd/- Gutredi Ramkrishna Rao

**AFFIDAVIT**

I, Aabha Utkalika Jagmohan Meher, aged about 29 years, D/o- Jagmohan Meher, resident of Qr No- S/5, Umesh Vatika, Lalsaheb Para, Ps- Khariar, Dist- Nuapada, Odisha, Pin- 766107, do hereby declare by this affidavit No. 1484, dtd- 26.07.2026, that now onwards I shall be known as **AABHA UTKALIKA MEHER** for all future purposes.

**AFFIDAVIT**

By virtue of an affidavit No- 10284, sworn before The Executive Magistrate Jajpur on dtd- 22/07/2026, I, **Basanti Mohanty**, permanent resident of At/Po: Jhadanga, Block: Dasarathapur, Ps/Dist- Jajpur, Pin- 755007, Odisha declared that I have changed my name from **Basantilata Mohanty** (old name) to **Basanti Mohanty** (new name). Henceforth, I shall be known as **Basanti Mohanty** for all future purposes.
**Basanti Mohanty**

**AFFIDAVIT**

I, Nivedita, aged about 54 years, W/o- Jagmohan Meher, resident of Qr No- S/5, Umesh Vatika, Lalsaheb Para, Ps- Khariar, Dist- Nuapada, Odisha, PIN- 766107, do hereby declare by this affidavit No- 683, dtd- 01.03.2025, that now onwards I shall be known as **NIVEDITA MEHER** for all future purposes.

**AFFIDAVIT**

By virtue of an affidavit on dtd- 09.05.2026 sworn before The Notary Public, Saintala, Titilagarh. I, **Tikenath Majhi**, aged about 50 years, S/o Late Rajiba Majhi, resident of Village/At: Belgaon, Po: Belgaon, Ps: Saintala, Dist: Balangir, Odisha declare that I have changed my minor son's name from **Khitesh Majhi** (old name) to **Khitis Majhi** (new name) in his Aadhar Card (vide No. 3294 9007 6207). Henceforth, he shall be known as **Khitis Majhi** (new name) for all purposes.
**Tikenath Majhi**

**AFFIDAVIT**

I, Pran Krushna Jena, aged about 43 years, S/o- Kumud Kanta Jena, resident of Plot No- BL/111, VSS Nagar, Bhubaneswar, Dist- Khurda, PIN- 751007, Odisha declared by this affidavit No. 507, dtd- 27/07/2026 that now onwards I shall be known as **PRANA KRUSHNA JENA** for all future purposes.

**DECLARATION**

By virtue of an affidavit sworn before the Executive Magistrate, Titilagarh, on dtd- 27.07.2026, I, **Sri Ratra Gahir**, aged about 57 years, S/o Sadhu Gahir, resident of At: Dharapgarh, PO: Gotibhadi, PS: Saintala, Dist: Balangir, Odisha, do hereby solemnly declare that the Registered Sale Deed No. 1383 of 2009, dated 17.07.2009, registered at the Sub-Registrar Office, Titilagarh, stands recorded in my name. That the said Registered Sale Deed was stored in a wooden box along with other documents, and all these items have been eaten and severely damaged by white ants (termites), rendering them beyond recovery. Further, I have not mortgaged or pledged the said Registered Sale Deed to any bank or financial institution. If any evidence to the contrary is found, I shall be held fully liable under the law.

## ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର

# ସମନ୍ୱିତ କୃଷି ଯୋଜନାରେ ଅନିୟମିତତା ଅଭିଯୋଗ



**ଖଇରା,୨୭ ।୭ (ସମିସ)**

ସୋମବାର ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ ଓ ଏସପି ପ୍ରତ୍ୟୁଷ ଦିବାକରଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୋଟ ୧୫୫ ଅଭିଯୋଗର ଶୁଣାଣି କରାଯାଇଛି । ତେବେ ଜିଲାପାଳ ନିଜେ ଶୁଣାଣି କରିବା ପରିବର୍ତ୍ତେ ଯେଉଁ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ହୋଇଛି ତାଙ୍କୁ ସମାଧାନର ଦାୟିତ୍ୱ ଦେବାକୁ ନେଇ ଅଭିଯୋଗକାରୀ ମାନଙ୍କ ତରଫରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ସମନ୍ୱିତ କୃଷି ପଦ୍ଧତିରେ ୨୦୨୫-୨୬ରେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହେବା ପରେ ଏଥିନେଇ ପଞ୍ଚାୟତ ସମିତି ବୈଠକରେ ଲୋକପ୍ରତିନିଧି ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ହିତାଧିକାରୀ ଚୟନ ବେଳେ ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଦରକାର ବୋଲି ୬ନମ୍ବର ଜିଲା ପରିଷଦ ଜୋନ ସଦସ୍ୟା ସୁଷମା ମହାପାତ୍ର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ । ବଟେଶ୍ୱର ଗ୍ରାମରେ କୃତ୍ରିମ ବନ୍ୟା ଏଡାଇବାକୁ ଗ୍ରାମ ସଂଲଗ୍ନ ସୋର-କୁପାରୀ ରାସ୍ତା କଡ଼ରେ ଡ୍ରେନେଜର ବ୍ୟବସ୍ଥା ପାଇଁ ଗ୍ରାମର ଦେବବ୍ରତ ଦାସ, ସ୍ୱପ୍ନାନ୍ତ ଦାସ ଓ ଦେବାଶିଷ ଦାସ ପ୍ରମୁଖ ଜିଲପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ସେହିଭଳି ଭୁଦେଇଶୂଳ ଗ୍ରାମ ନିକଟରେ ପରିତ୍ୟକ୍ତ ଖାଦାନ ରୁ ବର୍ଷାଜଳ ବହୁ ସମୟରେ ଗ୍ରାମକୁ ପଶିବା ଯୋଗୁଁ ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ନେଇ ଅଭିଯୋଗ ହେବା ପରେ ଏମଜିଏନଆରଜିଏସରେ ଏକ ଆଡିବନ୍ଧ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଜେସିବିରେ ମାତ୍ର ୨ଘଣ୍ଟା କାମକରାଯାଇ ୧ଲକ୍ଷ ୫୦ହଜାର ଟଙ୍କାର ମିଥ୍ୟାବିଲ କରାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଥିଲେ । ଏହା ଛଡା ବର୍ତ୍ତମାନ ଖଇରା ବ୍ଲକରେ ଆଧାର କାର୍ଡ ସଂଶୋଧନ ପାଇଁ ସାଧାରଣ ଲୋକ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବା ନେଇ ନଟାପଡା ଗ୍ରାମର ନିଶିକାନ୍ତ ମହାନ୍ତି ଅଭିଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଶିବ ମାଲବ୍ୟ, ମୁଖ୍ୟ ନିର୍ବାହୀ ଅଧୀକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ ନିର୍ବାହୀ ଅଧିକାରୀ ଡ ମଧୁସ୍ମିତା ସାମନ୍ତରାୟ, ଜିଲା ମୁଖ୍ୟଚିକିତ୍ସାଧିକାରୀ ଦିଲ୍ଲୀପ କୁମାର ଜେନା, ଅତିରିକ୍ତ ଜିଲାପାଳ ହେମନ୍ତ ସିଂ, ଖଇରା ବିଡିଓ ନାରାୟଣ ସାହୁ, ତହସିଲଦାର ଅନୁପ କୁମାର ବେହେରା, ଆଇଆଇସି ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## 'ମୋ ଭାରତ ବୀର ଭାରତ' କାର୍ଯ୍ୟକ୍ରମ

**ବାଲେଶ୍ୱର,୨୭ ।୭ (ସମିସ):** ଆମ ପରମ୍ପରା ଟ୍ରଷ୍ଟ ପକ୍ଷରୁ କାର୍ଗିଲ୍ ବିଜୟ ଦିବସ ଅବସରରେ ବାଲିଆ କୁକୁଡାପଦା ସ୍ଥିତ ଉତ୍ସର୍ଗ ବୃଦ୍ଧାଶ୍ରମ ପରିସରରେ "ମୋ ଭାରତ ବୀର ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟର ସଭାପତି ବିକର୍ତ୍ତନ ନାୟକଙ୍କ ସଭାପତିତ୍ୱରେ ଭାରତ ମାତା ଓ କାର୍ଗିଲ୍ ବୀର ସହିଦମାନଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ଟ୍ରଷ୍ଟର ସାଧାରଣ ସମ୍ପାଦକ ମୁରଲୀଧର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସତ୍ୟଭାମା ମୁଦୁଲି "ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ । ବନ୍ଦନା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପଣ୍ଡିତ ମନ୍ମଥ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ନୀଳଗିରିର ପୂର୍ବତନ ଏବିଓ ମୁକ୍ତେଶ୍ୱର ସେଠୀ ଓ ଯୋଗେଶଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଗିଲ୍ ବିଜୟ ଦିବସର ଐତିହାସିକ ତାତ୍ପର୍ଯ୍ୟ, ବୀର ସହିଦମାନଙ୍କ ଅବଦାନ ଏବଂ ଦେଶପ୍ରେମର ବାର୍ତ୍ତା ଉପରେ ଆଲୋକପାତ କରିଥିଲେ । ରଞ୍ଜିତ ପରିଡ଼ା ମାନପତ୍ର ପାଠ କରିଥିବା ବେଳେ ଚନ୍ଦ୍ରକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସୁଷମା ସ୍ୱାଇଁ, କଳ୍ପନା ନାୟକ ଓ ସ୍ୱର୍ଣ୍ଣଲତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ କଞ୍ଚମଣି ସ୍ୱାଇଁ ସଞ୍ଚାଳନ କରିଥିଲେ ।

## କର୍କଟ ପୀଡ଼ିତା କମଳିନୀଙ୍କୁ ସହାୟତା

**ଖଇରା,୨୭।୭ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଟା ଗ୍ରାମ ପଞ୍ଚାୟତ ରାଇକୁଳା ଗ୍ରାମର କର୍କଟ ପୀଡିତା କମଳିନୀ ମାଝୀଙ୍କ ଆର୍ଥିକ ଦୁରବସ୍ଥା କାରଣରୁ ସେ ଚିକିତ୍ସାରୁ ବଞ୍ଚିତ ରହିବା ସହ କୁଡ଼ିଆ ଭିତରେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଏମିତି ସମୟରେ ଦେବଦୂତ ସାଜି ସାହାଯ୍ୟର ହାତ ବଢ଼ାଇଛନ୍ତି କାକୁଡିଆ ଗ୍ରାମର ମା ବାମକାଳୀ ଯୁବକ ସଂଘ ତଥା ନନ୍ଦୁର ଅଞ୍ଚଳର ଅଗ୍ରଣୀ ସଙ୍ଗଠନ ଚଣ୍ଡିମାତା ସେବା ସଂସ୍ଥାର ର ସଦସ୍ୟ ଗଣ । ସଂଘର ପ୍ରତିଷ୍ଠାତା ତୃପ୍ତିକାନ୍ତ ନାୟକ, ସଭାପତି ସ୍ୱପ୍ନେଶ୍ୱର



ଲେଙ୍କା, ଉପଦେଷ୍ଟା ଦିବାକର ନାୟକ ପ୍ରମୁଖଙ୍କ ନେତୃତ୍ୱରେ ସଦସ୍ୟ ମାନେ ରାଇକୁଳା ଗ୍ରାମରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଉପସଭାପତି ଜନ୍ମେଜୟ ନାୟକ, କୋଷାଧ୍ୟକ୍ଷ ଶିଶିର ନାୟକ, ରାଜେଶ ନାୟକ, ଦର୍ଶନ ବେହେରା ପ୍ରମୁଖ ସାମିଲ ଥିଲେ । ସେହିଭଳି ଚଣ୍ଡିମାତା ସେବା ସଂସ୍ଥାର ସଭାପତି ହିମାଂଶୁ ନାୟକ, ଉପସଭାପତି ଧନଞ୍ଜୟ ପଣ୍ଡା,ସହ ସମ୍ପାଦକ ଗୌତମ ନାୟକ, କୋଷାଧ୍ୟକ୍ଷ ଅନାଦି ଧଡା ପ୍ରମୁଖ କମଳିନୀଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

## ଗୋ ମାତାଙ୍କୁ ରାଷ୍ଟ୍ରମାତା ଘୋଷଣା ଦାବି



**ବାଲେଶ୍ୱର,୨୭ ।୭ (ସମିସ):** ଗୋ ସମ୍ମାନ ଦିବସ ଅବସରରେ ଆଜି ଜିଲ୍ଲାର ଗୋ ପ୍ରେମୀମାନେ ଗୋ ମାତାଙ୍କୁ ରାଷ୍ଟ୍ରମାତା ଘୋଷଣା କରିବା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଜିଲ୍ଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଦାବି କରାଯାଇଛି ଯେ, ଭାରତର ବିଭିନ୍ନ ରାଜ୍ୟରେ ଗୋଟିଏ ଗୋଟିଏ ଗୋ ଅଭୟାରଣ୍ୟ ଖୋଲାଯାଉ, ଗୋଶାଳା ଗୁଡିକୁ ମନରେଗା ସହ ଜଡିତ କରାଯାଉ ଯାହାଦ୍ୱାରା ଗୋଶାଳାରେ କାର୍ଯ୍ୟ କରୁଥିବା ଲୋକେ ଶହେ ଦିନର ଗୋଶାଳା ମଜୁରୀ ପାଇପାରିବେ ଏହାଛଡା ଗୋ ହତ୍ୟା ଏବଂ ଗୋ ଚାଲାଣରେ ସଂପୃକ୍ତ ଅପରାଧୀଙ୍କ ପାଇଁ ଆଜୀବନ କୋଠର ଦଣ୍ଡ ବିଧାନ କରାଯାଉ, ଗୋ ଚାଲାଣରେ ବ୍ୟବହୃତ ହେଉଥିବା ଗାଡି ଜବତ ହେଲେ ଜାମିନ ନ ମିଳୁ ଏବଂ ସେଗୁଡିକୁ ନିଲାମ କରି ଅର୍ଥ ଗୁଡିକ ଗୋଶାଳାଗୁଡିକୁ ବ୍ୟବହାର କରାଯାଉ, ଜିଲ୍ଲା ସ୍ତରରେ ପୃଥକ ପୃଥକ ଭାବେ ପଂଚଗବ୍ୟ ଚିକିତ୍ସାଳୟ ଖୋଲାଯାଉ, ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ଦେଶୀ ଗାଇକ୍ଷୀର ପ୍ରଦାନ କରାଯାଉ ଆଜି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି । ଗୋ ରକ୍ଷକ ରାଧାମାଧବ ଦାସଙ୍କ ନେତୃତ୍ୱରେ ବହୁ ଗୋ ପ୍ରେମୀ ଉପସ୍ଥିତ ରହି ଏହି ଦାବି ଉପସ୍ଥାପନ କରିଛନ୍ତି ।

## ଚିଙ୍ଗୁଡ଼ି ଝିଲିରୁ ଚାଷୀଙ୍କ ମୃତଦେହ ଉଦ୍ଧାର

**କାଳିପଦା, ୨୭।୭ (ସମିସ):** ସୋମବାର ସକାଳେ ବାଲିଆପାଳ ଥାନା ଅନ୍ତର୍ଗତ ଜାମକୁଣ୍ଡା ଫାଣ୍ଡି କାଠ ଶଗଡା ଗ୍ରାମର ଜଣେ ଚିଙ୍ଗୁଡ଼ି ଚାଷୀଙ୍କ ମୃତ ଦେହ ତାଙ୍କ ନିଜ ଚିଙ୍ଗୁଡ଼ି ଝିଲି ରୁ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କରାଯାଇଛି । ଘଟଣା ବିଷୟରେ ଖବର ପାଇ ଜାମକୁଣ୍ଡା ଫାଣ୍ଡି ଅଧିକାରୀ କେଶବ ଚନ୍ଦ୍ର ବେଶ୍ରା ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛନ୍ତି । ମୃତ ଚିଙ୍ଗୁଡ଼ି ଝିଲି ମାଲିକ ହେଉଛନ୍ତି କାଠଶଗଡ଼ା ଗ୍ରାମର ଦେବେନ୍ଦ୍ର ଜେନାଙ୍କ ପୁଅ ଶିବଶଙ୍କର ଜେନା (୪୨) । ଶିବ ଶଙ୍କର ନିଜ ଘର ଠାରୁ ୨କିମି ଦୂରେରେ ଥିବା ଚଡରେ ନିଜ ଜମିରେ ଏକ ଚିଙ୍ଗୁଡ଼ି ଝିଲି କରି ବର୍ଷା ଦିନିଆ ଚିଙ୍ଗୁଡ଼ି ଚାଷ କରି ଆସୁଥିଲେ । ସେ ରବିବାର ସନ୍ଧ୍ୟାରେ ନିଜ ଚିଙ୍ଗୁଡ଼ି ଝିଲକୁ ଯାଇଥିଲେ । ମାତ୍ର ସକାଳେ ସେ ଘରକୁ ନ ଫେଇବାରୁ ପରିବା ଲୋକେ ଝିଲି ପାଖକୁ ଯାଇ ଖୋଜା ଖୋଜା କରି ନପାଇ ବାଲିଆପାଳ ଅଗ୍ନିଶମ ବାହିନୀକୁ ଖବର ଦେଇ ଥିଲେ । ଅଗ୍ନିଶମ ବାହିନୀ ଟିମ ଘଟଣା ସ୍ଥଳରେ ପହଞ୍ଚି ଚିଙ୍ଗୁଡ଼ି ଝିଲିରୁ ଶିବଶଙ୍କରଙ୍କ ମୃତ ଦେହ ଉଦ୍ଧାର କରି ଥିଲେ । ମୃତ୍ୟୁର କାରଣ ଜଣା ପଡି ନାହିଁ । ପୂର୍ବରୁ ବହୁ ଚିଙ୍ଗୁଡ଼ି ଝିଲି ରେ କର୍ମଚାରୀଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ହୋଇ ଥିବା ଘଟଣା ଘଟିଛି । ତଦନ୍ତ ପରେ ସତ୍ୟ ପଦାକୁ ଆସିବ ବୋଲି ପୁଲିସ କହିଛି ।

## ସର୍ପାଘାତରେ ବିଜେପି ନେତା ଗୁରୁତର

**ଜଳେଶ୍ୱର ବ୍ଲକ, ୨୭।୭ (ସମିସ):** ଜଳେଶ୍ୱର ବିଜେପିର ଯୁବନେତା କାଳିଚରଣ ଦାସ ସର୍ପାଘାତରେ ଗୁରୁତର ହୋଇଛନ୍ତି । ଗତ ଶନିବାର ସନ୍ଧ୍ୟା ୭ଟା ସମୟରେ ଶ୍ରୀ ଦାସ ଜାତୀୟ ରାଜପଥ ପାଶ୍ୱର୍ ବିଜେପି ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ପାର୍ଟି ଅଫିସରୁ କାମ ସାରି ଶିଡ଼ିରୁ ଓହ୍ଲାଉ ଥିବାବେଳେ ତଳ ପାହାଚରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା । ତାଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲ ଅଣାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌କୁ ନିଆଯାଇଛି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ବିଭିନ୍ନ ମହଲରେ ଆଶୁ ଆରୋଗ୍ୟ କାମନା କରାଯାଇଛି ।

## ନୀଳାଦ୍ରି ବିଜେ ଓ ରସଗୋଲା ଦିବସ



**ବାଲେଶ୍ୱର,୨୭ ।୭(ସମିସ):** ଆଜି ପବିତ୍ର ନୀଳାଦ୍ରି ବିଜେ ଏବଂ 'ରସଗୋଲା ଦିବସ' ଅବସରରେ ବାଲେଶ୍ୱରର କୋଚେରୀ ହୋଟା ପରିସରରେ ଦେବଦୀପ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱତନ୍ତ୍ର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ଅଧ୍ୟକ୍ଷା ରଶ୍ମିରେଖା ନାୟକ ଏବଂ ସଭାପତି ଧିରେନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଥିରେ ମୁଖ୍ୟ ଅତିଥି ଭାବେ ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ପୂର୍ବତନ ନଗରପାଳ ଆଲୋକ ସାହୁ, ପୂର୍ବତନ ଉପ ନଗରପାଳ ରଶ୍ମିରେଖା ଦେବ, ବରିଷ୍ଠ ବିଜେଡି ନେତା ବରୋଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋସ୍ନା ସେନାପତି, ଖବରକାଗଜ ହକର ସଂଘ ସଭାପତି ଅରୁଣ କୁମାର ସ୍ୱାଇଁ, ସାମ୍ବାଦିକ ସତ୍ୟବ୍ରତ ଜେନା, ପୂର୍ବତନ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟ ରଂଜନ ଦାସ, ଆଇନଜୀବୀ ସୁଧାଂଶୁ ଶେଖର ଦାସ ଏବଂ ପୂର୍ବତନ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବିଭୁଦତ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଥିଲେ । ଉପସ୍ଥିତ ଅତିଥି ଓ ସାଧାରଣ ଜନତାଙ୍କୁ ରସଗୋଲା ବଣ୍ଟନ କରାଯାଇଥିଲା ।

## ପାଠାଗାର ମାଧ୍ୟମରେ ଭାଷା ସାହିତ୍ୟର ବିକାଶ

**ଜଳେଶ୍ୱର,୨୭।୭ (ସମିସ):** ସୁଗୋ ପଞ୍ଚାୟତ ଦୀନକୃଷ୍ଣ ମହାବିଦ୍ୟାଳୟ ସନ୍ନିକଟ ଧାନଶିମୁଳିଆ ଗାଁ ସ୍ଥିତ ବସନ୍ତ ମଞ୍ଜରୀଙ୍କ ବାସଭବନରେ ମନୋରଞ୍ଜନ ସ୍ମୃତି ପାଠାଗାର ଶୁଭାରମ୍ଭ ହୋଇ ଯାଇଛି । ସୀମାନ୍ତ ଅଞ୍ଚଳରେ ଭାଷା ସାହିତ୍ୟର ସୁରକ୍ଷା ଓ ବିକାଶ ଲାଗି, ଅନୁଷ୍ଠାନ ପ୍ରେମୀ, କ୍ରିଡ଼ା ବାତ୍ ସ୍ୱର୍ଗତ ମନୋରଞ୍ଜନ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭବିଷ୍ୟତ ପୀଢ଼ି ମହତ୍ ପଦକ୍ଷେପ ନେଇଛନ୍ତି । ବାହୁଡ଼ା ଯାତ୍ରା ଅବସରରେ ଆବାହକ ତଥା ପୁତ୍ର ଆଇନଜୀବୀ ସତ୍ୟ ନାରାୟଣ ଦାସଙ୍କ ଆହ୍ୱାନରେ ପାଠାଗାର ଶୁଭାରମ୍ଭ ହୋଇଥିଲା । ଏଥିରେ କବି ବାଞ୍ଛାନିଧି ମହାନ୍ତି, ଖଗେନ୍ଦ୍ର ନାଥ ପ୍ରମାଣିକ, ଅନିଲ କୁମାର ଭୂୟାଁ, ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ପ୍ରଶାନ୍ତ କୁମାର ରାଉଳ, ତ୍ରିଲୋଚନ ବାରିକ, ଭବାନୀ ଶଙ୍କର ବାରିକ, ପ୍ରଭାତ କୁମାର କୁଅଁର, ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ ବିଜ୍ଞ ପ୍ରାଜ୍ଞ ସାହିତ୍ୟାନୁରାଗୀ ଯୋଗଦେଇ ଏଭଳି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ ।

## ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ଶ୍ରାବଣ ମେଳା



**ବାଲେଶ୍ୱର,୨୭ ।୭ (ସମିସ):** ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ବାଲେଶ୍ୱର ଶାଖା ପକ୍ଷରୁ ପବିତ୍ର ଶାବଣ ମାସର ଆଗମନରେ ଶ୍ରାବଣ ମେଳା ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳ ପ୍ରମୁଖ ପ୍ରିୟା ଅଗ୍ରୱାଲ ଏବଂ ହେତଲ ପାଲା ଅତିଥି ଭାବେ ଯୋଗ ଦେଇ ମିଳିତ ଭାବେ ଉଦ୍‌ଘାଟନ କରିବା ସହ ଏହି ମେଳା ନାରୀଶକ୍ତି ଜାଗରଣର ଅନ୍ୟ ଏକ ସ୍ୱରୂପ ବୋଲି କହିଥିଲେ ।

ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ରାଷ୍ଟ୍ରୀୟଅଧ୍ୟକ୍ଷା ଅଞ୍ଜୁ ସରାଓଗୀ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସମିତିର ଏହିଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ମାରୱାଡ଼ି ମହିଳା ସମ୍ମେଳନର ବାଲେଶ୍ୱର ଶାଖା ସଭାନେତ୍ରୀ ଗୀତା ସୋମାନି ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ମେଳାରେ ରାକ୍ଷୀ, ଡ୍ରେସ୍, ଶାଢ଼ୀ, ଗହଣା, ଘର ସଜାଇବା ଉପକରଣ ଓ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ସମ୍ବଳିତ ମୋଟ ୪୦ଟି ଷ୍ଟଲ ଲାଗିଥିଲା । ମାରୱାଡ଼ି ମହିଳା ସମ୍ମେଳନ ବାଲେଶ୍ୱର ଶାଖା ସମ୍ପାଦିକା ରଞ୍ଜିତା ଲ‡। ଓ କୋଷାଧ୍ୟକ୍ଷା ଅନିତା ଖଣ୍ଡେଲୱାଲ, ଉପ ସଭାପତି ପ୍ରୀତି ଖଣ୍ଡେଲୱାଲ, ଯୁଗ୍ମ ସମ୍ପାଦକ ସଂଗୀତା ଖଣ୍ଡେଲୱାଲ ପ୍ରମୁଖଙ୍କ ସହ ମାରୱାଡ଼ି ମହିଳା ସମ୍ମେଳନ ବାଲେଶ୍ୱର ଶାଖାର ବହୁ କର୍ମକର୍ତ୍ତା ଏହି ମେଳା ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ ।

## ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କା ବଢୁଛି

**କାଳିପଦା, ୨୭।୭ (ସମିସ):** ଗଲା କେତେ ଦିନ ହେବ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ଧ ବିଲ ବୁଡି ପାଣି ବାହାରକୁ ବାହାରି ଗଲାଣି । ଚାରିଆଡେ ଜଳ ହିଁ ଜଳ । ଶାରଦ ବୁଣା ଧାନ ଚାଷ, ଧାନ ତଳି, ସୁବର୍ଣ୍ଣ ରେଖା ନଦୀ ତଟ ନଳିତା ଚାଷ ବର୍ଷା ପାଣିରେ ବୁଡି ରହିଛି । ଛୋଟ ଛୋଟ ନଦୀ, ନଳ, ଜୋର ର ପାଣି ଏବେ ସୁବର୍ଣ୍ଣ ରେଖା ନଦୀକୁ ପ୍ରବଳ ବେଗରେ ପଶୁଛି । ନଦୀର ଉପର ମୁଣ୍ଡ ଝାଡ଼ଖଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହେଉଥିବା ଜଣାଯାଇଛି । ଝାଡ଼ଖଣ୍ଡ ସରକାର ଚାନ୍ଦିଲ ଡ୍ୟାମ ପାଣି ଏବେ ଛାଡି ନାହାଁନ୍ତି । ତେବେ ଯେକୌଣସି ମୁହୂର୍ତ୍ତରେ ଡ୍ୟାମରୁ ପାଣି ଛଡା ଯାଇ ପାରେ ବୋଲି ସୂଚନା ମିଳିଛି । ଏବେ ସୁବର୍ଣ୍ଣ ରେଖା ନଦୀର ଜଳ ସ୍ତର ସାମାନ୍ୟ ବଢିଥିବା ଜଳସେଚନ ବିଭାଗ ସୂତ୍ରରୁ



ପ୍ରକାଶ । ତାହାଛଡା ନଦୀର ପାଣି ମଧ୍ୟ ସମ୍ପୂର୍ଣ୍ଣ ଗୋଳା ରହିଛି । ଏବେ ନଦୀର ଜାଳ ସ୍ତର ଜଳେଶ୍ୱର ବ୍ଲକ ରାଜଘାଟଠାରେ ବିପଦ ସଂକେତର ଢେର ତଳେ ରହିଛି । ଏଠାରେ ସତର୍କ ସୂଚନା ୯. ୪୫ ମି ଓ ବିପଦ ସଂକେତ ୧୦. ୩୬ ମିଟର ଦିଆଯାଇଛି । ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ପ୍ରସ୍ତୁତିରେ ରହିଥିବା ବେଳେ ନଦୀ କୁଳିଆ ବାଲିଆପାଳ, ବିଷ୍ଣୁପୁର, ଜାମ କୁଣ୍ଡା, ଡଗରା, ଚୌମୁଖ, ଅସ୍ତି,ଶ୍ରୀରାମପୁର, ଘଣ୍ଟୁଆ, ନିଖିରା, କୁମ୍ଭାରୀ ଆଦି ପଚାୟତର ଅଧିବାସୀ ମାନେ ଆଶଙ୍କାରେ ରହିଛନ୍ତି ।

## ୩୧ତମ ଭଜନ ସନ୍ଧ୍ୟା ସମାରୋହ



**ନୀଳଗିରି, ୨୭।୭ (ସମିସ):** ନୀଳଗିରି ଶ୍ରୀଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କ ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ନବଯୌବନ ଭଜନ ସନ୍ଧ୍ୟା କମିଟିର ୩୧ତମ ଭଜନ ସନ୍ଧ୍ୟା ଗତ ୨୫ ତାରିଖ ଶନିବାର ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ କମିଟିର ସଭାପତି ସରୋଜ କୁମାର ସେଠୀ, ସମ୍ପାଦକ ଅଭିଷେକ ମହାପାତ୍ର, ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ଜଳନ କରି ଶୁଭାରମ୍ଭ କରିଥିଲେ । ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଭାପତି ଶ୍ରୀ ସେଠୀ କଳାକାରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । କମିଟିର ସଦସ୍ୟ ଶ୍ରୀଯୁକ୍ତ ସଞ୍ଜୀବ ବେହେରାଙ୍କ ଗତ ୨୧/୦୭ ରିଖ ହୃଦଘାତ ରେ ପରଲୋକ ଘଟିଥିବାରୁ ୧ ମିନିଟ୍ ନୀରବ ପ୍ରାର୍ଥନା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସମ୍ପାଦକ ଶ୍ରୀ ମହାପାତ୍ର କମିଟିର ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ବରିଷ୍ଠ ସଦସ୍ୟ ମନୋଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓ ଶିବ ପ୍ରସାଦ ଦାସଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା, ଆଜୀବନ ସଦସ୍ୟ ଡକ୍ଟର ଅମିତାଭ ଗିରି ମଧ୍ୟ ଏକ ସୁନ୍ଦର ଶ୍ରୀ ଜଗନ୍ନାଥଙ୍କ ଭଜନ ଗାନ କରିଥିଲେ । କମିଟିର ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ରାଉତ, ଗୋପୀନାଥ ପାତ୍ର, କମଳାକାନ୍ତ ବାରିକ୍, ପୂଣ୍ୟଶ୍ଳୋକ ନନ୍ଦ, କୁମାର ରାଏ, ଦିବ୍ୟ ମହାପାତ୍ର, ଅବିନାଶ ନନ୍ଦ, ସୁବ୍ରମଣ୍ୟମ ଦାସବାବୁ, ବିବେକାନନ୍ଦ କର, ପୁରୁଷୋତ୍ତମ ଦାସ, ମାନସ ଶତପଥୀ, ମନୋରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ସଂଖ୍ୟାରେ ଶ୍ରୋତାଗଣ ବଡ଼ଦାଣ୍ଡରେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ ।

## କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ଅଧ୍ୟାପକ ପ୍ରଶିକ୍ଷଣ

**ବାଲେଶ୍ୱର,୨୭।୭ (ସମିସ)**



'କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ମୌଳିକ ତତ୍ତ୍ୱ: ସିଦ୍ଧାନ୍ତ, ଗଣନା ପ୍ରଣାଳୀ ଓ ବ୍ୟବହାରିକ ପ୍ରଶିକ୍ଷଣ' ଶୀର୍ଷକ ପାଞ୍ଚଦିନିଆ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶୁଭାରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ଏବଂ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜକ ଡ଼କ୍ଟର ବିବେକାନନ୍ଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମାନବ ସମ୍ବଳବିକାଶକେନ୍ଦ୍ରରନିର୍ଦ୍ଦେଶକପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଅଂଶଗ୍ରହଣକାରୀଙ୍କୁ ଆଲୋଚନାଚକ୍ର ଓ ବ୍ୟବହାରିକ ପ୍ରଶିକ୍ଷଣରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସର୍ବାଧିକ ଉପକୃତ ହେବାକୁ ଆହ୍ୱାନ କରିଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି କହିଥିଲେ ଯେ, କୁଳାଧିପତିଙ୍କ ପରାମର୍ଶକ୍ରମେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଷୟବସ୍ତୁ ଚୟନ କରାଯାଇଥିବା ବେଳେ ଶିକ୍ଷକ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ଆଧୁନିକ ବିଜ୍ଞାନର ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହ ପରିଚିତ କରାଇବା ଏହାର ମୂଳ ଉଦ୍ଦେଶ୍ୟ । ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ଅନୁରୂପ ଏଭଳି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭବିଷ୍ୟତର ବୈଜ୍ଞାନିକ ଚ୍ୟାଲେଞ୍ଜ ମୁକାବିଲା କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଗବେଷକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ ୪୦ ଜଣ ଅଂଶଗ୍ରହଣ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଫେସର କାର୍ତ୍ତିକେଶ୍ୱର ସେନାପତି, ପ୍ରଫେସର ତପନ କୁମାର ମିଶ୍ର, ପ୍ରଫେସର ଅଶୋକ କୁମାର ମହାପାତ୍ର, ଡ଼କ୍ଟର ସୁଶାନ୍ତ କୁମାର ପାଲ, ଡ଼କ୍ଟର ସୁମନ ଚାନ୍ଦ, ଡ଼କ୍ଟର ରାକେଶ ମୋହନ ଦାସ, ଡ଼କ୍ଟର ଆଶିଷ କୁମାର ପତି, ଡ଼କ୍ଟର ସତ୍ୟଜିତ ମୁର୍ମୁ, ପ୍ରଫେସର ହିରଣ୍ମୟ ମିଶ୍ର ଓ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଛନ୍ତି । ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଅରୁଣ କୁମାର ନାୟକ ଉଦଘାଟନୀ ଅଧିବେଶନକୁ ପରିଚାଳନା କରିଥିଲେ ଓ ସହ-ସଂଯୋଜକ ହିମାଂଶୁ ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱର ରେଳ ଷ୍ଟେସନ୍ ନିକଟରେ ଅଗ୍ନିକାଣ୍ଡ

**ବାଲେଶ୍ୱର,୨୭।୭(ସମିସ):** ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ରେଳ ଷ୍ଟେସନ୍ ନିକଟରେ ଏକ ନିମ୍ବ ଗଛ ଉପୁଡ଼ି ଅଗ୍ନିକାଣ୍ଡ ଘଟିଛି । ଦମକଳ ବାହିନୀ ତୁରନ୍ତ ପହଞ୍ଚି ନିଆଁ ଲିଭାଇବାରୁ ବଡ଼ ଅଘଟଣ ଟଳିଛି । ଷ୍ଟେସନ୍ ମ୍ୟାନେଜରଙ୍କ ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟା ୭.୩୦ ମିନିଟ୍ ସମୟରେ ଷ୍ଟେସନ୍ ମୁଖ୍ୟ ପ୍ରବେଶ ରାସ୍ତା ନିକଟରେ ଥିବା ସର୍କୁଲେଟିଂ ଏରିଆର ଉତ୍ତର ପାଶ୍ୱର୍ରେ ଗତିଶକ୍ତି ଦ୍ୱାରା ବ୍ୟାରିକେଡ୍ ହୋଇଥିବା ଅଞ୍ଚଳ ମଧ୍ୟରେ ଥିବା ଗୋଟିଏ ନିମ୍ବ ଗଛ ପଶ୍ଚିମ ଦିଗକୁ ଉପୁଡ଼ି ବ୍ୟାରିକେଡ୍ ଉପରେ ପଡ଼ିଥିଲା । ଫଳରେ ସେଠାରେ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ଲୋକଙ୍କ ସୂଚନା ପାଇ ରାତି ୮.୨୦ ମିନିଟ୍ ସମୟରେ ଷ୍ଟେସନ୍ କର୍ତ୍ତୃପକ୍ଷ ଖବର ପାଇଥିଲେ । ଖବର ପାଇବା ପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ଆରମ୍ଭ କରିଥିଲେ । ପ୍ରାୟ ୮.୨୫ ମିନିଟ୍ ସୁଦ୍ଧା ନିଆଁ ସମ୍ପୂର୍ଣ୍ଣ ଲିଭାଯାଇଥିଲା । ଅଗ୍ନିକାଣ୍ଡ ଯୋଗୁଁ କୌଣସି ପ୍ରାଣହାନୀ କିମ୍ବା ରେଳ ପରିଚାଳନାରେ ବିଶେଷ ବାଧା ହୋଇନାହିଁ ବୋଲି ରେଲୱେ ପକ୍ଷରୁ କୁହାଯାଇଛି ।

■ ମରେଗାଁବଲିପୁର ବାରିକମିସ୍ତ୍ରି ବନ୍ଧର ଦୁରବସ୍ଥା

## ୫ ପଞ୍ଚାୟତର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଦୁର୍ବିସହ

ହାଟଡ଼ିହୀ,୨୭।୭(ସମିସ): ହାଟଡିହୀ ବ୍ଲକ ମରେଗାଁ-ବଳିପୁର ବାରିକମିସ୍ତ୍ରି ବନ୍ଧ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଛି। ପାଞ୍ଚଟି ପଞ୍ଚାୟତର ଲୋକଙ୍କ ଜୀବନରେଖା ସାଜିଥିବା ଏହି ରାସ୍ତା ବର୍ତ୍ତମାନ ବଡ଼ ବଡ଼ ଖାଲଖମା, କାଦୁଅ ଓ ଜମା ପାଣିରେ ଭର୍ତ୍ତି ହୋଇ ମୃତ୍ୟୁଯନ୍ତାରେ ପରିଣତ ହୋଇଛି। ପ୍ରତିଦିନ ଦୁଇଚକିଆ ଓ ଚାରିଚକିଆ ଯାନ ଏହି ରାସ୍ତାଦେଇ ଯାତାୟାତ କରୁଥିବା ବେଳେ ସାମାନ୍ୟ ଅସାବଧାନତା ଯୋଗୁଁ ଯେ କୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିବା ନେଇ ଆଶଙ୍କା ବୃଦ୍ଧି ପାଉଛି। ଇଞ୍ଜୋଳ, ଶାଳଣିଆଁ, ଡଅଁର, ଗେଡ଼ମା ଓ ଆଇତିପୁର ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭରଶୀଳ। ଛାତ୍ରଛାତ୍ରୀଙ୍କ ସ୍କୁଲ-କଲେଜ ଯିବା, ଚାଷୀଙ୍କ କୃଷିଜାତ ସାମଗ୍ରୀ ପରିବହନ, ରୋଗୀଙ୍କୁ ହସ୍ପିଟାଲ ନେବା, ବ୍ୟବସାୟୀଙ୍କ ବ୍ୟବସାୟିକ କାର୍ଯ୍ୟ ଓ ସାଧାରଣ ଜନଜୀବନ ଏହି ରାସ୍ତା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଲୋକମାନେ ପ୍ରତିଦିନ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡୁଛି। ରାସ୍ତାରେ ଜମି ରହୁଥିବା ପାଣି ଯୋଗୁଁ ଖାଲ ଦେଖାଯାଉ ନଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧା ଓ ଗୁରୁତର ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ମଧ୍ୟ କଷ୍ଟକର ହୋଇପଡୁଛି। ବର୍ତ୍ତମାନ ଏହି ରାସ୍ତାରେ



ବଡ଼ ବଡ଼ ଖାଲ ସକାଶେ ଆମ୍ବୁଲାନ୍ସ କିମ୍ବା ଦମକଳ ଆଦୌ ଯାଇପାରୁନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ରାସ୍ତାର ମରାମତି ପାଇଁ ବାରମ୍ବାର ପ୍ରଶାସନ ଓ ସମ୍ପୃକ୍ତ ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ। ଯେଉଁଠି ନିଜେ ବିଧାୟକ ତାଙ୍କର ଗାଁକୁ ଭଲ ରାସ୍ତାଟିଏ ଦେଇପାରୁନାହାଁନ୍ତି ସେ ଅଞ୍ଚଳର କି ପ୍ରକାର ଉନ୍ନତି କରିବେ ଏଥିରୁ ସ୍ପଷ୍ଟ ପ୍ରତୀୟମାନ ବୋଲି ଲୋକେ କହୁଛନ୍ତି। ବିକାଶର ବିଭିନ୍ନ ଦାବି କରାଯାଉଥିଲେ ମଧ୍ୟ ଏହି ଅତ୍ୟାବଶ୍ୟକ ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ନହେବା ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ ଓ ତତ୍ପରତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି ଓ ଏହି ରାସ୍ତା କେବଳ ଏକ ସଡ଼କ ନୁହେଁ, ବରଂ ପାଞ୍ଚଟି ପଞ୍ଚାୟତବାସୀଙ୍କ ଜୀବନରେଖା ଅଟେ। ସାମାଜିକ, ଶିକ୍ଷାଗତ, କୃଷି ଓ ଆର୍ଥିକ ବିକାଶର ମୁଖ୍ୟ ସଂଯୋଗ ମାଧ୍ୟମ। ତେଣୁ ଏହାର ତୁରନ୍ତ ସ୍ଥାୟୀ ମରାମତି ଓ ଉନ୍ନତିକରଣ କରାଯିବା ନିତାନ୍ତ ଆବଶ୍ୟକ। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ଓ ସମ୍ପୃକ୍ତ ଜନପ୍ରତିନିଧି ଏହି ଗୁରୁତର ସମସ୍ୟାକୁ କେବେ ଗୁରୁତ୍ୱର ସହ ନେଇ ସ୍ଥାୟୀ ସମାଧାନର ପଦକ୍ଷେପ ଗ୍ରହଣ କରୁଛନ୍ତି, ନା ଲୋକଙ୍କ ଦୁର୍ଦ୍ଦଶା ଆହୁରି ଦୀର୍ଘସ୍ଥାୟୀ ହେବ।

ଏମଜିଏନଆରଇଜିଏସ କାମରେ ଅନିୟମିତତା

# ୧୮ ଶ୍ରମିକଙ୍କ ମଜୁରି ହଡ଼ପ ଅଭିଯୋଗ

ଠାକୁରମୁଣ୍ଡା,୨୭।୭(ସମିସ)

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ) କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ତାଳପଦା ପଞ୍ଚାୟତ ଅନ୍ତର୍ଗତ ଦାଉଁଳିକିଲା ଗ୍ରାମର ୧୮ ଜଣ ଶ୍ରମିକ କାମ କରିଥିଲେ ମଧ୍ୟ ସେମାନଙ୍କର ୪ରୁ ୫ ସପ୍ତାହର ମଜୁରି ଏ ପର୍ଯ୍ୟନ୍ତ ବ୍ୟାଙ୍କ ଖାତାକୁ ଆସି ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ପ୍ରକୃତ ଶ୍ରମିକଙ୍କ ପରିବର୍ତ୍ତେ ଅନ୍ୟ ଶ୍ରମିକଙ୍କ ନାମରେ ଥିବା ଖାତାକୁ ଟଙ୍କା ପଠାଯାଇଥିବା ନେଇ ମଧ୍ୟ ଶ୍ରମିକମାନେ ଗୁରୁତର ଅଭିଯୋଗ ଆଣିଛନ୍ତି।



ସୂଚନା ମୁତାବକ, ୨୦୨୩-୨୪ ଆର୍ଥିକ ବର୍ଷରେ ଦାଉଁଳିକିଲା ଗ୍ରାମରେ ଜମି ଉନ୍ନତୀକରଣ କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟ ୨୦୨୫ ନଭେମ୍ବର ଓ ଡିସେମ୍ବର ମାସରେ ସମ୍ପାଦନ କରାଯାଇଥିଲା। ଗ୍ରାମ ସଂଯୋଜକ ଦେବେନ୍ଦ୍ର ଚାତରପାଣିଆ ଏହି କାର୍ଯ୍ୟ ପାଇଁ ଗ୍ରାମର ଶ୍ରମିକଙ୍କୁ ନିୟୋଜିତ କରିଥିଲେ। କାମ ଶେଷ ହେବାର ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ୧୮ ଜଣ ଶ୍ରମିକ ସେମାନଙ୍କ ୪ରୁ ୫ ସପ୍ତାହର ମଜୁରୀ ପାଇନାହାନ୍ତି। ଶ୍ରମିକମାନଙ୍କ ଦାବି ଯେ, ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସି ନ ଥିବାବେଳେ ଅନ୍ୟ କେତେକ ଶ୍ରମିକଙ୍କ ନାମରେ ମଜୁରୀ ଉଠାଯାଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଏହା ଏମଜିଏନଆରଇଜିଏସ ଯୋଜନାର ସ୍ୱଚ୍ଛତାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ପୀଡ଼ିତ ଶ୍ରମିକମାନେ କହିଛନ୍ତି ଯେ,ଏ ନେଇ ସେମାନେ ବାରମ୍ବାର ଗ୍ରାମ ସଂଯୋଜକଙ୍କୁ ପଚାରିଥିଲେ। କିନ୍ତୁ ପ୍ରତ୍ୟେକ ଥର ସେ ବିଭିନ୍ନ ବାହାନା ଦେଖାଇ ସମସ୍ୟାର ସମାଧାନ କରି ନ ଥିଲେ। ଏହାପରେ ଶ୍ରମିକମାନେ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଅଧିକାରୀ ତଥା ଏପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଏପିଓ ଗ୍ରାମ ସଂଯୋଜକଙ୍କୁ ଡାକି ଘଟଣାର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ତେବେ ଗ୍ରାମ ସଂଯୋଜକ ଉପସ୍ଥିତ ନ ହୋଇ କିମ୍ବା ସହଯୋଗ ନକରି ଧରାଛୁଆଁ ଦେଇନଥିଲେ। ଫଳରେ ଏହି ସମସ୍ୟାର କୌଣସି ସମାଧାନ ହୋଇପାରି ନ ଥିବା ଶ୍ରମିକମାନେ କହିଛନ୍ତି। ନିଜ ପରିଶ୍ରମର ନ୍ୟାୟସଙ୍ଗତ ମଜୁରୀ ପାଇବା ଆଶାରେ ଶ୍ରମିକମାନେ ଶେଷରେ ଗଣମାଧ୍ୟମର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କ ବକେୟା ଶୀଘ୍ର ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁ ମୃତ

ତୁରୁମୁଙ୍ଗା,୨୭।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ ବାଉଁଶନାଳି ଗ୍ରାମରେ ଅଘଟଣ ଘଟିଛି। ସୋମବାର ଅପରାହ୍ଣରେ ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ି ସାଢେ ୩ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ହେଲେ ସେହି ଗ୍ରାମର ଶରତ କୁମାର ବିରୁଆଙ୍କ ପୁଅ ଦିନେଶ ବିରୁଆ। ଦିନେଶଙ୍କ ମା' ବାପା ବିଲକୁ ତଳି ରୋଇବା ପାଇଁ ଯାଇଥିବା ବେଳେ ଦୀନେଶ ଅପରାହ୍ଣରେ ସାଙ୍ଗଙ୍କ ସହ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲା। ପରିବାର ଓ ଗାଁ ଲୋକ ଖବର ପାଇ ପୋଖରୀରୁ ଶିଶୁ ପୁତ୍ରକୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ତେବେ ଡାକ୍ତର ତାକୁ ମୃତ ଘୋଷଣା କରିଥଲେ। ସୋମବାର ସନ୍ଧ୍ୟା ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରିନଥିବା ସାହରପଡ଼ା ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମ କହିଛନ୍ତି। ଏ ନେଇ ପାଟଣା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ବର୍ଷା ଋତୁରେ ଦୋକାନ ଉଚ୍ଛେଦ ନ କରିବାକୁ ଦାବିପତ୍ର

ତୁରୁମୁଙ୍ଗା,୨୭।୭(ସମିସ): ବର୍ଷା ଦିନରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ ନକରିବା ପାଇଁ ସରକାର ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଦିନରେ ଉଚ୍ଛେଦ କଲେ ବ୍ୟବସାୟୀମାନେ ନାନା ସମସ୍ୟାରେ ପଡ଼ିବା ସହ ସେମାନଙ୍କ ଆସବାବପତ୍ର ନଷ୍ଟ ହେବ। ଏହିକ୍ରମରେ ଜାତୀୟ ରାଜପଥ ୪୯ର ତୁରୁମୁଙ୍ଗା ବଜାରରେ ସରକାରୀ ଜାଗା ପରିଷ୍କାର ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ନୋଟିସ କରାଯାଇଛି। ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ବଜାରରେ ବହୁ ବ୍ୟବସାୟୀ ଦୀର୍ଘବର୍ଷ ହେବ ଜାତୀୟ ରାଜପଥ ୪୯ର ଉଭୟ ପାର୍ଶ୍ୱରେ ଦୋକାନ ବଜାର କରି ନିଜ ନିଜ ପରିବାର ପ୍ରତିପୋଷଣ କରି ଆସୁଥିଲେ। ବର୍ତ୍ତମାନ ଚଳିତ ବର୍ଷା ଋତୁ ଚାଲିଥିବାରୁ ବ୍ୟବସାୟୀ ବହୁତ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ବ୍ୟବସାୟୀମାନଙ୍କୁ ସମୟ ଦିଆଗଲେ ସେମାନଙ୍କ ପିଲାଛୁଆ ଆର୍ଥିକ ଅନଟନରୁ ରକ୍ଷା ପାଇବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

## ମୟୂରଭଞ୍ଜ ପଶ୍ଚିମ ଜିଲ୍ଲା କଂଗ୍ରେସ କମିଟିର କ୍ୟାଣ୍ଡେଲ ଶୋଭାଯାତ୍ରା

ରାଇରଙ୍ଗପୁର, ୨୭।୭(ସମିସ): ଦିଲ୍ଲୀର ଯନ୍ତରମନ୍ତରରେ ହୋଇଥିବା ଛାତ୍ର ଆନ୍ଦୋଳନ ଓ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଦେଶବ୍ୟାପୀ ପ୍ରତିବାଦର ସ୍ୱର ଉଠିଛି। ଏହି ପରୀକ୍ଷା ଦୁର୍ନୀତି ଓ ଅନିୟମିତତା ଚାପରେ ଦେଶର ବିଭିନ୍ନ ସ୍ଥାନରେ ପ୍ରାୟ ବାର ଜଣରୁ ଅଧିକ ଆଶାୟୀ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ନିଟ୍ ଭଳି ଜାତୀୟ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେବା ଓ ପରୀକ୍ଷା ବାତିଲ୍ ହେବା ଯୋଗୁଁ ମାନସିକ ଭାବେ ଭାଙ୍ଗିପଡି



ଅନେକ ଛାତ୍ରଛାତ୍ରୀ ଚରମ ପଦକ୍ଷେପ ନେଇ ପ୍ରାଣ ହରାଇଥିଲେ। ଏହି ହୃଦୟ ବିଦାରକ ଘଟଣାରେ ସାରା ଭାରତବର୍ଷରେ ଶୋକର ଛାୟା ଖେଳିଯାଇଛି। ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ପଶ୍ଚିମ ଜିଲ୍ଲା କଂଗ୍ରେସ କମିଟି ରାଇରଙ୍ଗପୁର ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ସେମାନେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜଳାଇ ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏଥିରେ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତି, ଜିଲ୍ଲା କମିଟିର ବସନ୍ତ ପଟ୍ଟନାୟକ, ବୈଲୋଚନ ଗିରି, ରୂପକ ମହାନ୍ତି, ଅନନ୍ତ ମାରାଣ୍ଡି, ରାଇରଙ୍ଗପୁର ମ୍ୟୁନିସିପାଲିଟିର ଟାଉନ ସଭାପତି ଅମର ପ୍ରଧାନ, ଦେଓ ହେମ୍ବ୍ରମ, କରିଣ ବାଲ୍ମିକୀ, କୌଶିକ ମହାନ୍ତି, ବିଡାର ମାଝୀ, ରାଇରଙ୍ଗପୁର ବ୍ଲକ ସଭାପତି ସିମାଲ ମାଝୀ, ବିଜାତଳା ବ୍ଲକ ସଭାପତି ନିଶାକର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଏସ୍‌ଡିସି ଅଧ୍ୟକ୍ଷଙ୍କ ଦେଉଳିଆ ଗସ୍ତ

ବଡ଼ସାହି/ମାଣତ୍ରୀ,୨୭।୭(ସମିସ): ବଡ଼ସାହି ବ୍ଲକ ଦେଉଳିଆ ଗ୍ରାମରେ ବୀର ବୀର୍ସା ମୁଣ୍ଡାଙ୍କ କଲ୍ୟାଣ ମଣ୍ଡପରେ ଶତାଧିକ ବିଜେପି କର୍ମୀଙ୍କ ଉପସ୍ଥିତିରେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ବୁଢାନ ମୁର୍ମୁ ଗସ୍ତରେ ଆସି ଏକ ବୈଠକରେ ଯୋଗଦେଇ ଫେରିଛନ୍ତି। ଆଇନଜୀବୀ ଅଭୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପଞ୍ଚାୟତ ଓ ଦେଉଳିଆର ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଆଦିବାସୀମାନଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହିତ ସାଧାରଣ ବର୍ଗଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଉପସ୍ଥିତ



କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପିଇବାପାଣି, ଖେଳ ପଡିଆର ଉନ୍ନତୀକରଣ, ଜାହିରାଗୁଡିକର ବିକାଶ, ଚାଷ ପାଇଁ ଚେକ୍ ଡ୍ୟାମ, ହାଟ ପିଣ୍ଡି, ଟିଆରଡବ୍ଲୁ, ଏସଏସଡି ହଷ୍ଟେଲ ପିଲାଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବୈଠକରେ ବୈଦନାଥ ସିଂ, ଅଜୟ ମଲ୍ଲିକ, ଶଶୀକାନ୍ତ ଲେଙ୍କା, ଯଦୁନାଥ ସିଂ, ଦୁଲାଭ ସିଂ, ପ୍ରସନ୍ନ ସିଂଙ୍କ ସମେତ ଅନ୍ୟ ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶଶୀକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ତୁରୁମୁଙ୍ଗା,୨୭।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷୀକେଶ ମହାନ୍ତ ଦୀପ ପ୍ରଜ୍ୱଳନ କରି ମେଳାର ଉଦ୍‌ଘାଟନ କରିବା ସହ ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ସମ୍ପର୍କରେ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଜ୍ଞାନ ମେଳାରେ ମୋଟ ୩୪୫ ଜଣ ଛାତ୍ରଛାତ୍ରୀ ବିଜ୍ଞାନ ପ୍ରକଳ୍ପ, ଗଣିତ ଓ ବିଜ୍ଞାନ ପ୍ରଶ୍ନମଞ୍ଚ, ପ୍ରୟୋଗ, ପତ୍ରବାଚନ, ମୂର୍ତ୍ତିକଳା, ନୃତ୍ୟ ଓ ଗଳ୍ପକଥନ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାରୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗ ନେବେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ପ୍ରମୋଦ କୁମାର ସାହୁ, କୁଳମଣି ସାହୁ, ନିର୍ମଳ ଚନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

## ଥାଲାସେମିଆ ପୀଡ଼ିତ ଶିଶୁ ପାଇଁ ରକ୍ତଦାନ କଲେ ଶିକ୍ଷକ

ରାଇରଙ୍ଗପୁର, ୨୭।୭ (ସମିସ): ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା ରକ୍ତଭଣ୍ଡାରରେ ସୋମବାର ଜଣେ ଥାଲାସେମିଆ ପୀଡ଼ିତ ଶିଶୁଙ୍କ ଜୀବନ ରକ୍ଷା ପାଇଁ ବହଳଦା ବ୍ଲକର ଜଣେ ଶିକ୍ଷକ ସ୍ୱଇଚ୍ଛାରେ ରକ୍ତଦାନ କରି ମାନବିକତାର ପରିଚୟ ଦେଇଛନ୍ତି। ବହଳଦା ବ୍ଲକ ଅନ୍ତର୍ଗତ ଅଁଳାଯୋଡି ପଞ୍ଚାୟତର ତିଖିଆ ପ୍ରାଥମିକ ବିଦ୍ୟାଳୟର ଗ୍ରାଜୁଏଟ ସହାୟକ ଶିକ୍ଷକ ଜଗନ୍ନାଥ ପାତ୍ର ଏହି ରକ୍ତଦାନ କରିଛନ୍ତି। ସେ ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ପଞ୍ଚାୟତର ଗିଦିଘାଟୀ ଗ୍ରାମର ସ୍ଥାୟୀ ବାସିନ୍ଦା। ତାଙ୍କର ଏହି ନିଃସ୍ୱାର୍ଥପର ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ବାମନଘାଟୀ ଅଞ୍ଚଳରେ ଥାଲାସେମିଆରେ ପୀଡ଼ିତ ଅନେକ ସଂଖ୍ୟକ ଶିଶୁ ରହିଛନ୍ତି। ସେମାନେ ନିୟମିତ ରକ୍ତ ସଞ୍ଚାର ଉପରେ ନିର୍ଭରଶୀଳ। ଏହି ରୋଗରେ ଶିଶୁଙ୍କ ଶରୀର ସ୍ୱାଭାବିକ ଭାବେ ପର୍ଯ୍ୟାପ୍ତ ରକ୍ତ ତିଆରି ହୋଇପାରେନାହିଁ। ଫଳରେ ସେମାନଙ୍କୁ ନିୟମିତ ବ୍ୟବଧାନରେ ସମାନ ରକ୍ତ ଗ୍ରୁପର ରକ୍ତ ଯୋଗାଇବା ଅନିବାର୍ଯ୍ୟ ହୋଇଥାଏ। ଏହାକୁ



ନେଇ ଅଭିଭାବକ ସର୍ବଦା ମାନସିକ ଚାପରେ ରହୁଥିବାବେଳେ ରକ୍ତଦାତାଙ୍କ ସହଯୋଗ ସେମାନଙ୍କ ପାଇଁ ବଡ଼ ଆଶ୍ୱାସନ ପାଲଟିଥାଏ। ଅନ୍ୟପକ୍ଷରେ ଥାଲାସେମିଆ ଓ ସିକଲ ସେଲ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସରକାରୀ ସହାୟତା ଯୋଜନା ଓ ନିୟମିତ ରକ୍ତଦାନ କରୁଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରୋତ୍ସାହନ ଦେବାକୁ ଦାବି ଉଠିଛି। ସେହିପରି ରକ୍ତଭଣ୍ଡାରକୁ ଆସୁଥିବା ରୋଗୀଙ୍କ ଅଭିଭାବକ ଓ ରକ୍ତଦାତାଙ୍କ ସହ ଭଲ ବ୍ୟବହାର କରିବା ସହ ସମ୍ମାନ ପ୍ରଦାନ କରିବାକୁ ମଧ୍ୟ ସାଧାରଣରେ ମତ ପ୍ରକାଶ ପାଇଛି। ରାଇରଙ୍ଗପୁର ରକ୍ତଭଣ୍ଡାରରେ କେତେକ ସମୟରେ କର୍ମଚାରୀଙ୍କ ଦୁର୍ବ୍ୟବହାର ନେଇ ଅଭିଯୋଗ ଆସୁଥିବାରୁ ଏହା ରକ୍ତଦାତାଙ୍କ ମନୋବଳ ଉପରେ ପ୍ରଭାବ ପକାଉଥିବା କୁହାଯାଉଛି। ଏହାର ପରିଣାମରେ ସ୍ୱଇଚ୍ଛା ରକ୍ତଦାତାଙ୍କ ସଂଖ୍ୟା କମୁଥିବା ସହ ରକ୍ତଭଣ୍ଡାରରେ ମଧ୍ୟ ରକ୍ତ ଅଭାବ ଦେଖାଦେଉଛି। ଏହି ସମସ୍ୟା ପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ପଥର ବ୍ୟବସାୟ ଛାଡ଼ି ସଫଳ କୁକୁଡ଼ା ଚାଷୀ

## ଭ୍ରୂଣ ଓ ଆମିଷ ବିହୀନ ଅଣ୍ଡା ଉତ୍ପାଦନ କରି ଚର୍ଚ୍ଚାରେ ରାଧାକାନ୍ତ

ବାରିପଦା, ୨୭।୭ (ମନୋଜ ପଣ୍ଡା)

ଦିନ ଥିଲା ପଥର ବ୍ୟବସାୟ କରୁଥିଲେ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଶିର୍ଷା ଗ୍ରାମର ରାଧାକାନ୍ତ ସାହୁ (ମିନୁ)। ୧୯୮୧ରେ ଏମପିସି କଲେଜରୁ ଗ୍ରାଜ୍ୟୁଏସନ ଡିଗ୍ରୀ ସାରି ପ୍ରଥମେ ଆଳୁ ବ୍ୟବସାୟ ଆରମ୍ଭ କରିଥିଲେ। ତେବେ ୧୯୮୨ ମସିହାରୁ ପଥର ବ୍ୟବସାୟରେ ମନ ବଳାଇଥିଲେ। ନିଜର ଖାଦାନ ଥିବା ସହିତ କ୍ରସର ମଧ୍ୟ ଥିଲା। ମୟୂରଭଞ୍ଜ ଜିଲ୍ଲାରୁ ପଡ଼ୋଶୀ ପଶ୍ଚିମବଙ୍ଗ ଓ ବିହାରକୁ ବିଭିନ୍ନ ସାଇଜର ବୋଲ୍ଡର, ମେଟାଲ, ଚିପ୍ସ ଓ ବୁଜୁରୀ ରପ୍ତାନୀ କରୁଥିଲେ। ତେବେ ୧୯୯୬ ମସିହାରେ ଆନ୍ତଃରାଜ୍ୟ ରପ୍ତାନୀ ଟିକସ କଟକଣା ହେତୁ ବ୍ୟବସାୟ ମାନ୍ଦା ହେବାରୁ ବ୍ୟବସାୟ କ୍ଷତିରେ ଚାଲିଲା। ୧୯୮୫ ମସିହାରେ ବାଙ୍ଗିରିପୋଷି ବ୍ଲକ ନାପିଁ ପଞ୍ଚାୟତର ଝିଙ୍କ ପାହାଡ଼ି ଗ୍ରାମରେ ସେ ଖାଦାନ ଓ କ୍ରସର ୟୁନିଟ ସ୍ଥାପନା ପାଇଁ ୧୪ଏକର ଜମି କିଣିଥିଲେ। ଯାହାକି ତାଙ୍କ ପାଇଁ ବରଦାନ ସାଜିଥିଲା। ଭେଙ୍କିଜ କମ୍ପାନୀ ସହାୟତାରେ ସେ ସେଠାରେ ୨୦୦୮ ମସିହାରେ ଏକ କୁକୁଡ଼ା (ଲେୟର) ଫାର୍ମ ବ୍ୟାଙ୍କରୁ ୧ କୋଟି ୧୦ ଲକ୍ଷ ଟଙ୍କା ଋଣ ନେଇ ପ୍ରତିଷ୍ଠା କରିଥିଲେ। ସେବେଠାରୁ ରାଧାକାନ୍ତ ପଛକୁ ଫେରିନାହାନ୍ତି। ବର୍ତ୍ତମାନ ତାଙ୍କ ଫାର୍ମରେ ସ୍ଥାନୀୟ ଅଞ୍ଚଳର ୩୫ ଜଣ ଆଦିବାସୀ ଯୁବକ/ଯୁବତୀ ଦୈନିକ କାର୍ଯ୍ୟ କରୁଥିବାବେଳେ ପରୋକ୍ଷ ଭାବେ ରାଧାକାନ୍ତ ଶତାଧିକ ଲୋକଙ୍କୁ ରୋଜଗାର ଯୋଗାଇଛନ୍ତି।

୮୦ ହଜାର କ୍ଷମତା ବିଶିଷ୍ଟ ଅତ୍ୟାଧୁନିକ ଫାର୍ମରେ ଦୈନିକ ୫୦ ହଜାରରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦିତ ହେଉଛି। ଫାର୍ମର କୁକୁଡ଼ାକୁ ଶୁକୁଆ ଗୁଣ୍ଡ, ମିଟ ଅଏଲ,



ଆଣ୍ଟିବାଇଟିକ, ଏନଜାଇମ ଓ ହୋରମନ ନ ଦେଇ ଡିଓଆରବି ରାଇସ ବ୍ରେନ, ସୋୟାବିନ ଓ ମକା ଆଦି ଶସ୍ୟଭିତ୍ତିକ ଖାଦ୍ୟ ଖାଇବାକୁ ଦିଆଯାଉଥିବାବେଳେ ହରମୋନ ବିହୀନ ଭେକ୍ସିନ ଦିଆଯାଏ। ଫଳରେ ଏହି ଅଣ୍ଡା ଆମିଷ ଗନ୍ଧ ବିହୀନ ହୋଇଥିବାବେଳେ

■ ଏକମାସରୁ ଅଧିକ ଦିନ ସତେଜ ରହୁଛି ଅଣ୍ଡା
■ ଚାହିଦା ପାଇଁ ଫାର୍ମରୁ ବିକ୍ରି ହୋଇଯାଉଛି ଦୈନିକ ୫୦ ହଜାର ଅଣ୍ଡା

ଭ୍ରୂଣ ନ ଥାଏ। ଯାହାକି ଏଥିରୁ ଚିଆଁ ଉତ୍ପାଦନ ହୁଏ ନାହିଁ। ଏହା ଖାଇବାକୁ ସୁସ୍ୱାଦୁ ସାଙ୍ଗକୁ ହଜମକାରକ, ଆଲର୍ଜି ବିହୀନ ଓ ଭିଟାମିନ ଯୁକ୍ତ ଅଟେ। ଅଣ୍ଡା ଏକମାସରୁ ଅଧିକ ଦିନ ସତେଜ ରହିଥାଏ। ଅଣ୍ଡାର ବିଶେଷ ଗୁଣବତ୍ତା ଓ ସରକାରୀ ବିକ୍ରି ଦର ପାଇଁ ପ୍ରତିଦିନ ଉତ୍ପାଦିତ ଅଣ୍ଡା ଫାର୍ମ ହାଉସରୁ ବିକ୍ରି ହୋଇଯାଏ। ସ୍ଥାନୀୟ ଅଞ୍ଚଳରେ ଏହାକୁ ନିରାମିଷ ବା ହର୍ବାଲ ଅଣ୍ଡା କୁହନ୍ତି। ଲେୟର କୁକୁଡ଼ା ପ୍ରତି ୨୬ ଘଣ୍ଟାରେ ଗୋଟିଏ ଲେଖାଏଁ ଅଣ୍ଡା ଦେଇଥା'ନ୍ତି। ମୟୂରଭଞ୍ଜ ଭଳି ବଣପାହାଡ଼ ଅଞ୍ଚଳରେ ଏହି ସଫଳତା ପାଇଁ ରାଧାକାନ୍ତ ଚଳିତବର୍ଷ ରାଜ୍ୟର ଶ୍ରେଷ୍ଠ ଲେୟର ଚାଷୀ ଭାବେ କୃଷିମନ୍ତ୍ରୀଙ୍କ ପାଖରୁ ସମ୍ବର୍ଦ୍ଧିତ ହୋଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏକମାତ୍ର ପୁତ୍ର ସଚିନ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉଚ୍ଚ ଚାକିରି ଛାଡ଼ି ବାପାଙ୍କୁ ସହଯୋଗ କରୁଛନ୍ତି। କେବଳ ଅଣ୍ଡା ନୁହେଁ ରାଧାକାନ୍ତ ନିଜ ଫାର୍ମରୁ ଅଣ୍ଡା ଦେବା ସମୟ ଅବଧି ହ୍ରାସ ଲେୟର କୁକୁଡ଼ା ଓ କୁକୁଡା ଖତ ବିକ୍ରି କରି ବେଶ ଉପାର୍ଜନ କରିବା ସହିତ ଅନ୍ୟଙ୍କ ପରିବାରରେ ହସ ଫୁଟାଇ ଆତ୍ମନିର୍ଭରଶୀଳର ଉଦାହରଣ ସାଜିଛନ୍ତି।

## ମାନସିକ ବିକାରଗ୍ରସ୍ତ ବାଳିକା ନିଖୋଜ ଅଭିଯୋଗ

ମହୁଲଡିହା,୨୭।୭(ସମିସ): ଠାକୁରମୁଣ୍ଡା ଥାନା ସାଲେଇବେଡା ପଞ୍ଚାୟତର ଖଡିଆ ପୁନର୍ବସତି କଲୋନୀର ଜଣେ ବାଳିକା ୨୬ ତାରିଖରୁ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକ ଦୁଇଦିନ ଖୋଜାଖୋଜି କରି ନ ପାଇବାରୁ ୨୭ ତାରିଖ ଦିନ ଥାନାରେ ଏତଲା ଦେଇଛନ୍ତି। ଶିମିଳିପାଳ ଆଭ୍ୟନ୍ତର ଖେଜୁରୀ ଗ୍ରାମରୁ ସ୍ୱେଚ୍ଛାକୃତ ପୁନର୍ବସତି ଯୋଜନାରେ ସାଲେଇବେଡା ଖଡିଆ କଲୋନୀରେ ରହୁଥିଲେ ବୁଦ୍ଧିଆ ଦେହୁରୀ। ତାଙ୍କ ଝିଅ ଚୁମକି (୧୩) ମାନସିକ ବିକାରଗ୍ରସ୍ତ। ତା'ର ମୁଣ୍ଡ ଦୋଷ କାରଣରୁ ସେ ୨୬ ତାରିଖ ଦିନ ଘରୁ କେଉଁଆଡ଼େ ଚାଲିଯାଇଛି। ସେଦିନ ରାତି ୧୦ଟା ସମୟରେ ଅସନବଣି ଛକରେ ଠିଆ ହୋଇଥିବା ଲୋକେ ଦେଖିଥିବା କହୁଛନ୍ତି। ପରେ ମିଳୁ ନ ଥିବାରୁ ବସ୍‌ରେ କୁଆଡେ ଚାଲିଯାଇଥିବା ସନ୍ଦେହ କରୁଛନ୍ତି ବୋଲି ବୁଦ୍ଧିଆ ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ବ୍ରାହ୍ମଣ ମହାସଭା ପକ୍ଷରୁ ଟଙ୍କତୋରାଣି ବଣ୍ଟନ

ବାରିପଦା, ୨୭।୭(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବାହୁଡ଼ା ଯାତ୍ରା ଅବସରରେ ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପୁରୀର ପ୍ରସିଦ୍ଧ ଟଙ୍କତୋରାଣି ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଶୀତଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉକ୍ତ ଦୁଇଦିନିଆ କାର୍ଯ୍ୟକ୍ରମ ମହାସଭାର ସ୍ଥାୟୀ ସଭାପତି ଡା. ମହାଦେବ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ



କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀ, ଉପସଭାପତି ସାରଥୀ ଦାଶ, ସମ୍ପାଦକ ସଞ୍ଜୟ ଗୋସ୍ୱାମୀ, ସହସମ୍ପାଦକ ବିଭୂତି ଭୂଷଣ ମିଶ୍ର, ଯୁଗ୍ମସମ୍ପାଦକ ନରୋତ୍ତମ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁରେଶ ପାଣିଗ୍ରାହୀ, ଅଚ୍ୟୁତ ମହାପାତ୍ର, ସମ୍ବିତ ମହାପାତ୍ର, ଗୌରୀଶଙ୍କର ପଣ୍ଡା, ଶିବଶଙ୍କର ଶତପଥୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଟଙ୍କତୋରାଣି ବଣ୍ଟନ କରିଥିଲେ।

## ଆର୍‌ଡିଏସ୍ କଲେଜ ଛାତ୍ରଙ୍କ କୃତିତ୍ୱ



ଉଦଳା,୨୭।୭(ସମିସ): ସ୍ଥାନୀୟ ଆରଡିଏସ ଡିଗ୍ରୀ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସ୍ନାତକୋତ୍ତର ଛାତ୍ର ତଥା ଗୋପବନ୍ଧୁନଗର ବ୍ଲକ ଅଧୀନ ପଶୁଦା ଗ୍ରାମର ଅଶୋକ ପ୍ରଧାନ ଓ ପବିତ୍ରା ପ୍ରଧାନଙ୍କ ପୁତ୍ର ଅନୁପମ ପ୍ରଧାନ ଚଳିତବର୍ଷ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରୀକ୍ଷାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହେବା ସହିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏ ପରିପ୍ରେକ୍ଷୀରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ୬୯ତମ ସ୍ୱନକ୍ଷତ୍ର ଦିବସରେ ୨୫ ତାରିଖ ଦିନ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କୁ ତାଙ୍କର କୃତିତ୍ୱ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ଏହି ସଫଳତା ନିମନ୍ତେ ନିଜର ଦୃଢ଼ ଇଚ୍ଛାଶକ୍ତି ସହିତ ପିତାମାତା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ଗିରି, ଓଡ଼ିଆ ମୁଖ୍ୟ ଡଃ ଅକ୍ଷୟ ଗିରିଙ୍କ ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଶ୍ରେୟ ଦେଇଛନ୍ତି।

## ଉଦଳା ପୁଲିସକୁ ସଫଳତା, ୫ ଲୁଟେରା ଗିରଫ

ଉଦଳା,୨୭।୭(ସମିସ): ଉଦଳା ଥାନା ଅଞ୍ଚଳରେ ହୋଇଥିବା ୫ଟି ଲୁଟ ମାମଲାରେ ପୁଲିସକୁ ସଫଳତା ମିଳିଛି। ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ଅଛନ୍ତି। ମୁଖ୍ୟ ଅଭିଯୁକ୍ତ କନକପଦା ଗ୍ରାମର ବର୍ଣ୍ଣବ ବିନ୍ଧାଣୀ ନିଜର ନାବାଳକ ପୁଅ, ସଢୁର ନାବାଳକ ପୁଅ ଓ ପଡୋଶୀ ନାବାଳକ ପିଲାଙ୍କ ମାଧ୍ୟମରେ ଲୁଟ କରୁଥିଲେ। ବିଭିନ୍ନ ଅଞ୍ଚଳ ବୁଲିବା ପରେ ବନ୍ଦ ଥିବା ଘରକୁ ଟାର୍ଗେଟ କରି ସେଠାରୁ ଲୁଟ କରୁଥିଲେ। ନୀଳଗିରିର ଅଲ୍ଲୀ ଜୁଏଲାରୀରେ ଚୋରା ସାମଗ୍ରୀ ବିକ୍ରି କରୁଥିଲେ। କାର୍‌ରେ ନିଜ ପରିବାର ସଦସ୍ୟଙ୍କ ସହିତ ଯାଇ ରାଜକୀୟ ଠାଣିରେ ଗହଣା ବିକ୍ରି କରୁଥିଲେ। ଗହଣା ବିକି ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସେ ନେଇ ସାରିଛି। ପୁଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୫ଟି ବ୍ୟାଙ୍କ ପାସବୁକ,ଏକ କାର, ଦୁଇଟି ବାଇକ ଓ ୪ଟି ଫୋନ ଜବତ କରିଛି। ଏହି ମୁଖ୍ୟ ଲୁଟେରା ନାମରେ ପୂର୍ବରୁ ଖୁଣ୍ଟା, ଉଦଳା, କପ୍ତିପଦା ଥାନା ଅଞ୍ଚଳରେ ଅନେକ ମାମଲା ରହିଥିବା ପୁଲିସ ତଦନ୍ତରେ ଜାଣିବାକୁ ପାଇଛି। ଏଥିସହିତ ପୁଲିସ ଗହଣା କିଣୁଥିବା ନୀଳଗିରି ଅଞ୍ଚଳର ଅଲ୍ଲୀ ଜୁଏଲାରୀ ଦୋକାନର ମାଲିକ ହର ଗୋବିନ୍ଦ ରଣାଙ୍କୁ ମଧ୍ୟ ଗିରଫ କରି ତାଙ୍କ ନିକଟରୁ ଅଳଙ୍କାର ଜବତ କରିଛି।

## ନଦୀରେ ଭାସି ଯାଇଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଯୋଡ଼ା,୨୭।୭(ସମିସ): ଯୋଡ଼ା ପୌରାଞ୍ଚଳର ତଲଗ୍ ହଟିଂ ନିକଟସ୍ଥ ସୁନା ନଦୀରେ ଗାଧୋଇବା ବେଳେ ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିବା ବୃଦ୍ଧଙ୍କ ମୃତଦେହ ୩ ଦିନ ପରେ ଉଦ୍ଧାର ହୋଇଛି। ନିଖୋଜ ବୃଦ୍ଧ ଜଣକ ଯୋଡ଼ା ତଲଗ୍ ହଟିଂ ଅଞ୍ଚଳର ସାମେଲ ମୁଣ୍ଡା। ସେ ଗୁରୁବାର ମଧ୍ୟାହ୍ନ ସମୟରେ ସୁନା ନଦୀରେ ଗାଧୋଇବାକୁ ଯାଇଥିବା ସମୟରେ ହଠାତ୍ ପାଣିର ପ୍ରଖର ସ୍ରୋତ ମାଡ଼ିଆସିଥିଲା। ସେଥିରେ ସେ ଭାସିଯାଇଥିଲେ। ଘଟଣା ପରେ ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ଖୋଜ ଖବର ମିଳି ନଥିଲା। ଏ ନେଇ ଅଗ୍ନିଶମ ବାହିନୀ ଖବର ପାଇବାପରେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ତେବେ ସୋମବାର ସକାଳେ କାଳିଆ ବେଡା ଗାଁ ଲୋକ ମୃତ ଅବସ୍ଥାରେ ଦେଖି ଖବର କରିବା ପରେ ତାଙ୍କୁ ଉଦ୍ଧାର କରାଯାଇଛି।





ସକାଳ
THE SAKALA
www.sakalaepaper.com


**ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ ସଂସଦରେ ବିଲ୍**

# କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ; ପ୍ରଭାବଶାଳୀ କାର୍ଯ୍ୟକାରିତା ଆବଶ୍ୟକ: ବିଜେଡି

ଭୁବନେଶ୍ୱର,୨୭।୭(ସମିସ): ଦେଶରେ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବ ଆଇନର ସଂଶୋଧନ ସଂସଦରେ ପାରିତ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଏହା ଉପରେ ପ୍ରତିକ୍ରିୟା ଦେଇ କେବଳ ଆଇନ ପ୍ରଣୟନ ନୁହେଁ, ଏହାକୁ କଡ଼ା ଓ ପ୍ରଭାବଶାଳୀ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ବୋଲି ବିଜେଡି ଦାବି କରିଛି। ଏହାଛଡ଼ା ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବା ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛି ଦଳ।

ଦଳ ପକ୍ଷରୁ ଆଜି ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ ଦେଶରେ ୧୫୦ରୁ ଅଧିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ଏବଂ ଏହାକୁ ନେଇ ଦେଶବ୍ୟାପୀ ଅନେକ ପ୍ରତିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି ଆନ୍ଦୋଳନ ସମଗ୍ର ଦେଶବାସୀଙ୍କୁ

- **ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ, ଅଣାଯାଇଥିବା ଆଇନ କେବଳ କାଗଜରେ ରହିଯିବ**
- **ଓଡ଼ିଶାରେ ବିଜେପି ସରକାରଙ୍କ ଦ୍ୱାରା ହୋଇଥିବା ସଂଶୋଧନ ସଫଳ କାର୍ଯ୍ୟକାରୀ ହୋଇନାହିଁ**

ପ୍ରଭାବିତ କରିଥିବା ବେଳେ, କିଛିଦିନ ତଳେ କେନ୍ଦ୍ର କ୍ୟାବିନେଟ୍ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଥିବା ବେଳେ ଆଜି ସଂସଦରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଗତ କରାଯାଇଛି। ଏହି ସଂଶୋଧନ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତା ପାଇଁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଛି। ଡ. ମହାନ୍ତି କହିଛନ୍ତି ଯେ କେବଳ ଆଇନ ପାରିତ କରିଦେଲେ ଏହି ସଙ୍କଟର ସମାଧାନ ହେବ ନାହିଁ। ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଏବଂ ଦୋଷୀମାନଙ୍କୁ ଦଣ୍ଡିତ କରିବା ପାଇଁ ଆଇନର କଡ଼ା, ନିରପେକ୍ଷ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଓଡ଼ିଶାରେ ମଧ୍ୟ ବିଜେପି ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ବିଲ୍, ୨୦୨୪'କୁ ୨୦୨୪ ଡିସେମ୍ବର ୬ ତାରିଖରେ ବିଧାନସଭାରେ ପାରିତ କରିଥିଲା। କିନ୍ତୁ ଡବଲ୍ ଇଞ୍ଜିନ୍ ସରକାର ଅମଳରେ ଗତ ଦୁଇ ବର୍ଷ ମଧ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ଏହି ଘଟଣାଗୁଡ଼ିକରେ ଜଣେ ହେଲେ ମଧ୍ୟ ଦୋଷୀଙ୍କୁ ଦଣ୍ଡିତ କରାଯାଇନାହିଁ । ଏହା ପ୍ରମାଣ କରୁଛି ଯେ କେବଳ କଠୋର ଆଇନ ତିଆରି କରିବା ଯଥେଷ୍ଟ ନୁହେଁ, ଆଇନକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବା ସହିତ ଦୋଷୀ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ପ୍ରସଙ୍ଗରେ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି।

**ଦେଶରେ କମୁଛି ସରକାରୀ ସ୍କୁଲ୍**

# ୫ ବର୍ଷରେ ୧୭ ହଜାର ବିଦ୍ୟାଳୟ ବନ୍ଦ

ଭୁବନେଶ୍ୱର,୨୭।୭(ସମିସ): ଦେଶରେ ସରକାରୀ ବିଦ୍ୟାଳୟର ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୨୧-୨୨ ଶିକ୍ଷାବର୍ଷରେ ୧୦ ଲକ୍ଷ ୨୨ ହଜାର ୩୮୬ଟି ସରକାରୀ ସ୍କୁଲ ଥିଲା। ୨୦୨୫-୨୬ରେ ବିଦ୍ୟାଳୟ ସଂଖ୍ୟା ୧୦ ଲକ୍ଷ ୫ ହଜାର ୨୪୫କୁ ଖସିଛି। ଅର୍ଥାତ୍ ୫ ବର୍ଷରେ ୧୭ ହଜାର ୧୪୧ ଟି ସ୍କୁଲ୍ ବନ୍ଦ ହୋଇଛି। ଲୋକସଭାରେ ସାଂସଦ ଆନନ୍ଦ ଭଦୌରିଆଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ସରକାର ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

**ଓଡ଼ିଶାରେ ୪୬୯ଟି ସ୍କୁଲରେ ତାଲା**

ଓଡ଼ିଶାରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ୨୦୨୧-୨୨ରେ ରାଜ୍ୟରେ ୪୯,୦୭୨ଟି ସରକାରୀ ବିଦ୍ୟାଳୟ ଥିବାବେଳେ ୨୦୨୫-୨୬ରେ ଏହା ୪୮,୬୦୩କୁ ଖସିଛି। ଏହି ୫ ବର୍ଷ ମଧ୍ୟରେ ୪୬୯ଟି ସରକାରୀ ସ୍କୁଲ ବନ୍ଦ ହୋଇଛି। ଦେଶର ଅନେକ ବଡ଼ ରାଜ୍ୟରେ ମଧ୍ୟ ବିଦ୍ୟାଳୟ ସଂଖ୍ୟା କମିଛି। ସମାନ ସମୟରେ ଆନ୍ଧ୍ର ପ୍ରଦେଶରେ ୯୧୫, ମହାରାଷ୍ଟ୍ରରେ ୧୦୬୮, କର୍ଣ୍ଣାଟକରେ ୧୧୫୨, ମଧ୍ୟପ୍ରଦେଶରେ ୧୪୯୬, ଏବଂ ପଶ୍ଚିମବଙ୍ଗରେ ୧୭୧୧ ଟି ସରକାରୀ ବିଦ୍ୟାଳୟ ବନ୍ଦ ହୋଇଛି। ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ତେଲେଙ୍ଗାନା, ମେଘାଳୟ ଓ ଲଦାଖରେ ମଧ୍ୟ ବିଦ୍ୟାଳୟ ସଂଖ୍ୟାରେ ହ୍ରାସ ଘଟିଛି। ଅପରପକ୍ଷରେ ବିହାର ପରି ବିଭିନ୍ନ ରାଜ୍ୟରେ ବିଦ୍ୟାଳୟ ସଂଖ୍ୟା ମଧ୍ୟ ବଢ଼ିଛି। ବିହାରରେ ୮୭୭, ରାଜସ୍ଥାନରେ ୧୦୩୫, ଗୁଜରାଟରେ ୩୫ ଓ ଉତ୍ତର ପ୍ରଦେଶରେ ୭୯ ସରକାରୀ ବିଦ୍ୟାଳୟ ଖୋଲିଛି। ବିଶେଷଜ୍ଞଙ୍କ ମତରେ, ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପଛରେ ଛାତ୍ର ସଂଖ୍ୟା କମିବା, ବିଦ୍ୟାଳୟ ଏକୀକରଣ, ଜନସଂଖ୍ୟାର ସ୍ଥାନାନ୍ତରଣ ଓ ଶିକ୍ଷା ନୀତିରେ ପରିବର୍ତ୍ତନ ଭଳି କାରଣ ରହିପାରେ। ତଥାପି ଗ୍ରାମାଞ୍ଚଳରେ ସ୍କୁଲ ବନ୍ଦ କିମ୍ବା ମିଶ୍ରଣ ହେଲେ ଛୋଟ ପିଲାଙ୍କ ପାଖରେ ସହଜରେ ଶିକ୍ଷା ପହଞ୍ଚି ପାରିବ ନାହିଁ ବୋଲି ମତବ୍ୟକ୍ତ କରୁଛନ୍ତି।

## ବିଇଡି ପଢ଼ିବା ପାଇଁ ଅଗଷ୍ଟ ୫ ଯାଏଁ ଚଏସ୍ ଲକିଙ୍ଗ

ଭୁବନେଶ୍ୱର, ୨୭।୭(ସମିସ): ଚଳିତବର୍ଷ ଦୁଇ ବର୍ଷିଆ ବିଇଡି, ବିଏଚ୍ଇଡି ଓ ଏମ୍ଇଡି ପାଠ୍ୟକ୍ରମରେ ନାମଲେଖା ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସାମସ୍ ୱେବସାଇଟ୍‌ରେ ଚୁଡ଼ାନ୍ତ ମାର୍କ ଉପଲବ୍ଧ ହୋଇଛି। ଏହାପରେ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ ଚୟନ କରିବେ। ଆଜିଠାରୁ ଅଗଷ୍ଟ ୫ ତାରିଖ ମଧ୍ୟରେ ନିଜ ପସନ୍ଦର ଶିକ୍ଷାନୁଷ୍ଠାନକୁ ଚଏସ୍ ଲକିଙ୍ଗ କରିବେ। ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ଅଗଷ୍ଟ ୧୧ ଅପରାହ୍ନ ୨ଟା ରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ।

**ଆସନ୍ତା ୧୧ ରୁ ଆରମ୍ଭ ହେବ ପାଠପଢ଼ା**

ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୧ ରୁ ୧୪ ତାରିଖ ମଧ୍ୟରେ ଫ୍ରିଜ୍ ବା ସ୍ଲାଇଡ୍ ବିକଳ୍ପ ବାଛିପାରିବେ। ୨୦ ତାରିଖ ପୂର୍ବାହ୍ନ ୧୧ ଟା ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୨୫ ତାରିଖରୁ ବିଇଡି, ବିଏଚ୍ଇଡି ଓ ଏମ୍ଇଡି ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ୩୧ଟି ଶିକ୍ଷାନୁଷ୍ଠାନରେ ୨୮୦୦ଟି ସିଟ୍ ରହିଥିବାବେଳେ ୧ ଲକ୍ଷ ୫ ହଜାର ୮୩୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

## ସୁଶାନ୍ତ ସିଂଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ


ଭୁବନେଶ୍ୱର,୨୭।୭(ସମିସ): ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ସେ କହିଛନ୍ତି ଯେ, ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ସେ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ସେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୋମବାର ସକାଳେ ସ୍ୱର୍ଗତଃ ସୁଶାନ୍ତ ସିଂଙ୍କ ମରଶରୀର ବିଧାନସଭାରେ ପରିସରରେ ପହଁଚିବା ପରେ ସେଠାରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ବାଚସ୍ପତି ସୁରମା ପାଢୀ, ବିଧାନସଭାର ଏକାଧିକ ବିଧାୟକ ତଥା ପୂର୍ବତନ ବିଧାୟକ ଉପସ୍ଥିତ ରହି ସ୍ୱର୍ଗତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବହୁ ମନ୍ତ୍ରୀ, ବିଧାୟକ ତଥା ସାଂସଦମାନେ ସାମାଜିକ ଗଣମାଧ୍ୟମରେ ସ୍ୱର୍ଗତଃ ସିଂଙ୍କ ସ୍ମୃତିଚାରଣ କରିଥିଲେ।


## ହସ୍ପିଟାଲ କୋଠାରୁ ଖସି ରୋଗୀ ମୃତ

ବାରିପଦା,୨୭।୭(ସମିସ): ବାରିପଦା ପିଆରଏମ ଟିଚିଂ ହସ୍ପିଟାଲର ୫ ମହଲାରୁ ଖସିପଡ଼ି ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡ଼ସାହି ଥାନା ଦୁର୍ଗାପୁର ପଞ୍ଚାୟତ ଗୋବରାଶୋଳ ଗ୍ରାମର ସଞ୍ଜୟ ସିଂ (୨୮)। ସୋମବାର ଅସୁସ୍ଥ ହେବାରୁ ପ୍ରଥମେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପିଆରଏମ୍ ସ୍ଥାନାନ୍ତର ହୋଇଥିଲେ। ତାଙ୍କର ବାତ ରୋଗ ଥିବା କୁହାଯାଉଛି। ତେବେ କେଉଁ ପରିସ୍ଥିତିରେ ତଳକୁ ଖସି ପଡ଼ିଲେ କିମ୍ବା ରୋଗ ଜ୍ୱାଳା ସହି ନ ପାରି ଡେଇଁ ଆତ୍ମହତ୍ୟା କଲେ, ତାହା ଜଣାପଡିନାହିଁ। ଘଟଣାସ୍ଥଳରେ ମେଡିକାଲ କଲେଜର ସୁପରିଟେଣ୍ଡେଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବାବେଳେ ଘଟଣାକୁ ନେଇ ପଚରାଉଚରା ଜାରି ରହିଛି।








MCL | AM/NS INDIA | TATA STEEL #WeAlsoMakeTomorrow | JINDAL STEEL | vedanta transforming for good | ନାଲକୋ NALCO | TPWODL | JSW JFE JSW JFE Steel Limited | Paradeep Phosphates

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବେ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ବନ୍ଧୁଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି। ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି। ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ। ଚିନ୍ତାରେ ରହିବେ।

**ମୀନ:** ଦିନଟି ଉତ୍ସାହଜନ ରହିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସହଯୋଗ ମିଳିବ।

## ଆଜିର ଐତିହ୍ୟ

- ୧୭୪୨- ପାର୍ସିଆ ଓ ଅଷ୍ଟ୍ରିଆ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କଲେ।
- ୧୯୧୪- ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ।
- ୧୯୫୯- ଗ୍ରେଟ୍ ବ୍ରିଟେନ୍‌ରେ ଡାକକୋଡ୍‌ର ପ୍ରଚଳନ ଆରମ୍ଭ ହେଲା।
- ୧୯୭୯- ଚୌଧୁରୀ ଚରଣ ସିଂହ ଦେଶର ପଞ୍ଚମ ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୫- ଭିଏତ୍‌ନାମ ଆସିଆନ୍‌ର ସଦସ୍ୟ ହେଲା।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



ପ୍ରକୃତିର ସୁରକ୍ଷା, ଜଙ୍ଗଲ ଓ ଜୀବଜନ୍ତୁଙ୍କ ରକ୍ଷା, ଏବଂ ପ୍ରାକୃତିକ ସମ୍ପଦର ସଠିକ୍ ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ଭାବେ ପାଳନ କରାଯାଏ। ଭବିଷ୍ୟତ ପିଢ଼ିଙ୍କ ପାଇଁ ପରିବେଶ ସଂରକ୍ଷଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱ ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି। ଜୀବନଧାରଣ ପାଇଁ ଆବଶ୍ୟକୀୟ ସାଧାରଣ ସାମଗ୍ରୀ ଯଥା ଜଳ, ବାୟୁ, ମୃତ୍ତିକା, ଖଣିଜ ଦ୍ରବ୍ୟ, ଗଛ, ପଶୁପକ୍ଷୀ ଓ ଖାଦ୍ୟ ଆଦି ଯୋଗାଇଛି ଧରିତ୍ରୀ ମାତା। ହେଲେ କ୍ରମଶଃ ମନୁଷ୍ୟର ଆବଶ୍ୟକତା ପୂରଣ କରିବାକୁ ଯାଇ ଆରମ୍ଭ ହୋଇଥିବା ଔଦ୍ୟୋଗିକ ବିକାଶ ଓ ଆହୁରି ଅନେକ ମାନବିକ କାର୍ଯ୍ୟକଳାପ ପ୍ରକୃତିକୁ ନଷ୍ଟ କରିଦେଇଛି। ମଣିଷ ଯାହା ବି କରୁ ନା କାହିଁକି ସେ ଏହା ଭୁଲିବା କଥା ନୁହେଁ କି ଏହାର ପ୍ରତ୍ୟେକ କ୍ରିୟାର ପ୍ରଭାବ ପ୍ରକୃତି ଉପରେ ପଡ଼ିଥାଏ। ଏସବୁକୁ ନଜରରେ ରଖି ପ୍ରକୃତିର ସଂରକ୍ଷଣ ଏକାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ପ୍ରକୃତିର ଅସନ୍ତୁଳନ ଯୋଗୁଁ ବର୍ତ୍ତମାନ ଗ୍ଲୋବାଲ ୱାର୍ମିଂ, ବିଭିନ୍ନ ଅଜଣା ରୋଗ, ପ୍ରାକୃତିକ ବିପର୍ଯ୍ୟୟ ଓ ବର୍ଦ୍ଧିତ ତାପମାତ୍ରା ଆଦି ସାଧାରଣ ଘଟଣାରେ ପରିଣତ ହୋଇଛି। ତେଣୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ପରିବେଶ ଗଢ଼ିବାକୁ ହେଲେ ପ୍ରକୃତିକୁ ସୁରକ୍ଷା ଦେବା ଏକାନ୍ତ ଆବଶ୍ୟକ। ସୁସ୍ଥ ଓ ସ୍ଥିର ପରିବେଶ ହିଁ ଏକ ସୁସ୍ଥ ସମାଜର ମୂଳଦୁଆ। ପରିବେଶ ବଞ୍ଚିଲେ ଜୀବନ ତିଷ୍ଠି ରହିବ। ଏଣୁ ମାନବଜାତିକୁ ପୃଥିବୀ ଓ ଏହାର ସମ୍ବଳର ଉପଯୁକ୍ତ ସଂରକ୍ଷଣ କରିବା ଦରକାର। ଜାଣତରେ ହେଉ ଅବା ଅଜାଣତରେ, ମଣିଷ ପ୍ରକୃତିକୁ ଦେଉଥିବା କଷ୍ଟକୁ ଅନୁତାପ କରିବାର ଆଜି ଦିନଟିଏ। ତେବେ କେବଳ ଯେ, ଏଥିପାଇଁ ପଶ୍ଚାତାପ କଲେ ହେବନି, ପ୍ରକୃତିର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ବଢ଼ୁଥିବା ତାପମାତ୍ରା ଏବଂ ମୃତ୍ତିକା କ୍ଷୟ ଆଦି ଯୋଗୁଁ ପ୍ରାକୃତିକ ପରିବେଶ ବହୁମାତ୍ରାରେ ପ୍ରଭାବିତ ହେଉଛି। ଏହିଦିନ ବୃକ୍ଷରୋପଣ, ଜଳ ଓ ବିଜୁଳି ଅପଚୟ କମ୍ କରିବା ଲାଗି ବାର୍ତ୍ତା ଦିଆଯାଏ। ପୃଥିବୀରେ ଥିବା ଜଳ, ବାୟୁ, ମୃତ୍ତିକା, ଜଙ୍ଗଲ ଏବଂ ମୂଲ୍ୟବାନ ଖଣିଜ ସମ୍ପଦକୁ କିପରି ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖାଯିବ, ତାହା ଏହି ଦିବସ ଶିକ୍ଷା ଦିଏ।

## ବିଶ୍ୱ ହେପାଟାଇଟିସ୍ ଦିବସ



ଆଜି ବିଶ୍ୱ ହେପାଟାଇଟିସ୍ ଦିବସ। ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୨୮ ଜୁଲାଇକୁ ବିଶ୍ୱ ହେପାଟାଇଟିସ୍ ଦିବସ ଭାବରେ ପାଳନ କରାଯାଏ। ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ହେପାଟାଇଟିସ୍ ଏପରି ଏକ ରୋଗ ଯଦ୍ୱାରା ଯକୃତ ଅଧିକ ମାତ୍ରାରେ ସଂକ୍ରମିତ ହୋଇଥାଏ। ଏହା ଏକ ଭାଇରସ୍‌ଜନିତ ରୋଗ ଅଟେ। ଏଥିରେ ଯକୃତ ଦୁର୍ବଳ ହେବା ସହ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ସୁଏ। ଅନେକ ସମୟରେ ଯକୃତ କାମ ନ କରିବା ଦ୍ୱାରା ମଣିଷର ମୃତ୍ୟୁ ହୋଇଥାଏ। ହେପାଟାଇଟିସ୍ ସାଧାରଣତଃ ୫ ପ୍ରକାରର- ହେପାଟାଇଟିସ୍ ଏ, ବି, ସି, ଡି ଏବଂ ଇ। ତେବେ ହେପାଟାଇଟିସ୍ ବି ଓ ସି ସବୁଠୁ ବିପଜ୍ଜନକ। ଏ ଦୁଇ ହେପାଟାଇଟିସ୍ ଭାଇରସ୍ ଯକୃତକୁ ଗୁରୁତର ଭାବେ ପ୍ରଭାବିତ କରିଥାନ୍ତି। ଏକ ମିଳିତ ପ୍ରୟାସରେ ହେପାଟାଇଟିସ୍ ମୁକ୍ତ ଭବିଷ୍ୟତ ହାସଲ ଯୋଗ୍ୟ। ୨୦୩୦ ସୁଦ୍ଧା ଜନସ୍ୱାସ୍ଥ୍ୟ ବିପଦ ଭାବରେ ଭାଇରାଲ ହେପାଟାଇଟିସ୍‌କୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମସ୍ତ ଦେଶକୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି। ବିଶ୍ୱ ହେପାଟାଇଟିସ୍ ଆଲାଏନ୍ସ ଅନୁସାରେ, ୯୦ ପ୍ରତିଶତ ହେପାଟାଇଟିସ୍ ବି ଓ ୮୦ ପ୍ରତିଶତ ଲୋକ ହେପାଟାଇଟିସ୍ ସି ଦ୍ୱାରା ସଂକ୍ରମିତ ହେଉଥିଲେ ମଧ୍ୟ ସେମାନେ ଯେ, ରୋଗରେ ପୀଡ଼ିତ, ତାହା ଜାଣିପାରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ହେପାଟାଇଟିସ୍ ପରବର୍ତ୍ତୀ ପର୍ଯ୍ୟାୟରେ ମାରାତ୍ମକ ହୋଇଥାଏ। କେହି କେହି ଯକୃତ କ୍ୟାନସର୍‌ରେ ବି ପୀଡ଼ିତ ହେବାର ବି ଆଶଙ୍କା ରହିଥାଏ। ଏହି ରୋଗର ଲକ୍ଷଣ ଚିହ୍ନିବା କଷ୍ଟକର ହୋଇଥାଏ। ଜ୍ୱର, ଥକ୍କାପଣ, ପେଟ ଯନ୍ତ୍ରଣାରୁ ଏହି ରୋଗ ଆରମ୍ଭ ହୁଏ। ଧୀରେ ଧୀରେ ଏହାର ଲକ୍ଷଣ ବୃଦ୍ଧି ପାଇଥାଏ। ଏଥିରେ, ବ୍ୟକ୍ତିର ଚର୍ମ ଏବଂ ଆଖିରେ ହଳଦିଆ ପଡ଼ିଯାଏ। ଓଜନ ହ୍ରାସ ଘଟେ। ହେପାଟାଇଟିସ୍ ବି ଏବଂ ସି ହେଲେ ଏହି ଲକ୍ଷଣଗୁଡ଼ିକ ପ୍ରାୟତଃ ଦେଖାଯାଏ। ହେପାଟାଇଟିସ୍‌କୁ ପ୍ରତିହତ କରିବା ପାଇଁ ଟିକା ହେଉଛି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର। ଏହାବାଦ୍ ସୁସ୍ଥ ଖାଦ୍ୟ ଗ୍ରହଣ କରି ହେପାଟାଇଟିସ୍‌ରୁ ନିଜକୁ ରକ୍ଷା କରିହେବ। ଯଦି ହେପାଟାଇଟିସ୍‌ର ଲକ୍ଷଣ ଦୃଶ୍ୟମାନ ହୁଏ, ତେବେ ଏହାକୁ ଅଣଦେଖା କରିବା ଅନୁଚିତ। ଲକ୍ଷଣ ଦେଖିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ସଚେତନତା ଦ୍ୱାରା ହିଁ ଏହି ରୋଗକୁ ଦୂରେଇ ଦିଆଯାଇ ପାରିବ। ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ପରିଷ୍କାର ପାଣି ପିଇବା ଦରକାର।

## 'ସ୍ପିରିଟ୍'ରେ କ୍ୟାଟ୍ରିନା



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଏବଂ ତ୍ରିପ୍ତି ଡିମ୍ରିଙ୍କ ଫିଲ୍ମ 'ସ୍ପିରିଟ୍'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି। ଏଥିରେ ଏବେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ। 'ସ୍ପିରିଟ୍'ରେ କ୍ୟାଟ୍ରିନାଙ୍କୁ ସାମିଲ କରିବା ପାଇଁ ଫିଲ୍ମ ନିର୍ମାତା ତାଙ୍କ ସହ କଥାବାର୍ତ୍ତା ଆରମ୍ଭ କରି ଦେଇଛନ୍ତି। କ୍ୟାଟ୍ରିନା ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ ଏବଂ ଏହା ହିଁ ଫିଲ୍ମର ଟର୍ଣ୍ଣିଂ ପଏଣ୍ଟ ହୋଇପାରେ ବୋଲି କୁହାଯାଉଛି। ଯଦିଓ ଏହି ଚରିତ୍ରର ସ୍କ୍ରିନ୍ ଟାଇମ୍ କମ୍ ହେବାର ଆଶା କରାଯାଉଛି, ତଥାପି ଏହା କାହାଣୀକୁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପ୍ରଭାବିତ କରିପାରେ ବୋଲି ଚର୍ଚ୍ଚା ହେଉଛି। ହେଲେ ଏଥିରେ କାମ କରିବା ପାଇଁ କ୍ୟାଟ୍ରିନା ଫିଲ୍ମ ନିର୍ମାତାଙ୍କ ପାଖରେ ସର୍ତ୍ତ ରଖିଥିବା ଜଣାପଡ଼ିଛି। ସେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଫିଲ୍ମର ସୁଟିଂ ସାରିବାକୁ ଚାହୁଁଛନ୍ତି। ଏବେ ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ଚାଲିଛି। ତ୍ରିପ୍ତିଙ୍କ ପୂର୍ବରୁ ଦୀପିକା ପାଦୁକୋନ୍‌ଙ୍କୁ 'ସ୍ପିରିଟ୍'ରେ ନାୟିକା ଭାବେ ସାଇନ୍ କରାଯାଇଥିଲା। ହେଲେ ଦୀପିକାଙ୍କ କିଛି ସର୍ତ୍ତ ଯୋଗୁଁ ତାଙ୍କୁ ଏଥିରୁ ବାଦ୍ ଦିଆଯାଇ ତ୍ରିପ୍ତିଙ୍କୁ ନାୟିକା ଭାବେ ନିଆଯାଇଥିଲା। ଯଦି କ୍ୟାଟ୍ରିନା ଏହି ପ୍ରୋଜେକ୍ଟ ସହ ଯୋଡ଼ି ହୁଅନ୍ତି, ତେବେ ପ୍ରାୟ ଦୁଇ ଦଶନ୍ଧି ପରେ ତେଲୁଗୁ ସିନେମାକୁ ତାଙ୍କର ପ୍ରତ୍ୟାବର୍ତ୍ତନ ହେବ। କ୍ୟାଟ୍ରିନାଙ୍କୁ ଶେଷ ଥର ପାଇଁ ଭେଙ୍କଟେଶଙ୍କ ସହ 'ମଲ୍ଲୀଶ୍ୱରୀ' ଏବଂ ନନ୍ଦମୁରୀ ବାଲକୃଷ୍ଣଙ୍କ ସହ 'ଅଲ୍ଲାରୀ ପିଡୁଗୁ' ଭଳି ତେଲୁଗୁ ଫିଲ୍ମରେ ଦେଖିବାକୁ ମିଳିଥିଲା। ଭିକ୍କି କୌଶଲଙ୍କୁ ବିବାହ କରିବା ଠାରୁ କ୍ୟାଟ୍ରିନା ଲାଇମ୍ ଲାଇଟ୍‌ରୁ ଦୂରେଇ ଯାଇଛନ୍ତି। ପାଖାପାଖି ତିନିବର୍ଷ ପରେ ସେ ଏହି ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ। 'ସ୍ପିରିଟ୍' ଏକ ଆକ୍ସନ୍ ଥ୍ରିଲର୍ ଫିଲ୍ମ। ଏହା ମାର୍ଚ୍ଚ ୫, ୨୦୨୭ରେ ମୁକ୍ତିଲାଭ କରିବ।

## ସଫଳ ଚାଷୀ

# କଖାରୁ, ଓଲୁଅ ଚାଷରୁ ଲକ୍ଷପତି

**କଥାରେ ଅଛି 'ଚାଷ କାମ ଯାହାର, କି ଆନନ୍ଦ ତାହାର..'। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ମୟୂରଭଞ୍ଜ ଜିଲ୍ଲା, ଶୁକ୍ଳି ବ୍ଲକ୍ ପାଣ୍ଡରଶିଳ ଗାଁ'ର ଦୀନକୃଷ୍ଣ ସାହୁ। ସେ ପ୍ରାୟ ଦଶ ଏକର ଜମିରେ କଖାରୁ ଓ ହାଇବ୍ରିଡ୍ ଓଲୁଅ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏହାସହ ଚାଷୀଙ୍କୁ ଉତ୍କୃଷ୍ଟ ବିହନ ଯୋଗାଇଥାନ୍ତି। ତେବେ ସେବା କ୍ଷେତ୍ର ହେଉ ଅଥବା କୃଷି ସବୁଥିରେ ଦୀନକୃଷ୍ଣ ଉଦ୍ୟମୀ।**



ଦୀନକୃଷ୍ଣ ପ୍ରାୟ ୧୫ ବର୍ଷ ହେବ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଛନ୍ତି। କଖାରୁ ଏବଂ ହାଇବ୍ରିଡ ଓଲୁଓ ଚାଷକୁ ସେ ଅଧିକ ଗୁରୁତ୍ୱ ଦିଅନ୍ତି। ଚଳିତ ବର୍ଷ ସେ ପ୍ରାୟ ଆଠ ଏକର ଜମିରେ କଖାରୁ ଓ ଦେଢ଼ ଏକର ଜମିରେ ହାଇବ୍ରିଡ ଓଲୁଓ ଚାଷ କରିଛନ୍ତି। ଚାଷ ପାଇଁ ମାଟି ପରୀକ୍ଷା କରି ଉନ୍ନତ କିସମର ବିହନ ବ୍ୟବହାର କରନ୍ତି। ସେ ଚାଷ କରୁଥିବା କଖାରୁ ବିହନର ବଜାରଦର ଏକ କି.ଗ୍ରା.ପିଛା ୧୭ହଜାର ଟଙ୍କା। ଦୀନକୃଷ୍ଣ କୁହନ୍ତି, ହାଇବ୍ରିଡ ଓଲୁଅ ଚାଷରେ ଲାଭ ଅଧିକ। ଏଥିପାଇଁ ବାଲି ମାଟି ସର୍ବୋତ୍ତମ। ଜଳ ସେଚନର ଆବଶ୍ୟକତା କମ୍। ୧୦ କେ.ଜି. ଓଲୁଅକୁ ୫୦୦ଗ୍ରାମ୍ ଲେଖାଏଁ କାଟି ୨୦ ଖଣ୍ଡ କରି ଏହାକୁ ଗୋଟିଏ ଗାତରେ ଲଗାଇଲେ ଚାରିମାସରେ ଫଳ ହୋଇଥାଏ। ଫସଲରେ କୃଷି ବିଶେଷଜ୍ଞଙ୍କ ପରାମର୍ଶରେ ରୋଗପୋକ ଚିହ୍ନଟ କରି ଔଷଧ ପ୍ରୟୋଗ କରନ୍ତି। ଚଳିତ ବର୍ଷ ସେ ଓଲୁଅ ଚାଷ ପାଇଁ ଅଢ଼େଇଲକ୍ଷ ଖର୍ଚ୍ଚ କରିଥିବାବେଳେ ଏଥିରୁ ୨ଲକ୍ଷ ୭୦ ହଜାର ଲାଭ ପାଇଥିଲେ। ଚାଷକାର୍ଯ୍ୟ ପାଇଁ ସେ ଅନେକ ମଜୁରିଆଙ୍କୁ ରୋଜଗାରକ୍ଷମ କରି ଏହି ଅଞ୍ଚଳ ପାଇଁ ଉଦାହରଣ ପାଲଟିଛନ୍ତି। ଏହାସହ ଦୀନକୃଷ୍ଣ ଜଣେ ପଞ୍ଜୀକୃତ ବିହନ ବିତରକ ଓ ସମାଜସେବୀ। ସେବା ପାଇଁ ବିଭିନ୍ନ ସଂଗଠନ ତଥା ସରକାରୀ କ୍ଷେତ୍ରରୁ ସେ ସମ୍ମାନିତ ହୋଇଛନ୍ତି। ଆମାଗୀ ଦିନରେ ଚାଷୀଙ୍କୁ ଉନ୍ନତମାନର ବିହନ, ସାର ସ୍ୱଳ୍ପ ଖର୍ଚ୍ଚରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛନ୍ତି ଦୀନକୃଷ୍ଣ।

ପ୍ରଭାତ କୁମାର ପଣ୍ଡା, ଶୁକ୍ଳି, ମୟୂରଭଞ୍ଜ

## ସୁବର୍ଣ୍ଣା



## ଫ୍ରୁଟ୍ ବ୍ୟାଗିଂ

ଫଳଚାଷ ପାଇଁ ବର୍ଷା, ଖରା, କୁଆପଥର, ରୋଗ ପୋକ ଆକ୍ରମଣ ସମସ୍ୟା ସୃଷ୍ଟି କରେ। ତେଣୁ ଫଳକୁ ସୁରକ୍ଷା ଦେବାକୁ ଫ୍ରୁଟ ବ୍ୟାଗିଂ କୌଶଳ ବିଶେଷ ଫଳପ୍ରଦ। ଫ୍ରୁଟ୍ ବ୍ୟାଗିଂ ହେଉଛି ଗଛରେ ଫଳ ଛୋଟ ଅବସ୍ଥାରେ ଥିଲେ ତାହାକୁ ସ୍ୱତନ୍ତ୍ର କାଗଜ, କପଡ଼ା କିମ୍ବା ଜୈବ-ଅବକ୍ଷୟଶୀଳ ବ୍ୟାଗ୍‌ରେ ଢାଙ୍କି ରଖିବାର ଏକ କୌଶଳ। ବିଶେଷ କରି ଏହା ଆମ୍ବ, ଲିଚୁ, ଡାଳିମ୍ବ, ସେଓ, ପିଜୁଳି, ଅଙ୍ଗୁର, ନାସପାତି ଭଳି ଫଳଚାଷରେ ବ୍ୟବହୃତ ହୁଏ। ଏହାର ବ୍ୟବହାର ଫଳବିନ୍ଧାମାଛି ଓ ଅନ୍ୟାନ୍ୟ କୀଟ ଆକ୍ରମଣ, ଧୂଳି, ବର୍ଷା, ପକ୍ଷୀ ଓ ଅନ୍ୟାନ୍ୟ ବାହ୍ୟ କ୍ଷତିରୁ ଫଳକୁ ସୁରକ୍ଷା ମିଳିଥାଏ। ଏହା ଉତ୍ତମ ଗୁଣବତ୍ତାର ଫଳ ଉତ୍ପାଦନରେ ସାହାଯ୍ୟ କରେ। ଫଳରେ କୀଟ ଓ ରୋଗର କ୍ଷତି କମିଯାଏ। ଫଳର ରଙ୍ଗ, ଆକାର ଓ ବଜାର ମୂଲ୍ୟ ବୃଦ୍ଧି ପାଉଥିବାରୁ ଚାଷୀଙ୍କୁ ଅଧିକ ଲାଭ ମିଳିପାରେ। ଏହି ବ୍ୟାଗ୍ ସୂତା ଓ ସ୍ୱତନ୍ତ୍ର ପେପର ହୋଇଥିବାରୁ ଏହା ପରିବେଶ ଅନୁକୂଳ।



## ବର୍ଷାଦିନେ ମହୁମାଛି ପରିଚାଳନା



**ମହୁମାଛିଙ୍କ ପାଇଁ ବର୍ଷାଋତୁ ସଙ୍କଟ ସମୟ। ଏହି ଦିନେ ମାଛିମାନେ ଆବଶ୍ୟକ ପରିମାଣର ପରାଗରେଣୁ ଓ ମକରନ୍ଦ ପାଇ ନ ଥାନ୍ତି। ମାଛିମାନେ ଖାଦ୍ୟ ସଂଗ୍ରହ ପାଇଁ ବାହାରକୁ ଯାଇ ପାରି ନ ଥାନ୍ତି। ଖାଦ୍ୟାଭାବ ଯୋଗୁଁ ରାଣୀ ମାଛି କମ୍ ଅଣ୍ଡା ଦେଉଥିବାରୁ ଦଳରେ ମାଛି ସଂଖ୍ୟା କମିଯାଏ। ତେଣୁ ବର୍ଷାଋତୁରେ ମହୁମାଛିଙ୍କ ବିଶେଷ ଯତ୍ନ ନେବାକୁ ପଡ଼ିଥାଏ।**

- ମହୁବାକ୍ସ ଥିବା ସ୍ଥାନ ଚାରିପଟେ ଉଠିଥିବା ଅନାବଶ୍ୟକ ଘାସ, ଲଟାକୁ ସଫା କରି ଏହା ଚାରିପଟେ କିପରି ସନ୍ତସନ୍ତିଆ ନ ରହିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏହାଦ୍ୱାରା ସାପ, ବେଙ୍ଗ, ପିମ୍ପୁଡି, ଜନ୍ଦା ଓ ଏଣ୍ଡୁଅ ଦାଉରୁ ବାକ୍ସକୁ ସୁରକ୍ଷା ମିଳେ।
- ଏହି ଋତୁରେ ମହମ ଶଲଭ ପୋକର ଆକ୍ରମଣ ଅଧିକ ହେଉଥିବାରୁ, ତଳପଟାକୁ ନିୟମିତ ବ୍ୟବଧାନରେ (୭ରୁ ୧୦ଦିନ ଅନ୍ତରରେ) ପରିଷ୍କାର କରିବା ଦରକାର। ଦୁର୍ବଳ ଦଳକୁ ଠାବ କରି ଅନୁମୋଦିତ ପ୍ରଣାଳୀରେ ମିଶାଇ ସବଳ କରିବା ଉଚିତ୍।
- ଏହି ସମୟରେ ମାଛି ଦ୍ୱାରା ଅନାବୃତଥିବା ପୁରୁଣା ଫେଣାକୁ ବାକ୍ସରୁ କାଢ଼ି ବାହାର କରି ଦେବା ଦରକାର।
- ବର୍ଷାଦିନେ ମାଛି ସଂଖ୍ୟା କମିଯିବା ହେତୁ ଶାବକ ଓ ମହୁକକ୍ଷ ମଧ୍ୟରେ ପଟା ରଖିବା କିମ୍ବା ମହୁ କକ୍ଷକୁ ବାକ୍ସରୁ ବାହାର କରିବା ଆବଶ୍ୟକ।
- କାଠ ନିର୍ମିତ ମହୁମାଛି ବାକ୍ସ ଉପରେ ବର୍ଷାପାଣି ଦାଉରୁ ରକ୍ଷା କରିବା ପାଇଁ ଉପରେ ଆଜ୍‌ବେଷ୍ଟସ୍ କିମ୍ବା ଜରି ଦେଇ ଆବୃତ କରିବେ। ଯେପରି ମହୁମାଛିମାନଙ୍କ ଯିବା ଆସିବାରେ ବାଧା ନ ଉପୁଜେ। ପାଖରେ ଥିବା ସବୁ ବାକ୍ସରେ ଏକା ସମୟରେ ଖାଦ୍ୟ ଦେବା ଦରକାର ନ ହେଲେ ମାଛିମାନଙ୍କ ମଧ୍ୟରେ ଖାଦ୍ୟ ପାଇଁ ଲଢ଼େଇ ହେବାର ଦେଖାଯାଏ।

## ହରଡ଼ର ଉନ୍ନତ କିସମ ଓ ଦର



ହରଡ଼ର ଉନ୍ନତ ସଅଳ କିସମ ଗୁଡ଼ିକ ହେଲା ପିଆର୍‌ଜି -୧୭୬, ପିଆର୍‌ଜି -୨୩୫, ଭିଏଲଅରହର -୧, ଏନ୍‌ଟିଏଲ୍ -୩୦(ଦୂର୍ଗା) ଇତ୍ୟାଦି। ବିହନ ବୁଣିବା ଆଗରୁ ଏକ କି.ଗ୍ରା. ହରଡ଼ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ୍ ଓ ଥିରାମର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରାଯାଏ। ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ ହରଡ଼କୁ ରାଇଜୋବିଅମ ବୀଜାଣୁ କଲ୍‌ଚର ୨୦ ଗ୍ରାମ୍ ନେଇ ଏକ କି.ଗ୍ରା. ବିହନରେ ଗୋଳାଇ ଉପଚାର କରାଯାଏ। ତେବେ ପିଆର୍‌ଜି-୧୭୬, ଏକ କି.ଗ୍ରା.କୁ ୨୫୦ଟଙ୍କା ହୋଇଥିବାବେଳେ ପିଆର୍‌ଜି -୨୩୫, ଏକ କି.ଗ୍ରା.କୁ ୨୩୦ ଟଙ୍କା, ଭିଏଲ ଅରହର-୧, ଏକ କି.ଗ୍ରା.କୁ ୨୪୦ଟଙ୍କା ଏବଂ ଏନ୍‌ଟିଏଲ୍ -୩୦(ଦୂର୍ଗା) ଏକ କି.ଗ୍ରା.କୁ ୪୦୦ଟଙ୍କା ମୂଲ୍ୟ ରହିଛି।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଆଗାମୀ ପାଞ୍ଚଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଙ୍କୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଉଅଛି।
- ପାଣିପାଗ ଅନୁକୂଳ ହେବା ପର୍ଯ୍ୟନ୍ତ ମୁଗ, ବିରି, ରାଶି ବୁଣାବୁଣି କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ।
- ଖାଲୁଆ ଜମିରେ ଧାନ ୨୧ ଦିନର ହୋଇଥିଲେ ମୁଖ୍ୟ ଜମିରେ ପ୍ରତିରୋପଣ କରିଦିଅନ୍ତୁ।
- ଆଖୁ ଗଛ ନ ପଡ଼ିବା ପାଇଁ ୪ରୁ ୫ଟି ଗଛର ପତ୍ର ଗୁଡ଼ିକୁ ଗୋଟିଏ ସ୍ଥାନରେ ବାନ୍ଧି ରଖନ୍ତୁ ଓ ଡେରା ଦିଅନ୍ତୁ।
- ପନିପରିବା ତଳିଘରାକୁ ବର୍ଷାରୁ ରକ୍ଷା କରିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘରା ଉପରେ ଛାମୁଣ୍ଡିଆ କରନ୍ତୁ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ।

## ଫସଲରୁ ଘାସ ନିୟନ୍ତ୍ରଣ କରୁଥିଲେ...

କୃଷି ବିଶେଷଜ୍ଞଙ୍କ ପରାମର୍ଶରେ ଫସଲର ଅବସ୍ଥା ଅନୁଯାୟୀ ଘାସମରା ଔଷଧ ପ୍ରୟୋଗ କରିବା ଉଚିତ। ଔଷଧ ସିଞ୍ଚନ ପାଇଁ ସକାଳ କିମ୍ବା ଅପରାହ୍ନ ସମୟ ସର୍ବୋତ୍ତମ। ଜମିରେ ପାଦବୁଡ଼ା ପାଣି ଥିଲେ ବାଲି ସହିତ ଘାସମରା ଔଷଧ ମିଶାଇ ପ୍ରୟୋଗ କରାଯାଇପାରେ। ଯଦି ପାଣି ସହିତ ସିଞ୍ଚନ କରୁଥାନ୍ତି, ସଫା ପାଣି ବ୍ୟବହାର କରିବା ଜରୁରି।

ରାସାୟନିକ ଘୋଳ ପ୍ରସ୍ତୁତି ସମୟରେ ରାସାୟନିକ ଏବଂ ପାଣିର ମାତ୍ରାକୁ ଧ୍ୟାନ ଦିଆଯାଏ। ଗୋଟିଏ ପ୍ରକାର ରାସାୟନିକକୁ ବାରମ୍ବାର ଫସଲରେ ପ୍ରୟୋଗ କରିବା ଅନୁଚିତ। ଔଷଧ ସିଞ୍ଚନ ସମୟରେ ସ୍ୱତନ୍ତ୍ର ପୋଷାକ, ଜୋତା, ଚଷମା ବ୍ୟବହାର ଫଳପ୍ରଦ। ଔଷଧ ସିଞ୍ଚନ ପରେ ସାବୁନରେ ଭଲଭାବେ ହାତଗୋଡ଼ ଓ ମୁହଁକୁ ଧୋଇବା ଆବଶ୍ୟକ।

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ଫାଇନାଲରେ ମୁରଲୀ, ଲୋକେଶ ଓ ତେଜସ୍

ଗ୍ଲାସ୍‌ଗୋ,୨୭।୭ (ଏଜେନ୍ସି)

ଏଠାରେ ଚାଲିଥିବା ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟଙ୍କ ପ୍ରଦର୍ଶନରେ ସୁଧାର ଆସିଛି। ଭାରୋତ୍ତୋଳନକାରୀମାନେ ପ୍ରଥମେ ପଦକ ଜିତିବା ପରେ ଏବେ ଆଥଲେଟଙ୍କ ପାଳି ଆସିଛି। ଆଥଲେଟିକ୍ସର ପ୍ରଥମ ଦିନରେ ୩ଜଣ ଆଥ୍‌ଲେଟ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୨୦୨୨ ରୌପ୍ୟ ବିଜେତା ମୁରଲୀ ଶ୍ରୀଶଙ୍କର, ଲୋକେଶ ସତ୍ୟନାଥାନ ଓ ତେଜସ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ସନ୍ତରଣରେ ସାଜନ ପ୍ରକାଶ ୨୦୦ ମିଟର ବଟରଫ୍ଲାଇ ଇଭେଣ୍ଟର ଫାଇନାଲରେ ସ୍ଥାନ ହାସଲ କରିଛନ୍ତି। ମଙ୍ଗଳବାର ୭ଟି ଇଭେଣ୍ଟରେ ଫାଇନାଲ ମୁକାବିଲା ହେବ। ଏଥିରେ ଭାରତକୁ ଅଧିକ ପଦକ ମିଳିବାର ସମ୍ଭାବନା ରହିଛି। ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍‌ସରେ ଫାଇନାଲରେ ପ୍ରବେଶ କରିଥିବା ପ୍ରତିଷ୍ଠା ସାମନ୍ତ ପଦକ ଜିତିବାରେ ବିଫଳ ହୋଇଛନ୍ତି।

### ■ ଲଙ୍ଗ୍‌ଜମ୍ପରେ ମୁରଲୀ ଓ ଲୋକେଶ

ପୁରୁଷ ଲଙ୍ଗ୍ ଜମ୍ପରେ ଭାରତରୁ ମୁରଲୀ ଓ ଲୋକେଶ ଅଂଶଗ୍ରହଣ କରିଥିଲେ। ମୁରଲୀ ପ୍ରଥମ ପ୍ରଚେଷ୍ଟାରେ ୮.୦୧ ମିଟର ଦୂରତାକୁ ଡେଇଁ ଫାଇନାଲ ମାର୍କ ଅତିକ୍ରମ କରିଥିଲେ। ଗତଥର ସେ ୮ ମିଟର ମାର୍କ ଅତିକ୍ରମ କରିଥିଲେ ମଧ୍ୟ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏଥର ଏହାକୁ ସ୍ୱର୍ଣ୍ଣ ପଦକରେ ପରିଣତ କରିବାକୁ ଆଶାୟୀ ଥିବା ମୁରଲୀଙ୍କୁ ମାଲେସିଆ ପ୍ରତିଯୋଗୀଙ୍କ ସହ କଡ଼ା ମୁକାବିଲା କରିବାକୁ ପଡ଼ିବ। ସେହିପରି ପ୍ରଥମଥର ଅଂଶଗ୍ରହଣ କରିଥିବା ଲୋକେଶ ସର୍ବାଧିକ ୭.୭୭ ମିଟର ଦୂରତାକୁ ଡେଇଁଥିଲେ। ଏହା କ୍ୱାଲିଫାଇଂ ମାର୍କକୁ ଅତିକ୍ରମ କରି ନ ଥିଲେ ମଧ୍ୟ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ଫାଇନାଲରେ ପ୍ରବେଶ କରିଥିଲେ। ସେ ଏକାଦଶ ସ୍ଥାନରେ ରହିଥିଲେ। ବୁଧବାର ଏହି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ।

### ■ ୧୧୦ ମିଟର ହର୍ଡଲ୍ସ ଫାଇନାଲରେ ତେଜସ୍

ଭାରତର ଆଉଜଣେ ଆଥଲେଟ୍ ତେଜସ୍ ଶୀର୍ଷେ ପୁରୁଷ ୧୧୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ହିଟ୍-୧ରେ ୧୩.୭୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତ୍ୟେକ ହିଟ୍ସର ୩ଜଣ ଲେଖାଏଁ ଆଥଲେଟ ଫାଇନାଲକୁ ଯିବାର ନିୟମ ରହିଥିବାରୁ ତେଜାସ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କ ହିଟ୍-୧ରେ ଇଂଲଣ୍ଡର ସାମ୍ ବେନେଟ୍ ୧୩.୨୦ ଓ ଜାମାଇକାର ଜେରୋମ କ୍ୟାମ୍ପବେଲ ୧୩.୩୩ ସେକେଣ୍ଡ ସମୟରେ ରେସ୍ ପୂରଣ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

### ■ ଗୋଟିଏ ବାଉଟ୍ ଜିତିଲେ କାଂସ୍ୟ

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂରେ ଭାରତର ଦୁଇ ପ୍ରତିଯୋଗୀ ଅଙ୍କୁଶ ପାଙ୍ଘଲ ଓ ସଚିନ ସିୱାଚ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନେ ଯଦି କ୍ୱାର୍ଟର ଫାଇନାଲରେ ବିଜୟୀ ହୁଅନ୍ତି, ତେବେ ପଦକ ଜିତିବା ପକ୍କା କରିବେ। ପୁରୁଷ ୮୦ କେଜି ପ୍ରି-କ୍ୱାର୍ଟରରେ ଅଙ୍କୁଶ ୫-୦ରେ ଆଣ୍ଟିଗୁଆର ଜଲାନ ଜାନ୍‌ଙ୍କୁ ହରାଇଥିଲେ। ସେହିପରି ପୁରୁଷ ୬୦ କେଜିରେ ସଚିନ ଇଂଲଣ୍ଡର ୱିଲିୟମ ହେୱିଟଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

### ■ ଗୁରିନ୍ଦରବୀର ହିଟ୍‌ସରୁ ବାଦ୍

ପୁରୁଷ ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡଧାରୀ ଗୁରିନ୍ଦରବୀର ସିଂହ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ସେ ୧୦.୩୯ ସେକେଣ୍ଡରେ ରେସ୍ ପୂରଣ କରିଥିଲେ। ଫଳରେ ଏହି ପ୍ରତିଯୋଗିତାରେ ପ୍ରଥମ ୧୭ଜଣଙ୍କ ମଧ୍ୟରେ ସ୍ଥାନ ନ ପାଇ ବିଦାୟ ନେଇଥିଲେ। ଏହି ଦୂରତାକୁ ସେ ପୂର୍ବରୁ ୧୦.୦୯ ସେକେଣ୍ଡରେ ଅତିକ୍ରମ କରି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏଠାରେ ସେ ତାଙ୍କ ପୂର୍ବ ପ୍ରଦର୍ଶନ ଦୋହରାଇବାରେ ବିଫଳ ହୋଇଥିଲେ।

### ■ ସାଜନଙ୍କ ଶ୍ରେଷ୍ଠ ଟାଇମିଂ

ପୁରୁଷ ୨୦୦ ମିଟର ବଟରଫ୍ଲାଇ ସନ୍ତରଣରେ ଭାରତର ସାଜନ ପ୍ରକାଶ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ଫାଇନାଲରେ ପ୍ରବେଶ କରିଛନ୍ତି। ସନ୍ତରଣ ରେସ୍ ଆରମ୍ଭ ହେବା ମାତ୍ରେ ପ୍ରଥମ ୫୦ ମିଟରରେ ଚତୁର୍ଥ ସ୍ଥାନରେ ରହିଥିଲେ। ୧୦୦ ମିଟର ବେଳକୁ ସମସ୍ତଙ୍କୁ ପଛରେ ପକାଇ ସାଜନ ଆଗକୁ ଚାଲିଯାଇଥିଲେ। ଏହି ସମୟରେ ଇଂଲଣ୍ଡର ଡନ୍‌କାନ ସ୍କଟ ତାଙ୍କୁ ଅତିକ୍ରମ କରିଯାଇଥିଲେ। ଏହାସତ୍ତ୍ୱେ ସାଜନ ୧ ମିନିଟ୍ ୫୮.୫୯ ସେକେଣ୍ଡରେ ଏହି ଦୂରତାକୁ ଅତିକ୍ରମ କରି ପ୍ରଥମ ୮ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଫଳରେ ସେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱାତିକ ପାଟିଲ ୧ ମିନିଟ୍ ୧୫.୮୫ ସେକେଣ୍ଡ ସମୟ ନେଇ ହିଟ୍-୨'ରେ ଚତୁର୍ଥ ସ୍ଥାନ ଅଧିକାର କରିବା ସହ ଦ୍ୱିତୀୟ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି।




## ଜ୍ଞାନେଶ୍ୱରୀଙ୍କୁ ରୌପ୍ୟ

ଭାରୋତ୍ତୋଳନକାରୀ ଜ୍ଞାନେଶ୍ୱରୀ ଯାଦବ ଭାରତ ଲାଗି ଆଉ ଏକ ପଦକ ଜିତିବାରେ ସଫଳ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ୫୩ କିଲୋଗ୍ରାମ୍ ଶ୍ରେଣୀରେ ସେ ୧୯୯ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସ୍ନାଚ୍‌ରେ ସେ ୮୮ କେଜି ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୧୧ କେଜି ଓଜନ ଉଠାଇଥିଲେ। କିନ୍ତୁ ତାଙ୍କ ନାଇଜେରୀୟ ପ୍ରତିଦ୍ୱନ୍ଦ୍ୱୀ ଦିଧି ୨୦୬ କେଜି ଓଜନ ଉଠାଇ ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିଦେଇଥିଲେ। ଗତକାଲି ରାତିରେ ଭାରତର ରାଜା ମୁଥୁପାଣ୍ଡି ପୁରୁଷ ୬୫ କିଲୋଗ୍ରାମ୍ କାଟେଗୋରୀରେ ରୌପ୍ୟ ପଦକ ଓ ମିରାବାଇ ଚାନୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ମୁଥୁପାଣ୍ଡି ୨୮୬ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସୋମବାର ଜ୍ଞାନେଶ୍ୱରୀ ରୌପ୍ୟ ଜିତିବା ପରେ ଭାରତର ପଦକ ସଂଖ୍ୟା ୫ରେ ପହଞ୍ଚିଛି। ଏ ସମସ୍ତ ପଦକ କେବଳ ଭାରୋତ୍ତୋଳନରୁ ଆସିଛି। ମିରାବାଇ ଚାନୁ ଏକମାତ୍ର ସ୍ୱର୍ଣ୍ଣ, ରିଷିକାନ୍ତ ସିଂ, ରାଜା ମୁଥୁପାଣ୍ଡି ଓ ଜ୍ଞାନେଶ୍ୱରୀ ଦେବୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପାରା ଭାରୋତ୍ତୋଳନରେ କାଂସ୍ୟ ପଦକଟି ମିଳିଛି।

## ଝାଣ୍ଡୁଙ୍କୁ ୧୦ ଲକ୍ଷ ପୁରସ୍କାର

ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ଖାତା ପାଇଁ ପ୍ରଥମ ପଦକ ଜିତିଥିବା ଝାଣ୍ଡୁ କୁମାରଙ୍କୁ ସୋମବାର କ୍ରୀଡ଼ା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ନଗଦ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଝାଣ୍ଡୁଙ୍କୁ ପ୍ରଦାନ କରିଛନ୍ତି। ଝାଣ୍ଡୁ ସ୍କଟଲାଣ୍ଡରୁ ସ୍ୱଦେଶ ଦେଶ ଫେରିବା ପରେ କ୍ରୀଡ଼ାମନ୍ତ୍ରୀଙ୍କ ବାସଭବନରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ପାରା-ଶକ୍ତିଉତ୍ତୋଳନର ପୁରୁଷ ହେଭିୱେଟ୍ ବର୍ଗରେ ଝାଣ୍ଡୁ ୧୯୦ କିଲୋଗ୍ରାମର ଭାର ଉଠାଇ କାଂସ୍ୟ ଜିତିଥିଲେ।

# ପାଣ୍ଡ୍ୟାଙ୍କ ବଦଳରେ ୨ ଖେଳାଳି ଓ ୧୦ କୋଟି ଦେବ ସିଏସ୍‌କେ

**ଆଇପିଏଲ୍ ଖେଳାଳି ଡିଲ୍**

ଚେନ୍ନଇ, ୨୭।୭ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦ତମ ସିଜନ ପୂର୍ବରୁ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ମୁମ୍ବଇ ଇଣ୍ଡିଆନ୍ସ ମଧ୍ୟରେ ଏକ ବଡ଼ ଖେଳାଳି ଡିଲ୍ ହେବାକୁଯାଉଛି। ଯେଉଁଥିରେ ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବଇ ଛାଡ଼ି ସିଏସକେରେ ଯୋଗଦେବା ଚର୍ଚ୍ଚା ଜୋର୍ ଧରିଛି। ରିପୋର୍ଟ ଅନୁଯାୟୀ, ହାର୍ଦ୍ଦିକଙ୍କୁ ତାଙ୍କ ଦଳକୁ ଆଣିବା ପାଇଁ ସିଏସକେ ସିଇଓ କାଶୀ ବିଶ୍ୱନାଥନ୍ ଜୋରଦାର ପ୍ରୟାସ କରୁଛନ୍ତି। ଡିଲ୍ ଅନୁଯାୟୀ ମୁମ୍ବଇ ପାଣ୍ଡ୍ୟାଙ୍କ ବଦଳରେ ସିଏସକେ'ରୁ ଶିବମ୍ ଦୁବେ ଏବଂ ଆୟୁଷ ମହାତ୍ରେଙ୍କୁ ଦାବି କରିଥିଲା। ସିଏସକେ ଦୁବେଙ୍କୁ ଛାଡ଼ିବାକୁ ଇଚ୍ଛୁକ ରହିଛି, କିନ୍ତୁ ୧୯ ବର୍ଷୀୟ ଷ୍ଟାର ଓପନର ଆୟୁଷଙ୍କୁ ମୁକ୍ତ କରିବାକୁ ରାଜି ନାହିଁ। ଆୟୁଷଙ୍କ ସ୍ଥାନରେ ସିଏସକେ ଡେୱାଲ୍ଡ ବ୍ରେଭିସ୍‌ଙ୍କୁ ମୁମ୍ବଇ ପଠାଇବାକୁ ପ୍ରସ୍ତାବ ଦେଇଛି। କେବଳ ଏତିକି ନୁହେଁ, ସିଏସକେ ଦୁବେ ଓ ବ୍ରେଭିସ୍‌ଙ୍କ ସହ ଅତିରିକ୍ତ ୧୦ କୋଟି ଦେବାକୁ ମଧ୍ୟ ପ୍ରସ୍ତୁତ ରହିଛି। ଯଦି ଉଭୟ ଫ୍ରାଞ୍ଚାଇଜ୍ ଏଥିରେ ରାଜି ହୁଅନ୍ତି, ତେବେ ଏହି ଚୁକ୍ତି ୨୦ କୋଟିରୁ ଅଧିକ ମୂଲ୍ୟର ହେବ।

## ସାନ୍ ମାସୁଦଙ୍କ ୭ମ ଟେଷ୍ଟ ଶତକ

ତ୍ରିନିଦାଦ,୨୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ପାକିସ୍ତାନ ଦୃଢ଼ ବ୍ୟାଟିଂ କରିଛି। ୱେଷ୍ଟଇଣ୍ଡିଜର ୩୧୧ ରନ ଜବାବରେ ପାକିସ୍ତାନ ସୋମବାର ତୃତୀୟ ଦିବସ ଶେଷ ରିପୋର୍ଟ ସୁଦ୍ଧା ୬୫ ଓଭରରେ ୫ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। କ୍ୟାରିୟରର ୭ମ ଟେଷ୍ଟ ଶତକ ହାସଲ କରିଥିବା ସାନ ମାସୁଦ ସର୍ବାଧିକ ୧୦୯ ରନ କରିଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଇମାମ-ଉଲ୍-ହକ ୬୩, ଅଧିନାୟକ ବାବର ଆଜମ ୨୩, ସଲମନ ଆଘା ୨୦ ଓ ଓପନର୍ ଆୱେସ ଖାତା ଖୋଲିପାରି ନ ଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ସାମରା ଜୋସେଫ ଓ ଜଷ୍ଟିନ ଗ୍ରେଭେସ ୨ଟି ଲେଖାଏ ୱିକେଟ ନେଇଛନ୍ତି।

## ଲଳିତ ଓ ଆୟୁଷ୍ମାନ ଆଗୁଆ

ଭୁବନେଶ୍ୱର,୨୭।୭ (ସମିସ): ପୁରୀର ୧୫ ବର୍ଷରୁ କମ୍ ଖେଳାଳି ଆୟୁଷ୍ମାନ ମହାନ୍ତି କିଟ୍ କ୍ୟାମ୍ପସରେ ଚାଲିଥିବା ରାଜ୍ୟ ସିନିଅର ଚେସରେ ୬ଷ୍ଠ ରାଉଣ୍ଡ ସୁଦ୍ଧା ଆଗୁଆ ରହିଛନ୍ତି। ଏହି ରାଉଣ୍ଡ ଶେଷରେ ସେ ଓ ଅନ୍ୟତମ ଉଦୀୟମାନ ଖେଳାଳି କଟକର ଲଳିତରଞ୍ଜନ ସାହୁ ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ତେବେ ବୁକୋଲଜ୍‌ରେ ଆୟୁଷ୍ମାନ ପ୍ରଥମ ସ୍ଥାନରେ ଅଛନ୍ତି। ଏମାନଙ୍କ ପଛକୁ ୧୦ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।



**ରାଜ୍ୟ ସିନିଅର ରେଟିଂ ଚେସ୍**


**କଳିଙ୍ଗରେ ରାଜ୍ୟ ଜୁନିଅର ଭାରୋତ୍ତୋଳନ ଉଦ୍‌ଯାପିତ**

# ଭୁବନେଶ୍ୱର, ଗଞ୍ଜାମ ଚାମ୍ପିଅନ

ଭୁବନେଶ୍ୱର,୨୭।୭ (ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ବିଭାଗରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଓ ୧୨ ବର୍ଷରୁ କମ୍ ବିଭାଗରେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୧୪ ବର୍ଷରୁ କମ୍‌ରେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ରନର୍ସଅପ୍ ଓ ଢେଙ୍କାନାଳ ତୃତୀୟସ୍ଥାନ ଅଧିକାର କରିଛି। ୧୨ ବର୍ଷରୁ କମ୍‌ରେ ଢେଙ୍କାନାଳ ରନର୍ସଅପ୍ ଓ ଭୁବନେଶ୍ୱର ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଓଡବ୍ଲ୍ୟୁଏଚ୍‌ପିସିର ପୂର୍ଣ୍ଣିମା ହାଁସ୍‌ଦା, ବାଳକ ବିଭାଗରେ କଟକ ମଳିଙ୍ଗ ଜିମ୍ନାସିୟମର ରାଜବୀର ଦଳାଇ, ୧୪ ବର୍ଷରୁ କମ୍ ବାଳିକାରେ ଭୁବନେଶ୍ୱର ଓଡବ୍ଲ୍ୟୁଏଚ୍‌ପିସିର ମୋମି କବାସି ଓ ଘାସିରାମ ନାଏକ ଶ୍ରେଷ୍ଠ ଭାରୋତ୍ତୋଳନକାରୀ ଭାବେ ବିବେଚିତ ହୋଇଛନ୍ତି। ଖେଳ ଶେଷରେ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ସଘ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

## ସୁଟିଂ ବିଶ୍ୱକପ୍: ଇଶାଙ୍କୁ ସ୍ୱର୍ଣ୍ଣ

ହାଙ୍ଗଝୋଉ, ୨୭।୭ (ଏଜେନ୍ସି): ଚାଇନାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ସୁଟିଂ ବିଶ୍ୱକପରେ ଭାରତକୁ ସୋମବାର ଡବଲ୍ ପଦକ ସଫଳତା ମିଳିଛି। ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଇଶା ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୨୧ ବର୍ଷୀୟା ଇଶା ୪୦ ସ୍କୋର କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଚାଇନାର ଝାଙ୍ଗ ୟୁୟୁ ୩୭ ସ୍କୋର ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟର କାଂସ୍ୟ ପଦକ ଭାରତର ମନୁ ଭାକରଙ୍କୁ ମିଳିଥିଲା। ଡବଲ୍ ଅଲିମ୍ପିକ ପଦକ ବିଜୟିନୀ ମନୁ ୨୮ ସ୍କୋର କରିଥିଲେ। ସୁଟିଂ ବିଶ୍ୱକପରେ ଇଶାଙ୍କ ଏହା କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଥିଲା। ଏଥିପୂର୍ବରୁ ମେ ମାସରେ ମ୍ୟୁନିକରେ ଅନୁଷ୍ଠିତ ବିଶ୍ୱକପରେ ସେ ୨୫ ମିଟର ପିସ୍ତଲ ଇଭେଣ୍ଟରେ ଚାମ୍ପିଅନ ହୋଇଥିଲେ।

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes.
Interested parties may contact:
8249526803




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS